R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୫୧
ତିଥି : ସପ୍ତମୀ
୨୮ ସେପ୍ଟେମ୍ବର ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 351
28 Sept 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




### ଝାରସୁଗୁଡ଼ାରେ ୬୦ ହଜାରରୁ ଉର୍ଦ୍ଧ୍ୱ କୋଟିର ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

# ବିକଶିତ ଓଡ଼ିଶା ଲାଗି ମୋଦୀଙ୍କ ଆହ୍ୱାନ

ଭୁବନେଶ୍ୱର, ୨୭।୯ (ସବ୍ୟୁ) : ଓଡିଶା ଦଶନ୍ଧି ଧରି ଦାରିଦ୍ର୍ୟ ସହି ଆସିଛି । ଆଗାମୀ ଦଶନ୍ଧି ରାଜ୍ୟବାସୀଙ୍କ ପାଇଁ ସମୃଦ୍ଧି ଆଣିବ । ପୂର୍ବୋଦୟ ନକ୍ସାରେ ସମୃଦ୍ଧିର ସ୍ୱାକ୍ଷର ଦେଉଛି ଓଡିଶା । ଓଡିଶାବାସୀଙ୍କ ଦକ୍ଷତା ଓ ପ୍ରତିଭା ଉପରେ ତାଙ୍କର ଦୃଢ ବିଶ୍ୱାସ ରହିଛି । ସମୃଦ୍ଧି ହ୍ରାସ କରିବା ପାଇଁ ସରକାର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଆଣୁଛନ୍ତି । ଚିପ୍ସ ଠାରୁ ଜାହାଜ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଆତ୍ମ ନିର୍ଭରଶୀଳତା ହାସଲ ପାଇଁ ସରକାରଙ୍କ ସଂକଳ୍ପ ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ।

ଦିନିକିଆ ଓଡିଶା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ଆଜି ଝାରସୁଗୁଡାଠାରେ




ପହଞ୍ଚିଥିଲେ । ସେଠାରେ ଆୟୋଜିତ ଏକ ସମାବେଶରେ ପ୍ରଧାନମନ୍ତ୍ରୀ ୬୦ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ (୯ ପୃଷ୍ଠାରେ)

### ଆମ ସମସ୍ତଙ୍କ ଲାଗି ମହୋତ୍ସବର ଦିନ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୯ (ସବ୍ୟୁ) : ଝାରସୁଗୁଡ଼ାରେ ଆପଣଙ୍କର ଏହି କାର୍ଯ୍ୟକ୍ରମ ବିଧିର ବିଧାନ ଅଟେ । କାରଣ, ଝାରସୁଗୁଡ଼ାର ଏହି ବୀର ସୁରେନ୍ଦ୍ର ସାଏ ଏୟାରପୋର୍ଟ ଠିକ୍ ଆଠ ବର୍ଷ ପୂର୍ବେ, ସେପ୍ଟେମ୍ବର ୨୨ ତାରିଖରେ, ଆପଣଙ୍କର କରକମଳରେ ଲୋକାର୍ପିତ ହୋଇଥିଲା । ଆଜି, ଏହି ଏୟାରପୋର୍ଟ, ଓଡ଼ିଶାକୁ ବିଶେଷକରି ପଶ୍ଚିମ ଓଡ଼ିଶାର ବିକାଶର ଗତିକୁ ତ୍ୱରାନ୍ୱିତ କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଝାରସୁଗୁଡ଼ାଠାରେ ଆୟୋଜିତ ସମାବେଶରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ କିଛିଦିନ ପୂର୍ବେ ସମଗ୍ର ଦେଶ, ହର୍ଷ-ଉଲ୍ଲାସର ସହିତ, ଆପଣଙ୍କର ଜନ୍ମଦିବସ ପାଳନ କରିଥିଲା । ଏହା କେବଳ ଏକ ଜନ୍ମଦିବସ ଉତ୍ସବ ନଥିଲା, ବରଂ ଏହା ଥିଲା ଦେଶ ପ୍ରତି ଆପଣଙ୍କର ପଚାଶ ବର୍ଷରୁ ଅଧିକ ସମୟଧରି, ଅତୁଟ ସମର୍ପଣ ଭାବରେ କରିଥିବା ସେବାର ପ୍ରତିଫଳନ । ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ 'ସେବା ପକ୍ଷ' ଭାବରେ ପାଳନ କରିବା ଏହାର (୯ ପୃଷ୍ଠାରେ)

### ବିଜୟଙ୍କ ରାଲିରେ ଦଳାଚକଟା

# ୩୬ ମୃତ, ଶତାଧିକ ଆହତ

ନୂଆଦିଲ୍ଲୀ, ୨୭।୯ : ଅଭିନେତାରୁ ନେତା ବନିଥିବା ସୁପରଷ୍ଟାର ବିଜୟଙ୍କ ରାଲିରେ ବଡଧରଣର ଅଘଟଣ ଘଟିଛି । ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ପକ୍ଷରୁ କରୁର ଠାରେ ଏକ ପ୍ରଚାର ଶୋଭାଯାତ୍ରା ଚାଲିଥିବାବେଳେ ଏଭଳି ଘଟଣା ଘଟିଛି । ଦଳାଚକଟାରେ ୩୬ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବା ଆଶଙ୍କା କରାଯାଉଛି । ଏଥିରେ ବହୁ ସଖ୍ୟକ ଲୋକ ଆହତ ହୋଇଥିବାର ମଧ୍ୟ ସୂଚନା ମିଳିଛି । ରାଲିରେ ୧୦ ହଜାର ଲୋକ ହେବେ ବୋଲି ଆକଳନ କରାଯାଇଥିଲା । ମାତ୍ର ୧.୨୦ ଲକ୍ଷ ବର୍ଗଫୁଟ ଅଞ୍ଚଳରେ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ସମାବେତ ହୋଇଥିଲେ ।

ରିପୋର୍ଟ ଅନୁଯାୟୀ ଭିଡ ଏତେ ଅଧିକ ଥିଲା ଯେ ଦଳାଚକଟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ଏଥିରେ ମହିଳା ଏବଂ ପିଲା ମଧ୍ୟ ଅଛନ୍ତି । ଅତ୍ୟଧିକ ଭିଡ ଯୋଗୁ (୯ ପୃଷ୍ଠାରେ)

# ୩୦ରେ ଘୂର୍ଣ୍ଣିବଳୟ, ୧ରେ ଲଘୁଚାପ

ଭୁବନେଶ୍ୱର, ୨୭।୯ (ସବ୍ୟୁ): ଗୋଟିଏ ଲଘୁଚାପ ଯାଇନି, ପୁଣି ଏକ ଲଘୁଚାପ ଆସୁଛି। ବଙ୍ଗୋପସାଗରରେ ଅବପାତ ଏବେ ଲଘୁଚାପ ନେବା ସହ ରାଜ୍ୟରେ ପ୍ରବଳ ବର୍ଷିଛି। ଉପକୂଳ ଠାରୁ ଆରମ୍ଭ କରି ଦକ୍ଷିଣ ଯାଏ ସବୁଠି ବର୍ଷା ଲାଗି ରହିଥିଲା। ତେବେ ଆଉ ଏକ ଲଘୁଚାପ ୧ ତାରିଖ ବେଳକୁ ଦାନୀ ବାନ୍ଧିବା ଦଶହରାକୁ ପୂରା ଧୋଇ ଦେବ ସମ୍ଭାବ୍ୟ ଲଘୁଚାପ ।

ପାଣିପାଗ ବିଭାଗର କହିବା ଅନୁସାରେ ଉତ୍ତର (୯ ପୃଷ୍ଠାରେ)



## ଆଜି ଜନ୍ମଦିନ


## ଲତା ମଙ୍ଗେସକର



ଭାରତୀୟ ସଙ୍ଗୀତ ଜଗତର ଜଣେ ଜୀବନ୍ତ କିମ୍ବଦନ୍ତୀ ଭାବେ ଲତା ମଙ୍ଗେସକର ପରିଚିତ । ସଙ୍ଗୀତ କ୍ଷେତ୍ରକୁ ତାଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର 'ଭାରତରତ୍ନ'ରେ ସମ୍ମାନିତ କରାଯାଇଛି । ଲତା ମଙ୍ଗେସକରଙ୍କ ଜନ୍ମ ମଧ୍ୟପ୍ରଦେଶର ଇନ୍ଦୋରରେ ୧୯୨୯ ମସିହା ସେପ୍ଟେମ୍ବର ୨୮ ତାରିଖରେ ହୋଇଥିଲା । ତାଙ୍କର ପିତା ଦିନାନାଥ ମଙ୍ଗେସକର ଜଣେ ଶାସ୍ତ୍ରୀୟ ସଙ୍ଗୀତ ଗାୟକ ଓ ମଞ୍ଚ କଳାକାର ଥିଲେ । ଲତା ୫ବର୍ଷ ବୟସରୁ ତାଙ୍କ ପିତାଙ୍କଠାରୁ ସଙ୍ଗୀତ ଶିକ୍ଷା କରିଥିଲେ । ତାଙ୍କ ସହ ତାଙ୍କ ସାନ ଭଉଣୀ ଆଶା, ଉଷା, ମୀନା ଓ ଭାଇ ହୃଦୟନାଥ ମଧ୍ୟ ସଙ୍ଗୀତ ଶିକ୍ଷା କରୁଥିଲେ । ଲତା ମାତ୍ର ୧୩ ବର୍ଷର ହୋଇଥିବାବେଳେ ତାଙ୍କ ପିତାଙ୍କର ହୃଦରୋଗରେ ଦେହାନ୍ତ ହୋଇଥିଲା । ଲତାଙ୍କର ସଙ୍ଗୀତ କ୍ୟାରିୟର ୧୯୪୨ରୁ ଆରମ୍ଭ ହୋଇଥିଲା । ସେ ୧୯୪୨ରୁ ୧୯୪୮ ମଧ୍ୟରେ ପାଖାପାଖି ଆଠଟି ହିନ୍ଦୀ ଓ ମରାଠୀ ଚଳଚ୍ଚିତ୍ରରେ କଣ୍ଠଦାନ କରିଥିଲେ । ୧୯୪୨ ମସିହାରେ ମରାଠୀ ଚଳଚ୍ଚିତ୍ର 'କିଟି ହାସଲ'ରୁ ସେ ଗାୟିକା ଭାବେ କ୍ୟାରିୟର ଆରମ୍ଭ କରିଥିଲେ । ଏହାପରେ ଏହି କ୍ୟାରିୟର ଲମ୍ବି ଚାଲିଲା, ଯେଉଁଥିରେ ଶହଶହ ଗୀତ ସାମିଲ ହେଲା । ୧୯୬୩ରେ ଭାରତ-ଚୀନ ଯୁଦ୍ଧ ସମୟରେ ଲତାଙ୍କର ଦେଶାତ୍ମବୋଧକ ଗୀତ 'ଏ ମେରେ ୱତନ୍ କେ ଲୋଗୋଁ' ଶୁଣି ସେତେବେଳର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଭାବ ବିହ୍ୱଳ ହୋଇଯାଇଥିଲେ । ତାଙ୍କୁ ଏହି ଗୀତ ପାଇଁ 'ପଦ୍ମଭୂଷଣ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ୧୯୭୦ରୁ ୧୯୮୦ ମଧ୍ୟରେ ଲତା ତିନି ଜଣ ପ୍ରମୁଖ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ୍, କଲ୍ୟାଣଜୀ ଆନନ୍ଦଜୀ ଓ ରାହୁଲ ଦେବ ବର୍ମନଙ୍କ ସହ କାମ କରିଥିଲେ। ସେ 'ହମ୍ ଆପକେ ହେ କୌନ୍', 'ବୀରଜାରା' ପରି ରୋମାଣ୍ଟିକ୍ ଚଳଚ୍ଚିତ୍ରରେ ମଧ୍ୟ କଣ୍ଠଦାନ କରିଥିଲେ । ଲତା ତାଙ୍କର ସମଗ୍ର ଜୀବନକୁ ସଙ୍ଗୀତ ପାଇଁ ସମର୍ପିତ କରିଥିଲ । ଏହି ମହାନ ଗାୟିକାଙ୍କର ୬ ଫେବ୍ରୁଆରୀ ୨୦୨୨ରେ ୯୨ ବର୍ଷରେ ଦେହାନ୍ତ ହୋଇଥିଲା ।

## କବିବର ରାଧାନାଥ ରାୟ

ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଜନକ ଭାବରେ ପରିଚିତ ରାଧାନାଥ ରାୟ । ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ସୋର ଅନ୍ତର୍ଗତ କେଦାରପୁର ଗ୍ରାମରେ ୨୮ ସେପ୍ଟେମ୍ବର ୧୮୪୮ରେ ରାଧାନାଥ ରାୟ ଜନ୍ମଗ୍ରହଣ କରିଥିଲେ । ସେ ବାଲେଶ୍ୱର ଜିଲ୍ଲାସ୍କୁଲରୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେତେବେଳେ କଟକରେ ଉଚ୍ଚତର ଶିକ୍ଷା ନିମନ୍ତେ କଲେଜ ନଥିବାରୁ କଲିକତାକୁ ଏଫ୍.ଏ. ପଢ଼ିବାକୁ ଯାଇଥିଲେ । ତେବେ ସେଠାରେ ରୋଗରେ ପୀଡ଼ିତ ହୋଇ ଉଚ୍ଚଶିକ୍ଷା ବନ୍ଦ କରି ଓଡ଼ିଶାକୁ ଫେରିଆସିଥିଲେ । କିଛିଦିନ ପରେ ସେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ମାସିକ ତିନି ଟଙ୍କା ବେତନରେ ତୃତୀୟ ଶିକ୍ଷକ ପଦରେ ନିଯୁକ୍ତ ହୋଇଥିଲେ । କଲେଜରେ ପଢ଼ି ନପାରିବାରୁ ସେ ନିଜେ ଘରେ ପାଠ ପଢ଼ି ଏଫ୍.ଏ. ପାସ୍ କରିଥିଲେ ଓ ବି.ଏ. ପରୀକ୍ଷାର ସମସ୍ତ ପାଠ୍ୟପୁସ୍ତକ ନିଜ ଉଦ୍ୟମରେ ଘରେ ପଢ଼ିଥିଲେ । ସଦାଶିବ ନନ୍ଦଙ୍କ ପାଖରେ ରାଧାନାଥ ଓ ଫକୀରମୋହନ ସେନାପତିଙ୍କ ସଂସ୍କୃତ କାବ୍ୟ ନାଟକାଦି ଅଧ୍ୟୟନ କରିଥିଲେ । ବାଲେଶ୍ୱର ଜିଲ୍ଲା ସ୍କୁଲରେ ରାଧାନାଥ ପାଞ୍ଚ ବର୍ଷକାଳ ଚାକିରି କରିଥିଲେ । ଏହି ସମୟରେ ରେମୁଣାର ଚନ୍ଦ୍ରମୋହନ ଆଦିତ୍ୟଙ୍କ କନ୍ୟା ପରଶମଣିଙ୍କୁ ସେ ବିବାହ କରିଥିଲେ । ଏହାପରେ ସେ ଦ୍ୱିତୀୟ ଶିକ୍ଷକ ପଦରେ ପୁରୀ ଜିଲ୍ଲାସ୍କୁଲକୁ ବଦଳି ହେଲେ । ସେଠାରେ ମଧୁସୂଦନ ରାଓ ତାଙ୍କର ଛାତ୍ର ଥିଲେ । ପୁରୀରୁ ସେ ପୁଣି ବାଙ୍କୁଡ଼ାକୁ ବଦଳି ହେଲେ ଓ ସେଠାରୁ ୧୮୭୬ରେ ସ୍କୁଲ ବିଭାଗୀୟ ଡେ଼ପୁଟି ଇନ୍ସପେକ୍ଟର ପଦରେ ବାଲେଶ୍ୱର ଜିଲ୍ଲାକୁ ଫେରିଆସିଲେ । ତାଙ୍କ ସାହିତ୍ୟ ରଚନା ଓ ଓଡ଼ିଶାର ଶିକ୍ଷା ବିସ୍ତାର ନିମନ୍ତେ ବ୍ରିଟିଶ ସରକାର ତରଫରୁ ସେ 'ରାୟ ବାହାଦୁର' ଉପାଧି ପାଇଥିଲେ । ଚିଲିକା ଓ ତାଙ୍କ ରଚିତ ଦରବାର କାବ୍ୟ ବେଶ୍ ଲୋକପ୍ରିୟ । ଗଡ଼ଜାତ ଭ୍ରମଣରୁ ଫେରି ଜ୍ୱରରେ ଆକ୍ରାନ୍ତ ହେବାରୁ ୧୯୦୮ ଏପ୍ରିଲ ୧୭ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା ।



## ପୁପ୍ ମ୍ୟୁଜିୟମ୍



ସୋସିଆଲ୍ ମିଡିଆରେ ବର୍ତ୍ତମାନ ଏକ ଅଜବ ମ୍ୟୁଜିୟମ୍‌ର କିଛି ଭିଡିଓ ଓ ଫଟୋ ଭାଇରାଲ୍ ହେବାରେ ଲାଗିଛି । ଏହି ମ୍ୟୁଜିୟମ୍‌ରେ ଆକର୍ଷଣୀୟ ପେଣ୍ଟିଂ ସାଙ୍ଗକୁ ଆଶ୍ଚର୍ଯ୍ୟକର ଟେକ୍ନିକ୍, ବିଜ୍ଞାନ ଓ ରଙ୍ଗବେରଙ୍ଗର ୟୁନିକ୍ କଳାକୃତିକୁ ସ୍ଥାନ ଦିଆଯାଇଛି । ତେବେ ସବୁଠୁ ଆଶ୍ଚର୍ଯ୍ୟକର ପ୍ରସଙ୍ଗ ହେଉଛି ଏହି ମ୍ୟୁଜିୟମ୍‌ର ଥିମ୍, ଯାହା ପୁପ୍ ବା ମଳ ଉପରେ ଆଧାରିତ । ଯେଉଁଥିରେ କପ୍‌କେକ୍, ଆଇସ୍‌କ୍ରିମ୍ ଆଦି ସମସ୍ତ ସାମଗ୍ରୀକୁ ପୁପ୍ ଭଳି ଡିଜାଇନ୍ କରାଯାଇଛି । ଯାହା ବର୍ତ୍ତମାନ ସୋସିଆଲ୍ ମିଡିଆ ୟୁଜର୍ସଙ୍କର ଦୃଷ୍ଟି ଆକର୍ଷଣ କରିଛି । ଏହାକୁ ଦେଖି ୟୁଜର୍ସ ବିଭିନ୍ନ ପ୍ରକାରର ପ୍ରତିକ୍ରିୟା ଦେଉଛନ୍ତି । ଏହି ମ୍ୟୁଜିୟମ୍‌ଟିକୁ ଜାପାନର ରାଜଧାନୀ ଟୋକିଓରେ ଶୁଭାରମ୍ଭ କରାଯାଇଥିବାବେଳେ ଏହାର ନାଁ ରଖାଯାଇଛି ୟୁନକୋ ମ୍ୟୁଜିୟମ୍ । ଟଏଲେଟ୍ ସିଟ୍ କଭର ଥିମ୍ ଥିବା ଏଣ୍ଟ୍ରି ଗେଟ୍‌ରୁ ଭାଇରାଲ୍ ଭିଡିଓଟି ଆରମ୍ଭ ହୋଇଛି । ଏହି ଗେଟ୍‌ରେ ପ୍ରବେଶ କରିବା ପରେ କ୍ୟାଣ୍ଡି, କପ୍‌କେକ୍ ଆଦି ସବୁକିଛିକୁ ପୁପ୍ ବା ମଳ ଆକାରରେ ସଜାଯାଇଥିବା ଦେଖିବାକୁ ମିଳିଛି । ଏହାପରେ ଏଠାରେ ପୁପ୍ ଲାଇଟ୍ ଶୋ' ସମେତ ପପ୍ ଗେମ୍ସ, ଟଏଲେଟ୍ ପେପର ଓ ପୁପ୍ ଝୁମର୍‌ର ଦୃଶ୍ୟ ମଧ୍ୟ ରହିଛି ।

## କ୍ରାଇଂ ସୁମୋ

ଜାପାନର ଏକ ପରମ୍ପରା ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଜାପାନର ଏହି ପରମ୍ପରା ପାଖାପାଖି ୪୦୦ ବର୍ଷ ପୁରୁଣା ହୋଇଥିବାବେଳେ ଏହାର ନାଁ ହେଉଛି କ୍ରାଇଂ ବେବି ସୁମୋ । ଜାପାନର ଟୋକିଓରେ ଏହି ଫେଷ୍ଟିଭାଲ ସବୁବେଳେ ପାଳନ କରାଯାଇଥାଏ । ଏଥିରେ ଶିଶୁଙ୍କୁ ସୁମୋ ବେଶରେ ସଜାଯାଇ ଏହି ଫେଷ୍ଟିଭାଲରେ ସାମିଲ କରାଯାଇଥାଏ । ଏହା ଜାପାନର ଟୋକିଓ ସହିତ ଅନ୍ୟ ସହରରେ ମଧ୍ୟ ପାଳନ କରାଯାଇଥାଏ । ଶିଶୁଙ୍କ କାନ୍ଦ ଖରାପ ଭାଗ୍ୟକୁ ଭଲରେ ପରିବର୍ତ୍ତନ କରିଥାଏ । ତେଣୁ ନିଜ ଭାଗ୍ୟକୁ ସକରାତ୍ମକ ଦିଗରେ ପରିବର୍ତ୍ତନ କରିବାକୁ ଜାପାନରେ ପ୍ରତିବର୍ଷ ଏହି ଫେଷ୍ଟିଭାଲର ଆୟୋଜନ କରାଯାଇଥାଏ ।



## କାନ୍ଦି କାନ୍ଦି ଦେଇଥିଲେ ସଟ୍

ସଲମାନ ଓ ଐଶ୍ୱର୍ଯ୍ୟାଙ୍କ ସମ୍ପର୍କକୁ ନେଇ ଅନେକ ସମୟରେ ଆଲୋଚନା ହେଉଥିବାର ଦେଖିବାକୁ ମିଳିଥାଏ । ଉଭୟଙ୍କ ସହ ସମ୍ପର୍କରେ ଥିବା ଲୋକମାନେ ବିଭିନ୍ନ ସମୟରେ ଉଭୟଙ୍କ ବିଷୟରେ କଥା ହୋଇଥାଆନ୍ତି । ସେହିକ୍ରମରେ ନିକଟରେ ଲିରିସିଷ୍ଟ ସମୀର ଅନଜାନ ଫିଲ୍ମ ତେରେ ନାମ ସୁଟିଂ ସମୟର କିଛି କଥା ସେୟାର କରିଛନ୍ତି । ଏହି ସମୟରେ ସଲମାନ ଓ ଐଶ୍‌ଙ୍କର ବ୍ରେକଅପ ହୋଇଥାଏ, ସଲମାନ ଏଥିରୁ ବାହାରିବାକୁ ଚେଷ୍ଟା କରୁଥାଆନ୍ତି । ତେବେ ଐଶ୍‌ଙ୍କୁ ମନେ ପକାଇ ସଲମାନ ସେତେବେଳେ ସେଟ୍‌ରେ କାନ୍ଦୁଥିବା ସେ ପ୍ରକାଶ କରିଛନ୍ତି । ଏପରିକି ସେ ଏହି ସମୟରେ ହିମେଶ ରେଶମିଆଙ୍କୁ ଗୀତ ବୋଲିବାକୁ ଅନୁରୋଧ କରୁଥିଲେ । ସେହି ଗୀତ ଶୁଣି କାନ୍ଦି କାନ୍ଦି ପୁରା ଫିଲ୍ମର ସଟ ସେ ଦେଇଥିବା ସମୀର ପ୍ରକାଶ କରିଛନ୍ତି । ସମୀରଙ୍କର ଏହି ବୟାନ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ସାକ୍ଷାତକାରରେ ସମୀର ସାହିଦ ଓ କରୀନାଙ୍କ ବ୍ରେକଅପ ସମ୍ପର୍କରେ ମଧ୍ୟ କଥା ହୋଇଛନ୍ତି । ସେମାନଙ୍କ ବ୍ରେକଅପ ପରେ ମଧ୍ୟ ସେମାନଙ୍କର ଏକାଠି କାମ କରିବାରେ ସମସ୍ୟା ଉପୁଜିଥିଲ । ବୋଲି ସେ ମତ ଦେଇଛନ୍ତି ।



## କାବୁଲିଚଣା ପୋସ୍ତ



**ସାମଗ୍ରୀ–** କାବୁଲିଚଣା, ପୋସ୍ତ, ଗୋଟା ଧନିଆ, ଜିରା, ଶୁଖିଲା ଲଙ୍କା, ଡାଲଚିନି, ଗୁଜୁରାତି, ଅଳେଇଚ, ଲବଙ୍ଗ, ଗୋଲ ମରିଚ, ପାନମଧୁରୀ, ଲୁଣ, ହଳଦୀ, ଘିଅ, ନଡିଆ କୋରା, ଟମାଟୋ, ଧନିଆପତ୍ର ।

**ପ୍ରଣାଳୀ–** ପ୍ରଥମେ ବତୁରା କାବୁଲିଚଣାକୁ ଲୁଣ, ହଳଦୀ, ଡାଲଚିନି ଖଣ୍ଡ ପକାଇ ସିଝାଇ ନିଅନ୍ତୁ । ଏହାପରେ ପୋସ୍ତ, ଗୋଟା ଧନିଆ, ଜିରା, ଶୁଖିଲା ଲଙ୍ଗା, ଡାଲଚିନି, ଗୁଜୁରାତି, ଅଳେଇଚ, ଲବଙ୍ଗ, ଗୋଲ ମରିଚ, ପାନମଧୁରୀ, ନଡ଼ିଆ କୋରାକୁ ବାଟି ଏକ ମସଲା ପ୍ରସ୍ତୁତ କରନ୍ତୁ । କଡେଇରେ ତେଲ ଗରମ କରି ଗୋଟା ଗରମ ମସଲା ପକାନ୍ତୁ । ଏହାପରେ ବଟା ମସଲାକୁ ପକାଇ କଷନ୍ତୁ । ମସଲା କଷିହେବା ପରେ ଏଥିରେ ଗୁଣ୍ଡ ମସଲା ପକାନ୍ତୁ। ଏହାପରେ ଟମାଟୋ ପକାଇ ଭଲକରି କସନ୍ତୁ । ମସଲାରୁ ତେଲ ଛାଡିବା ପରେ ଏଥିରେ ସିଝା ହୋଇଥିବା କାବୁଲି ଚଣା ପକାଇ ଫୁଟାନ୍ତୁ । ଆବଶ୍ୟକ ହିସାବରେ ପାଣି ଦିଅନ୍ତୁ । ସମସ୍ତ ଜିନିଷ ଭଲକରି ଫୁଟିବା ପରେ ଶେଷରେ ଗରମ ମସଲା ଓ ଧନିଆ ପତ୍ର ପକାଇ ପ୍ରସ୍ତୁତ କରନ୍ତୁ କାବୁଲିଚଣା ପୋସ୍ତ ।



## ଅଜବ ରେକର୍ଡ

ଅନେକ ସମୟରେ ଏଭଳି ରେକର୍ଡ ଗିନିଜ ବୁକ୍‌ରେ ସାମିଲ ହୁଏ ଯାହା ସୋସିଆଲ ମିଡିଆରେ ଖୁବ ଭାଇରାଲ ହୋଇଥାଏ । ସେହିଭଳି ଏକ ରେକର୍ଡ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ବିଏତନାମର ଜଣେ ବ୍ୟକ୍ତି ଲୁୟୁ କୋଙ୍ଗ ହୁଏନ ୩୪ ବର୍ଷ ଯାଏଁ ନିଜର ନଖ କାଟି ନାହାନ୍ତି, ଯେଉଁଥିପାଇଁ ତାଙ୍କ ନାଁ ଗିନିଜ ରେକର୍ଡରେ ସାମିଲ ହୋଇଛି । ତାଙ୍କ ହାତରେ ନଖର ଲମ୍ବ ୫୯୫.୪୫ ସେଣ୍ଟିମିଟର ଅର୍ଥାତ ୧୯ ଫୁଟ ୬ ଇଞ୍ଚ ରହିଛି, ଯାହା ଗୋଟିଏ ଜିରାଫ ଠାରୁ ମଧ୍ୟ ଉଚ୍ଚା । ସେ ନଖ କାଟିବାକୁ କେବେ ବି ଚାହାନ୍ତି ନାହିଁ ବୋଲି ନିଜ ମତରେ କହିଛନ୍ତି । ତାଙ୍କୁ ଗିନିଜ ରେକର୍ଡରେ ସାମିଲ କରିବାପରେ ସେ ଖୁବ ଖୁସି ଅଛନ୍ତି ।

## ଆଜିର ଦିନ

୧୮୩୭– ଆକବର ଦ୍ୱିତୀୟଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ବାହାଦୂର ଶାହଜଫର୍ ଦ୍ୱିତୀୟ ଦିଲ୍ଲୀର ଅନ୍ତିମ ମୋଗଲ ସମ୍ରାଟ ରୂପେ ଶାସନଭାର ସମ୍ଭାଳିଲେ ।

୧୮୪୮– ଓଡିଆ ସାହିତ୍ୟିକ କବିବର ରାଧାନାଥ ରାୟଙ୍କ ଜନ୍ମ ।

୧୮୮୭– ଚୀନ୍‌ରେ ହଙ୍ଗ୍‌ହୋ ବନ୍ୟାରେ ପ୍ରାୟ ୧୫ ଲକ୍ଷ ଲୋକଙ୍କ ମୃତ୍ୟୁ ।

୧୯୨୯– ସ୍ୱର ସାମ୍ରାଜୀ ତଥା କୋକିଳାକଣ୍ଠୀ ଲତା ମଙ୍ଗେସ୍କରଙ୍କ ଜନ୍ମ ।

୨୦୦୪– ବିଶ୍ୱବ୍ୟାଙ୍କ୍ ତାଲିକାରେ ବିଶ୍ୱର ଚତୁର୍ଥ ଅର୍ଥବ୍ୟବସ୍ଥା ହେଲା ଭାରତ ।

୨୦୦୯– ଷ୍ଟାର୍ ଟେନିସ୍ ଖେଳାଳି ସାନିଆ ମିର୍ଜା ପାନ୍ ପାସିଫିକ୍ ଓପନ୍‌ର ପ୍ରଥମ ରାଉଣ୍ଡ୍‌ରେ ପରାଜୟର ସମ୍ମୁଖୀନ ହୋଇଥିଲେ ।

୨୦୧୨– ଭାରତର ପ୍ରଥମ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ବ୍ରିଜେଶ ମିଶ୍ରଙ୍କ ପରଲୋକ ।

## ସୋସିଆଲ କୋଟ୍ସ



"ସଲମାନ ଭାଇଙ୍କୁ ପଚାରି ନିଅନ୍ତୁ, ମୁଁ ବିଗ୍ ବସ ଯିବି କି ନାହିଁ । ସେତେବେଳ ପର୍ଯ୍ୟନ୍ତ ମୁଁ ଫ୍ରି ହୋଇଯିବି ।

**ଅଶନିର ଗ୍ରୋଭର, ବ୍ୟବସାୟୀ**



"ଅମିତାଭ ମୋର ଅତିପ୍ରିୟ ହେଲେ ତାଙ୍କ ଆଗରେ ବସିବାର ବି ସାହସ ନାହିଁ । ଶାହରୁଖ ଖାନ୍‌ଙ୍କ ଫିଲ୍ମ ଚକଦେ ଇଣ୍ଡିଆ ଖୁବ ପ୍ରେରଣାଦାୟୀ ଲାଗିଥିଲା ।

**ପ୍ରସନ୍ନଜିତ ଚାଟାର୍ଜୀ, ଅଭିନେତା**



"ମୋ ବିବାହ ବିଚ୍ଛେଦ ଖୁବ ଜଲଦି ଏଥିପାଇଁ ହୋଇଥିଲା କାରଣ ଏହା ଉଭୟଙ୍କ ସହମତିରେ ହୋଇଥିଲା । ଲୋକମାନେ ଯେତେବେଳେ ଆଲୁମନିକୁ ନେଇ ମୋତେ ଟାର୍ଗେଟ କରନ୍ତି ଦୁଃଖ ଲାଗେ କାରଣ ଏସବୁ ଅଭିଯୋଗ ମିଛ ହୋଇଥାଏ ।

**ଧନଶ୍ରୀ ବର୍ମା, ଡ୍ୟାନ୍ସର**

ଭାରତ ସାମୁଦ୍ରିକ ସପ୍ତାହ ୨୦୨୫

# ବନ୍ଦର ଭିତ୍ତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଲେ ପ୍ରମୁଖ ସଚିବ

ଭୁବନେଶ୍ୱର, (ସବ୍ୟୁ): ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ ରେ ଓଡ଼ିଶାର ଅଂଶଗ୍ରହଣ ଉପରେ ଏକ ପ୍ରସ୍ତୁତି ବୈଠକ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଦ୍ୱାରା ଆହୁତ ହୋଇଥିଲା । ପାରାଦୀପ ବନ୍ଦର, ଧାମରା ବନ୍ଦର, ଗୋପାଳପୁର ବନ୍ଦର, ସୁବର୍ଣ୍ଣରେଖା ବନ୍ଦରର ବରିଷ୍ଠ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗ ଓ ଏଜେନ୍ସିର ପ୍ରତିନିଧିମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ। ପ୍ରାରମ୍ଭରେ, ଶ୍ରୀମତୀ ପାଢ଼ୀ ଏକ ପ୍ରମୁଖ ଜାତୀୟ କାର୍ଯ୍ୟକ୍ରମ ଭାବରେ ଭାରତ ସାମୁଦ୍ରିକ ସପ୍ତାହର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଯାହା ରାଜ୍ୟର ସାମୁଦ୍ରିକ ଶକ୍ତି, ନିବେଶ ସମ୍ଭାବନା ଏବଂ ନୀତିଗତ ପଦକ୍ଷେପ ପ୍ରଦର୍ଶନ କରିବା ପାଇଁ ଏକ ଅନନ୍ୟ ପ୍ଲାଟଫର୍ମ ପ୍ରଦାନ କରିଥାଏ। ବିସ୍ତୀର୍ଣ୍ଣ ସମୁଦ୍ର କୂଳ ଏବଂ ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ସହିତ ଓଡ଼ିଶା ପୂର୍ବ ଉପକୂଳରେ ବାଣିଜ୍ୟ ଓ ବ୍ୟବସାୟର ପ୍ରବେଶ ଦ୍ୱାର ଭାବରେ ଉଭା ହେବା ପାଇଁ ରଣନୈତିକ ସ୍ଥିତିରେ ରହିଛି ବୋଲି ସେ ଦର୍ଶାଇଥିଲେ।

ବୈଠକରେ ପ୍ରସ୍ତୁତି କାର୍ଯ୍ୟକଳାପର ସ୍ଥିତି ସମୀକ୍ଷା କରାଯାଇଥିଲା, ଯେଉଁଥିରେ ପ୍ରଦର୍ଶନୀ ଏବଂ ବିଷୟବସ୍ତୁ ଅଧିବେଶନରେ ଓଡ଼ିଶାର ଅଂଶଗ୍ରହଣ ଅନ୍ତର୍ଭୁକ୍ତ ଥିଲା। ରାଜ୍ୟର ସାମୁଦ୍ରିକ ପଦକ୍ଷେପ ଏବଂ ଭବିଷ୍ୟତର ନିବେଶ ସୁଯୋଗର ଉପସ୍ଥାପନା, ବନ୍ଦର, ଜାହାଜ ଚଳାଚଳ ଲାଇନ ଏବଂ ଆନୁଷଙ୍ଗିକ କ୍ଷେତ୍ରର ଅଂଶଗ୍ରହଣ ପାଇଁ ଲଜିଷ୍ଟିକ୍ସ ଏବଂ ସମନ୍ୱୟ ଉପରେ ଆଲୋଚନା କରଯାଇଥିଲା । ବନ୍ଦର ଭିତ୍ତିକ ଅଭିବୃଦ୍ଧି ଉପରେ ଆଲୋକପାତ କରୁଥିବା କ୍ଷେତ୍ରୀୟ ରିପୋର୍ଟ ଏବଂ ଯୋଗାଯୋଗ ସାମଗ୍ରୀ ପ୍ରସ୍ତୁତି ସହିତ ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହେବାକୁ ଥିବା ପ୍ରମୁଖ ଭିତ୍ତିଭୂମି ଏବଂ ନୀତିଗତ ସଫଳତାର ଚିହ୍ନଟ ନେଇ ମଧ୍ୟ ଆଲୋଚନା ହୋଇଥିଲା ।

ସମସ୍ତ ବନ୍ଦର ଓ ବିଭାଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଶ୍ରୀମତୀ ପାଢୀ ଭିତ୍ତିଭୂମି ପ୍ରସ୍ତୁତି, ଅଂଶୀଦାରଙ୍କ ଅଂଶଗ୍ରହଣ ଏବଂ ନିବେଶକ ତଥା ଶିଳ୍ପ ନେତୃବର୍ଗଙ୍କ ନିକଟରେ ପହଞ୍ଚିବା ପାଇଁ ସ୍ପଷ୍ଟ ସମୟସୀମା ସହିତ ଏକ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମତୀ ପାଢୀ ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ ରେ ଓଡ଼ିଶାର ଉପସ୍ଥିତି ପ୍ରଭାବଶାଳୀ, ଉତ୍ତମ ପ୍ରତିନିଧିତ୍ୱ ଏବଂ ନିରନ୍ତର ସାମୁଦ୍ରିକ ବିକାଶ ପାଇଁ ରାଜ୍ୟର ଦୃଷ୍ଟିକୋଣ ସହିତ ସୁସଂଗତ ହେବା ସହିତ ଘନିଷ୍ଠ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସମସ୍ତ ହିତାଧିକାରୀଙ୍କୁ ଅନୁରୋଧ କରିଛନ୍ତି।

ସାଲିଆସାହି ସିକ୍ରେଟ ଚାମ୍ବରରେ ମଦ କାରଖାନା


## ଶହଶହ ଲିଟର ମଦ ନଷ୍ଟ କଲା ଅବକାରୀ ସ୍କ୍ୱାର୍ଡ

ଭୁବନେଶ୍ୱର, (ସବ୍ୟୁ) : ସାଲିଆସାହିରେ ସିକ୍ରେଟ ଚ୍ୟାମ୍ବର ମଧ୍ୟରେ ଦେଶୀ ମଦ କାରଖାନା ଚାଲୁଥିବା ଖବର ପାଇ ଅବକାରୀ ସ୍କ୍ୱାଡ୍ ଚଢ଼ାଉ କରିଛି । ଶହଶହ ଲିଟର ମଦ ଓ ମଦ ତିଆରି ସରଞ୍ଜାମ ନଷ୍ଟ କରିବା ସହ ବ୍ୟାପକ ଛାନ୍‌ଭିନ୍ କରିଥିଲା ଅବକାରୀ ସ୍କ୍ୱାଡ୍ । ଚଳିତବର୍ଷ ଅବକାରୀ ସ୍କ୍ୱାଡ୍ ୫ ଥର ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ମଦ ଜବତ କରିବା ସହ କାରଖାନା ଚାଲୁଥିବା ଘର ପ୍ରଭୃତି ଭାଙ୍ଗିଥିଲେ ମଧ୍ୟ ମଦ କାରଖାନା ବନ୍ଦ ହେଉ ନାହିଁ । ସାମ୍ନାରେ ଘର ଥିବାବେଳେ ମଦଭାଟିକୁ ଗୁପ୍ତ ରାସ୍ତା ରହିଛି । ସେହି ଗୁପ୍ତ ରାସ୍ତା ଦେଇ ଗ୍ରାହକମାନେ ଯାଆନ୍ତି । କିଏ ମଦ କିଣିନିଏ ଅନ୍ୟତ୍ର ବିକ୍ରି କରିବା ପାଇଁ ତ ଆଉ କିଏ ସେଠାରେ ମଦ ପିଇଥାଏ । ଶନିବାର ଚଢ଼ାଉ କରିଥିବା ଅବକାରୀ ସ୍କ୍ୱାଡ୍ ଅଫିସରଙ୍କ କହିବା ଅନୁଯାୟୀ ଚିଠା ପ୍ରସ୍ତୁତ କରାଯାଇଛି । ଆଗକୁ ଏପରି କଲେ ଚିଠା ଅନୁଯାୟୀ ଘର ପ୍ରଭୃତି ଭାଙ୍ଗି ଦିଆଯିବ । ୧୬ ହଜାର ୫୦ ଲିଟର ପୋଚ ନଷ୍ଟ କରାଯାଇଥିଲା ବେଳେ ୬ହଜାର ଲିଟର ମଦ ଢାଳି ଦିଆଯାଇଥିବା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲ ସୂଚନା ଦେଇଛନ୍ତି । ଦୁଇ ଜଣ ଫେରାର ହୋଇଯାଇଥିଲା ବେଳେ ୪ ଜଣଙ୍କୁ ଗିରଫ କରାଯାଇଛି ।












## ଦ୍ୱିତୀୟ ଜାତୀୟ ମେଡିଏସନ ସମ୍ମିଳନୀ ଆରମ୍ଭ

# ମେଡିଏସନ ହେଉଛି ସଦଭାବର ପଥ

ଭୁବନେଶ୍ୱର(ସବ୍ୟୁ): ଭୁବନେଶ୍ୱରରେ ଦ୍ୱିତୀୟ ଜାତୀୟ ମେଡିଏସନ ସମ୍ମିଳନୀ ମହାସମାରୋହରେ ଉଦଘାଟିତ ହୋଇଛି । ମେଡିଏସନ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଭାରତର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ ।




ଲୋକସେବା ଭବନ କନଭେନସନ ହଲରେ ଆଜି(ଶନିବାର) ସମ୍ମିଳନୀକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରି ରାଜ୍ୟପାଳ ଡକଟର ହରିବାବୁ କମ୍ଭମପାଟି କହିଥିଲେ, ମେଡିଏସନ କେବଳ ବିବାଦ ସମାଧାନ କରିବା ବାଟ ନୁହେଁ, ବରଂ ବିଶ୍ୱାସ ଗଠନ କରିବା, ସମ୍ପର୍କ ସଂରକ୍ଷଣ କରିବା ଏବଂ ସାମାଜିକ ସମନ୍ୱୟ ସୃଷ୍ଟି କରିବା । ଓଡ଼ିଶା ଏପରି ଏକ ଐତିହାସିକ କାର୍ଯ୍ୟକ୍ରମ ଆୟୋଜନ କରୁଛି ଯାହା ସାରା ଦେଶରେ ଆଲୋଚନା ସହିତ ସଂସ୍କୃତିକୁ ସୁଦୃଢ଼ କରିବ । ମେଡିଏସନ ମାଧ୍ୟମରେ ଆଲୋଚନା ଏବଂ ସହମତିରେ ମୂଳ, ବିଭାଜନ ଦୂର କରିବା, ସମ୍ପର୍କକୁ ସୁସ୍ଥ କରିବା, ନିରପେକ୍ଷ ଏବଂ ସ୍ଥାୟୀ ସମାଧାନ ପ୍ରଦାନ କରିବା ।

ଭାରତର ମୁଖ୍ୟ ବିଚାରପତି (ସିଜେଆଇ) ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗଭାଇ ତାଙ୍କ ଉଦଘାଟନୀ ଭାଷଣରେ ମଧ୍ୟସ୍ଥତା ଆଇନ-୨୦୨୩ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ମଧ୍ୟସ୍ଥତାର ବୈଧାନିକ ସ୍ୱୀକୃତି ଏହାକୁ ଏକ ଇଚ୍ଛାଧୀନ ପ୍ରତିକାରରୁ ନ୍ୟାୟ ପ୍ରଦାନର ଏକ ବିଶ୍ୱସନୀୟ ସ୍ତମ୍ଭରେ ପରିଣତ କରିଛି । ଏହି ଆଇନ ଅଂଶଗ୍ରହଣକାରୀ, ସମାନ ଏବଂ ସୁଲଭ ନ୍ୟାୟ ସୁନିଶ୍ଚିତ କରେ । ଏହା ସହିତ କୋର୍ଟରେ ମାମଲାଗୁଡ଼ିକର ବର୍ଦ୍ଧିତ ବିଚାରକୁ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନ୍ୟାୟିକ ସଂସ୍କାର ଏବଂ ବିକଳ୍ପ ବିବାଦ ସମାଧାନ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ । ଏହି ସମ୍ମିଳନୀ ମଧ୍ୟସ୍ଥତାକୁ ଭାରତର ନ୍ୟାୟ ପ୍ରଦାନ ବ୍ୟବସ୍ଥାର ଏକ ମୂଳ ଆଧାର କରିବା ପାଇଁ ପ୍ରୟାସକୁ ଆହୁରି ସୁନିଶ୍ଚିତ କରିବ । ଯାହା ଦ୍ୱାରା ଦକ୍ଷତା, ଅନ୍ତର୍ଭୁକ୍ତି ଏବଂ ଆଇନଗତ ପ୍ରକ୍ରିୟାରେ ବିଶ୍ୱାସ ସୁନିଶ୍ଚିତ ହେବ । ମଧ୍ୟସ୍ଥତା ହେଉଛି ଆଲୋଚନା, ବରଂ ବିବାଦ ନୁହେଁ । ଏହା ପାଚେରୀ ନୁହେଁ, ସେତୁ ଭଳି କାମ କରେ । ତେବେ ଏହା କୋର୍ଟକୁ ଆଶ୍ୱସ୍ତି ପ୍ରଦାନ କରେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଲୋକମାନେ ଶୀଘ୍ର ଏବଂ ସହଜରେ ନ୍ୟାୟ ପାଇପାରିବେ ।

**ମେଡିଏସନ ଆଇନ ୨୦୨୩ ଏକ ରୂପାନ୍ତରକାରୀ ସଂସ୍କାର: ସିଜେଆଇ**

**ମେଡିଏସନ ହେଉଛି ଆଲୋଚନା, ବିବାଦ ନୁହେଁ : ମୁଖ୍ୟମନ୍ତ୍ରୀ**

**ସ୍ଥାୟୀ ସମାଧାନ ଉପରେ ହାଇକୋର୍ଟ ସିଜେଙ୍କ ଗୁରୁତ୍ୱାରୋପ**

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଉଲ୍ଲେଖ କରିଛନ୍ତି ଯେ ମଧ୍ୟସ୍ଥତା ସେବାକୁ ବିସ୍ତାର କରିବା ପାଇଁ ଓଡ଼ିଶା ଅର୍ଥପୂର୍ଣ୍ଣ ପଦକ୍ଷେପ ନେଇଛି । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦେଶବ୍ୟାପୀ ମଧ୍ୟସ୍ଥତାକୁ ପ୍ରୋତ୍ସାହିତ କରିବାରେ ନ୍ୟାୟପାଳିକା ଏବଂ ସରକାରଙ୍କ ମିଳିତ ପ୍ରୟାସକୁ ପ୍ରଶଂସା କରିଛନ୍ତି ।

ଉଦଘାଟନୀ ଅଧିବେଶନରେ ଭାରତର ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଭାରତର ଆଟର୍ଣ୍ଣି ଜେନେରାଲ ଆର. ଭେଙ୍କଟରମଣି ଏବଂ ଓଡ଼ିଶାର ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଏବଂ ବିଭିନ୍ନ ରାଜ୍ୟର ମୁଖ୍ୟ ବିଚାରପତି ଏବଂ ବିଚାରପତିଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ଆଡଭୋକେଟ୍ ଜେନେରାଲ ଶ୍ରୀ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେବା ସହ ଭାରତର ପ୍ରଧାନମନ୍ତ୍ରୀଙ୍କ ଏକ ବିଶେଷ ବାର୍ତ୍ତା ପ୍ରଦାନ କରିଥିଲେ । ଜଷ୍ଟିସ ମାନସ ରଞ୍ଜନ ପାଠକ ଧନ୍ୟବାଦ ଦେଇଥିଲେ ।

---

### ଗୃହ ନିର୍ମାଣ, ନଗର ଉନ୍ନୟନ ମନ୍ତ୍ରଣାଳୟର ସ୍ୱତନ୍ତ୍ର ରଣନୀତି

## ଭୁବନେଶ୍ୱର ସହିତ ଯୋଡି ହେଲେ ୫ ସହର

ଭୁବନେଶ୍ୱର(ସବ୍ୟୁ): ସ୍ୱଚ୍ଛ ସହର ଯୋଡି କାର୍ଯ୍ୟକ୍ରମ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଆଜ(ଶନିବାର) ବୁଝାମଣା ପତ୍ର(ଏମଓୟୁ) ସ୍ୱାକ୍ଷର କରିଛି । ଓଡିଶାର ୫ଟି ସହର ଯଥା: କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ଯୋଡା, ଦେବଗଡ଼ ଓ ବରଗଡ଼ ସହିତ ଏମଓୟୁ କରାଯାଇଛି । ଏହି ଉଦ୍ଦେଶ୍ୟରେ ବିଧାୟକ ଏକାମ୍ର ଭୁବନେଶ୍ୱର ବାବୁ ସିଂ, ମେୟର ସୁଲୋଚନା ଦାସ, କମିଶନରଚଞ୍ଚଳ ରାଣା, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର ୫ଟି ସହରର ନିର୍ବାହୀ ଅଧିକାରୀ ଏବଂ ଅଧ୍ୟକ୍ଷ ଉପସ୍ଥିତ ଥିଲେ ।

କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଭାରତ ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣ ପ୍ରତିଯୋଗିତାରେ ଉତ୍ତମ ପ୍ରତିପାଦନ କରିଥିବା ସହରମାନଙ୍କ ଠାରୁ ଭଲ କାର୍ଯ୍ୟକ୍ରମ ଗୁଡିକ ଶିଖି ଅନ୍ୟ ସହରଗୁଡିକ ସହରାଞ୍ଚଳ ସ୍ୱଚ୍ଛତା ଏବଂ ଆନୁସ ତ ସରକାରଙ୍କ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛ । ସ୍ୱଚ୍ଛ ସର୍ବେକ୍ଷଣରେ ଭଲ ପ୍ରଦର୍ଶନ କରିଥିବା ସହରକୁ ମେଣ୍ଟର ଭାବେ ନିଆଯାଇଛି । ବିଭିନ୍ନ କାର୍ଯ୍ୟକ୍ରମ ଶିଖିବା ପାଇଁ ଯୋଡି ହୋଇଥିବା ସହର ଗୁଡ଼ିକ ମେଣ୍ଟି ସହର ଭାବେ ନିଆଯାଇଛି ।

---

## ଆଜି ଲୋକାର୍ପଣ ହେବ ଯୋବ୍ରା ଦୁର୍ଗା ପୂଜା କମିଟିର ଚାନ୍ଦି ମେଢ଼

କଟକ,(ସବ୍ୟୁ): ପୁର୍ବରୁ ସହରରେ ୩୫ଟି ଚାନ୍ଦି ମେଢ଼ ରହିଥିବା ବେଳେ ଏଥର ଏଥିରେ ଯୋବ୍ରା ଦୁର୍ଗା ପୂଜା କମିଟି ସାମିଲ ହେବ। । ଅଢେଇ କୁଇଣ୍ଟାଲ୍ ଚାନ୍ଦି ବ୍ୟବହୃତ ଏହି ମେଢ଼ ଓ ମାଆଙ୍କ ଆଭୁଷଣ କାରୁକାର୍ଯ୍ୟ ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥଲା ।ଏଥିରେ ପ୍ରାୟ ୩ କୋଟି ୭୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ଦଶହରାରେ ମା' ଦୁର୍ଗା ଏହି ନୂତନ ଚାନ୍ଦି ଅଳଙ୍କାର ପିନ୍ଧି ଏବର୍ଷ ପୂଜା ପାଇବେ ବୋଲି ଯୋବ୍ରା ଦୁର୍ଗା ମଣ୍ଡପରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋବ୍ରା ଦୁର୍ଗା ମନ୍ଦିର ପରିଚାଳନା କମିଟିର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ କହିଛନ୍ତି । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ପୂଜା କମିଟିର ସଭାପତି ପ୍ରମୋଦ ଜେନା, ସମ୍ପାଦକ ଶ୍ରୀମନ୍ତ ଦାସ, ଯୁବକ ସଂଘର ସଭାପତି ସଞ୍ଜିବ କୁମାର ବେହେରା, ସମ୍ପାଦକ କନିସ୍କ ଜେନାଙ୍କ ସମେତ କମିଟିର ସମସ୍ତ କର୍ମଚାରି ଉପସ୍ଥିତ ଥିଲେ ।

---

### କିଟ୍ ସେଣ୍ଟର ଫର ଇଣ୍ଟରନ୍ୟାସନାଲ

## ଆର୍ବିଟ୍ରେସନ୍ ଆଣ୍ଡ ମେଡିଏସନ ହେଉଛି ଏକ ସମୟୋଚିତ ପଦକ୍ଷେପ

ଭୁବନେଶ୍ୱର, (ସବ୍ୟୁ): କିଟ୍ ସେଣ୍ଟର ଫର ଇଣ୍ଟରନ୍ୟାସନାଲ ଆର୍ବିଟ୍ରେସନ୍ ଆଣ୍ଡ ମେଡିଏସନ (କେସିଆଇଏଏମ୍)ର କର୍ଟେନ ରେଜର ଏବଂ ଭିଜନର ଶୁଭାରମ୍ଭ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଇଣ୍ଟରନ୍ୟାସ୍‌ନାଲ୍ କୋର୍ଟ ଅଫ୍ ଜଷ୍ଟିସ୍‌ର ବିଚାରପତି ଡ. ଜଷ୍ଟିସ୍ ଅବଦୁଲକାୱି ଏ. ୟୁସୁଫ୍; ଭାରତ ଉଚ୍ଚତମ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସନ୍ଦୀପ ମେହେଟାଙ୍କ ସମେତ ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସୁଜିତ ନାରାୟଣ ପ୍ରସାଦ, ଜଷ୍ଟିସ୍ ଆନନ୍ଦ ସେନ୍, ଜଷ୍ଟିସ୍ ରାଜେଶ କୁମାର; ପାଟନା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସନ୍ଦୀପ କୁମାର; ବରିଷ୍ଠ ଅଧିବକ୍ତା ତଥା ପୂର୍ବର୍ତନ ଅତିରିକ୍ତ ସଲିସିଟର ଜେନେରାଲ୍ ପିଙ୍କି ଆନନ୍ଦ ପ୍ରମୁଖ ଯୋଗଦେଇ ଥିଲେ । ଜଷ୍ଟିସ୍ ମେହେଟା କେସିଆଇଏଏମ୍ ପ୍ରତିଷ୍ଠାକୁ ଏକ ସମୟୋଚିତ ଏବଂ ଦୂରଦୃଷ୍ଟିପୂର୍ଣ୍ଣ ପଦକ୍ଷେପ ଭାବରେ ବର୍ଣ୍ଣନା କରି କହିଲେ, ଏହା ବିଶ୍ୱସ୍ତରୀୟ ଆଇନ ସୁବିଧା ପ୍ରଦାନ, ସହଯୋଗକୁ ପ୍ରୋତ୍ସାହନ ସହ ଭବିଷ୍ୟତର ଆର୍ବିଟ୍ରେଟର୍‌ମାନଙ୍କୁ ତାଲିମ ଦେବ ବୋଲି ଆଶା ବ୍ୟକ୍ତ କରିଥିଲେ । ଏହି କେନ୍ଦ୍ର ସର୍ବୋତ୍ତମ ଆର୍ବିଟ୍ରେସନ୍ ଓ ମଧ୍ୟସ୍ଥତା କ୍ଷେତ୍ରରେ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଜଷ୍ଟିସ୍ ଅବଦୁଲକାୱି କହିଲେ, ସମସ୍ୟା ସମାଧାନ ଓ ମଧ୍ୟସ୍ଥତା ଭାରତରେ ନୂଆ ନୁହେଁ । ଏହାର ମୂଳ ଗଭୀର ଭାବେ ଭାରତର ଇତିହାସ ସହ ଜଡ଼ିତ ରହିଛି । ଏହି ନୂତନ କେନ୍ଦ୍ର ଦେଶରେ ସଂସ୍ଥାଗତ ଆର୍ବିଟ୍ରେସନର ଏକ ନୂତନ ଯୁଗକୁ ସୂଚୀତ କରିବ ବୋଲି ସେ ଆଶା ପୋଷଣ କରିଥିଲେ । ଜଷ୍ଟିସ୍ ସନ୍ଦୀପ କୁମାର କହିଲେ, ଭୁବନେଶ୍ୱର ଏପରି ଏକ କେନ୍ଦ୍ର ପାଇଁ ଉପଯୁକ୍ତ ସ୍ଥାନ । କାରଣ ଏହା ଏକ ପ୍ରଯୁକ୍ତିବିଦ୍ୟା ହବ୍ ଭାବରେ ଜଣାଶୁଣା । ଭାରତର ଆର୍ବିଟ୍ରେସନ ଦୃଶ୍ୟପଟ ଆମୂଳଚୂଳ ଭାବରେ ପରିବର୍ତ୍ତିତ ହୋଇଛି । ନିକଟ ବର୍ଷଗୁଡ଼ିକରେ କେବଳ ଆର୍ବିଟ୍ରେସନ ଦ୍ୱାରା ୫୮ ହଜାରରୁ ଅଧିକ ମାମଲାର ସମାଧାନ କରାଯାଇଛି । ଏହି କେନ୍ଦ୍ର ପ୍ରତିଷ୍ଠା ହେଲେ ଆର୍ବିଟ୍ରେସନ୍ ଓ ମେଡିଏସନ୍ ପାଇଁ ପକ୍ଷମାନେ କେବଳ ଦିଲ୍ଲୀ କିମ୍ବା ମୁମ୍ବାଇ ଉପରେ ନିର୍ଭର କରିବା ଅପେକ୍ଷା ଭୁବନେଶ୍ୱରରେ ବିବାଦର ସମାଧାନ କରିପାରିବେ ବୋଲି ସେ କହିଥିଲେ ।



ଜଷ୍ଟିସ୍ ରାଜେଶ କୁମାର ଆର୍ବିଟ୍ରେସନ ଓ ମେଡିଏସନ୍ ଉପରେ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । କେସିଆଇଏଏମ୍ ବିଶ୍ୱ ସ୍ତରରେ ସର୍ବୋତ୍ତମ କେନ୍ଦ୍ର ମଧ୍ୟରୁ ଗୋଟିଏ ହୋଇ ଉଭା ହେବାର ସମ୍ଭାବନା ରହିଛି ବୋଲି ଜଷ୍ଟିସ୍ ସୁଜିତ ନାରାୟଣ ପ୍ରସାଦ ପ୍ରକାଶ କରିଥିଲେ । ବରିଷ୍ଠ ଅଧିବକ୍ତା ଏବଂ ପୂର୍ବତନ ଅତିରିକ୍ତ ସଲିସିଟର ଜେନେରାଲ ଡ ପିଙ୍କି ଆନନ୍ଦ କହିଲେ, ଏହି କେନ୍ଦ୍ରର ପ୍ରତିଷ୍ଠା ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିର ଆକାଂକ୍ଷାକୁ ପ୍ରତିଫଳିତ କରିବା ସହ ନ୍ୟାୟିକ ଭିତ୍ତିଭୂମିକୁ ସୁଦୃଢ଼ କରିବ । କିଟ୍ ଲ ସ୍କୁଲର ପ୍ରଫେସର ଏମେରିଟସ୍ ପ୍ରଫେସର ଏନ ଏଲ ମିତ୍ର କହିଲେ, କେସିଆଇଏଏମ୍ ଏକ ବିଶ୍ୱସ୍ତରୀୟ ଆର୍ବିଟ୍ରେସନ୍ କେନ୍ଦ୍ର ହେବ ଏବଂ ଏଥିରେ ଆର୍ବିଟ୍ରେସନ ଓକିଲଙ୍କ ଭଲ ପ୍ୟାନେଲ ରହିବ । ଏହି ଅବସରରେ କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତିରେ କେସିଆଇଏଏମ୍ ର ୱେବସାଇଟ୍ ଓ ଲୋଗୋ ଉନ୍ମୋଚନ କରାଯାଇଥିଲା । କେସିଆଇଏଏମ୍ ର ଅଧ୍ୟକ୍ଷ ତଥା କିଟ ବିଶ୍ୱବିଦ୍ୟାଳୟର କୁଳାଧିପତି ଅଶୋକ ପରିଜା ସ୍ୱାଗତ ଭାଷଣ ଦେଇଥିଲେ ଓ କୁଳପତି ପ୍ରଫେସର ଶରଣଜିତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

---

## ବିଦ୍ୟୁଲତା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର (ସବ୍ୟୁ) : ବଡ଼ଚଣା ବ୍ଲକ ଅନ୍ତର୍ଗତ ନାନପୁର ଗ୍ରାମର ମହିୟସୀ ମହିଳା ସ୍ୱର୍ଗୀୟା ବିଦ୍ୟୁଲତା ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ନାନପୁରସ୍ଥିତ ବିଦ୍ୟୁଲତା ଚାରିଟେବୁଲ ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟୁଲତା ଚାରିଟେବୁଲ ଟ୍ରଷ୍ଟ ଓ ସମ୍ବାଦ-ଆମ ଓଡ଼ିଶାର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରରୁ ୨୮ ୟୁନିଟ ରକ୍ତ ସଂଗ୍ରହ ହୋଇପାରିଛି । ସମାଜସେବୀ କିରଣ କୁମାର ଶତପଥୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ସ୍ୱର୍ଗୀୟା ପଟ୍ଟନାୟକଙ୍କ ସ୍ୱାମୀ ପ୍ରଫୁଲ୍ଲ ପଟ୍ଟନାୟକ ଶିବିର ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ଯୁବନେତା ମହେଶ୍ୱରର ପରିଡ଼ା, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ପଞ୍ଚାନନ ଧଳ, ସମାଜସେବୀ ଅନନ୍ତ ନାରାୟଣ ଧଳ, ସୁବାସ ଚନ୍ଦ୍ର ତ୍ରିପାଠୀ, ପୂର୍ବତନ ସରପଞ୍ଚ ଫନୀନ୍ଦ୍ର ପଣ୍ଡା, କଳିଙ୍ଗଭାରତୀ ସଂସ୍କୃତ ମହାବିଦ୍ୟାଳୟର ପ୍ରତିଷ୍ଠାତା ମନୋଜ କୁମାର ପରିଡ଼ା, ବିରଞ୍ଚି ନାରାୟଣ ପରିଡ଼ା, ଦିଲ୍ଲୀପ କୁମାର ଷେଣ୍ଟ, ଅଭିମନ୍ୟୁ ବଳ, ଅଭିରାମ ସିଂହ ଓ ସୁବ୍ରତ ଜେନା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସମ୍ବାଦ-ଆମ ଓଡ଼ିଶା ବଡ଼ଚଣା ବ୍ଲକ ସଂଯୋଜକ ତଥା ଚଣ୍ଡିଖୋଲ ସମ୍ବାଦ ପ୍ରତିନିଧି ଭକ୍ତ ଚରଣ ସାହୁ ଶିବିର ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ ।



ଧନ୍ୟବାଦ ଜଣାଇଥିଲେ ଟ୍ରଷ୍ଟ ଅଧ୍ୟକ୍ଷ ତଥା ସ୍ୱର୍ଗତା ପଟ୍ଟନାୟକଙ୍କ ସୁପୁତ୍ର ଅନିଲ କୁମାର ପଟ୍ଟନାୟକ । ଅଜୟ କୁମାର ଜେନା, ଅଙ୍କିତ ବଳ, ଅନିଲ ମହାନ୍ତି, ସୌମ୍ୟରଞ୍ଜନ ସିଂହ, ରଞ୍ଜନ ପରିଡ଼ା ଓ ତପନ କୁମାର ସାହୁ ପ୍ରମୁଖ ଶିବିର ପରିଚାଳନରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ଭାବଗ୍ରାହୀ ବିଶ୍ୱାଳ, ଅନନ୍ତ ସିଂହ, ଫନୀନ୍ଦ୍ର ପଣ୍ଡା, ଜ୍ୟୋତିସ୍ମିତା ଦାସ, ବିକ୍ରମ ବେହେରା, ତୁଷାର ନାୟକ, ଦିଲ୍ଲୀପ ଷେଣ୍ଟ, ଚୈତନ ପାତ୍ର, ସଂଗ୍ରାମ କେଶରୀ ଦାଶ, ଅଙ୍କିତ ବଳ, ଜନ୍ମେଜୟ ବିଶ୍ୱାଳ, ପବନ କୁମାର ବେହେରା, ନନ୍ଦିନୀ ପ୍ରଭା ସାହୁ, ପୁରୁଷୋତ୍ତମ ମଲ୍ଲିକ, ମହେନ୍ଦ୍ର ମହାରଣା, ତପନ ରାଉତରାୟ, ଗୌତମ ରାଉତରାୟ, ସୁଧାଂଶୁ ଜେନା, ଶ୍ରୀକାନ୍ତ ପ୍ରଧାନ, ଦେବବ୍ରତ ଜେନା, ଦିଗବିଜୟ ମହାନ୍ତି, ରଘୁନାଥ ସ୍ୱାଇଁ, ସୌମ୍ୟରଞ୍ଜନ ସିଂହ, ଓମ୍ ପ୍ରକାଶ ବାରିକ, ରଞ୍ଜନ କୁମାର ଜେନା, ବିରଞ୍ଚି ନାରାୟଣ ପରିଡ଼ା, ଅଭିଜିତ ସେଠୀ ଓ ଶଶିକାନ୍ତ ପ୍ରଧାନ, ନିହାର ରଞ୍ଜନ ପଟ୍ଟନାୟକ, କମଲ ପଟ୍ଟନାୟକ, ସ୍ନେହଲତା ପଟ୍ଟନାୟକ, ସର୍ମିଷ୍ଠା ପଟ୍ଟନାୟକ, ସ୍ୱପ୍ନିଳ ପଟ୍ଟନାୟକ, ଲିଖିତ ପଟ୍ଟନାୟକ ପ୍ରମୁଖ ରକ୍ତଦାନ କରିଥିଲେ ।

---

## ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର

ଜଟଣୀ, (ସବ୍ୟୁ) : ସୁସ୍ଥନାରୀ ସଶକ୍ତ ଅଭିଯାନ ପରିପ୍ରେକ୍ଷୀରେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଥିଲା । ଖୋର୍ଦ୍ଧା ରକ୍ତଭଣ୍ଡାର ଡାକ୍ତର ଓ କର୍ମଚାରୀଙ୍କ ଉପସ୍ଥିତିରେ ୨୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ମେଡିକାଲର କର୍ମଚାରୀ ଓ ସ୍ଥାନୀୟ ଲୋକେ ରକ୍ତଦାନ କରିଥିଲେ । ମେଡିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ଜିତେନ୍ଦ୍ର କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ଓ କର୍ମଚାରୀଙ୍କ ସହାୟତାରେ ଏହି ଶିବିର ପରିଚାଳିତ ହୋଇଥିଲା ।

---

**ଆଜି ବିଶ୍ୱ ଜଳାତଙ୍କ ଦିବସ**

## ବର୍ଷକରେ କୁକୁର, ମାଙ୍କଡ଼ ଏବଂ ଅନ୍ୟ ପଶୁଙ୍କ କାମୁଡ଼ାର ଶିକାର ହୋଇଛନ୍ତି ୬ ୯୪୯ଜଣ

ଖୋର୍ଦ୍ଧା, : (ଲଳିତ ମୋହନ ମହାପାତ୍ର) ରେବିଜ ବା ଜଳାତଙ୍କ ଏକ ଜୁନୋଟିକ୍ ରୋଗ ଯାହାକି ସାଧାରଣତଃ କୁକୁର କାମୁଡିବା ଦ୍ୱାରା ହୋଇଥାଏ ବୋଲି କୁହାଯାଏ । କିନ୍ତୁ ଅଧିକାଂଶ ଲୋକ ଜାଣନ୍ତି ନାହିଁ ଯେ, ବେଳେବେଳେ ଅନ୍ୟ କେତେକ ପ୍ରାଣୀ କାମୁଡ଼ିବା ଦ୍ୱାରା ରେବିଜ ମଧ୍ୟ ହୋଇପାରେ । ଲୋକଙ୍କୁ ଜଳାନ୍ତକ ରୋଗ ସହ ଜଡିତ ତଥ୍ୟ ତଥା ଏହି ରୋଗର କାରଣ ଏବଂ ନିରାକରଣ ବିଷୟରେ ସଚେତନତା କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖରେ ବିଶ୍ୱ ରେବିଜ୍ ଦିବସ ବା ଜଳନ୍ତକ ଦିବସ ପାଳନ କରାଯାଉଛି । ଜଳାନ୍ତକ ରୋଗ କୁକୁର, ବିଲୁଆ, ଗଧିଆ, ନେଉଳ, ବାଦୁଡ଼ି ପ୍ରଭୃତି ପ୍ରାଣୀକୁ ସଂକ୍ରମଣ କରୁଥିବା ଏକ ଭୁତାଣୁ ଜନିତ ରୋଗ, ସେଇ ସଂକ୍ରମିତ ପ୍ରାଣୀ ମନୁଷ୍ୟକୁ କାମୁଡ଼ିଲେ କିମ୍ବା ସେମାନଙ୍କର ଲାଳ ସଂସ୍ପର୍ଶରେ ଆସିଲେ ଏହି ରୋଗ ହୋଇଥାଏ ବୋଲି ବରିଷ୍ଠ ଭେଶଜ ବିଶେଷଜ୍ଞ ଡ଼ାକ୍ତର ବିଶ୍ୱନାଥ ପାଢୀ କହିଛନ୍ତି । ତେଣୁ ଏ ଦିଗରେ ସଚେତନତାକୁ ବ୍ୟାପକ କରାଯାଉଛି । ଯଦି ଏଭଳି ପଶୁ କାମୁଡନ୍ତି ତେବେ ସେ ସ୍ଥାନକୁ ଭଲଭାବେ ସାବୁନ ଓ ଥଣ୍ଡାପାଣିରେ ଧୋଇଦେବା ଓ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପରାମର୍ଶ କରି ଜଳାନ୍ତକ ପ୍ରତିଷେଧକ ଟୀକାନେବା ଉଚିତ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହୁଛନ୍ତି । ତେବେ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା କରାଯାଇଥିବାରୁ ଜିଲ୍ଲାରେ ବର୍ଷକ ମଧ୍ୟରେ ଗୋଟିଏ ମାତ୍ର ଜଳାତଙ୍କ ରୋଗୀ ଦେଖାଯାଇନଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ମେଡ଼ିକାଲ ଅଧିକ୍ଷକ ଡା. ଶ୍ୟାମାପ୍ରସନ୍ନ ମିତ୍ର ଙ୍କ ସୂଚନା ଅନୁସାରେ, ୧ଅଗଷ୍ଟ ୨୦୨୪ରୁ ଅଗଷ୍ଟ ୨୦୨୫ ସୁଦ୍ଧା କୁକୁର, ବିଲେଇ ଓ ମାଙ୍କଡ କାମୁଡାରେ ମୋଟ ୬୯୪୯ଜଣ ଆକ୍ରାନ୍ତ ହୋଇଛନ୍ତି । ସେଥିମଧ୍ୟରୁ ୪୭୮୨ଜଣ କୁକୁର କାମୁଡାର ଶିକାର ହୋଇଥିବାବେଳେ ୧୮୩୧ଜଣ ବିଲେଇ, ୩୩୬ଜଣ ମାଙ୍କଡ କାମୁଡାରେ ଆକ୍ରାନ୍ତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ହୋଇଛନ୍ତି । ସୂଚନା ମୁତାବକ, ଗତ ଅଗଷ୍ଟ ୨୦୨୪ରେ କୁକୁର କାମୁଡାରେ ୨୩୭, ବିଲେଇ ୧୨୭, ମାଙ୍କଡ କାମୁଡାରେ ୩୦ଜଣ ଆହତ ହୋଇଛନ୍ତି । ସେପ୍ଟେମ୍ବର ୨୦୨୪ରେ କୁକୁର କାମୁଡାରେ ୨୩୧, ବିଲେଇ ୧୩୪, ମାଙ୍କଡ କାମୁଡାରେ ୧୩ଜଣଙ୍କୁ ମିଶାଇ ମୋଟ ୩୭୮ଜଣ ଆହତ ହୋଇଥିଲେ । ଅକ୍ଟୋବର ମାସରେ କୁକୁର କାମୁଡାରେ ୨୬୦, ବିଲେଇ ୧୩୪, ମାଙ୍କଡ କାମୁଡାରେ ୨୯ଜଣଙ୍କୁ ମିଶାଇ ମୋଟ ୩୨୩ଜଣ ଆହତ ହୋଇଥିଲେ । ନଭେମ୍ବର ମାସରେ କୁକୁର କାମୁଡାରେ ୩୩୮, ବିଲେଇ ୧୪୭ ଓ ମାଙ୍କଡ କାମୁଡାରେ ୩୫ଙ୍କୁ ମିଶାଇ ମୋଟ ୫୨୦ଜଣ ଆହତ ହୋଇଥିଲେ । ଡିସେମ୍ବର ରେ କୁକୁର କାମୁଡାରେ ୪୩୫, ବିଲେଇ ୧୩୫, ଓ ମାଙ୍କଡ କାମକୁଡା ୪୮ଙ୍କୁ ମିଶାଇ ୬୧୮ଜଣ ଆହତ ହୋଇଥିଲେ । ଚଳିତ ବର୍ଷ ଜାନୁୟାରୀ ରେ କୁକୁର କାମୁଡାରେ ୫୩୫, ବିଲେଇ ୧୩୯, ମାଙ୍କଡ କାମୁଡାରେ ୫୦ଜଣଙ୍କୁ ମିଶାଇ ମୋଟ ୭୨୪ଜଣ ଆହତ ହୋଇଥିଲେ । ଫେବୃୟାରୀ କୁକୁର କାମୁଡାରେ ୪୭୦, ବିଲେଇ ୧୦୫ ଓ ମାଙ୍କଡ କାମୁଡାରେ ୧୨ଜଣ, ମାର୍ଚ୍ଚ ରେ କୁକୁର କାମୁଡାରେ ୪୭୫, ବିଲେଇ ୧୪୩ ଓ ମାଙ୍କଡ କାମୁଡାରେ ୨୭ଜଣ, ଏପ୍ରିଲ ରେ କୁକୁର କାମୁଡାରେ ୩୮୯, ବିଲେଇ ୧୪୬ ଓ ମାଙ୍କଡ କାମୁଡାରେ ୧୭ଜଣ, ମଇ ରେ କୁକୁର କାମୁଡାରେ ୪୨୩, ବିଲେଇ ୧୨୬ ଓ ମାଙ୍କଡ କାମୁଡାରେ ୯ଜଣ, ଜୁନ ରେ କୁକୁର କାମୁଡାରେ ୩୩୦, ବିଲେଇ ୧୧୦ ଓ ମାଙ୍କଡ କାମୁଡାରେ ୧୮ଜଣ, ଜୁଲାଇ ରେ କୁକୁର କାମୁଡାରେ ୩୨୯, ବିଲେଇ ୧୯୬ ଓ ମାଙ୍କଡ କାମୁଡାରେ ୨୪ଜଣ, ଅଗଷ୍ଟ ରେ କୁକୁର କାମୁଡାରେ ୩୩୦, ବିଲେଇ ୧୮୯ ଓ ମାଙ୍କଡ କାମୁଡାରେ ୨୪ଜଣ ଆହତ ହୋଇଛନ୍ତି । ଅନ୍ୟପକ୍ଷରେ ଘରେ ରଖୁଥିବା ପଶୁମାନଙ୍କ ସଂସ୍ପର୍ଶରେ ଆସିଲେ ହାତକୁ ପରିଷ୍କାର କରିବା ସହ ସେମାନଙ୍କୁ ଭ୍ୟାକସିନେସନ କରିବା ଉଚିତ । ଏହାର ସଂକ୍ରମଣର କାରଣ ଅର୍ଥନୈତିକ, ସାମାଜିକ ଓ ସରକାରୀ କାର୍ଯ୍ୟକ୍ରମ ବିଷୟରେ ଯେପରିକି ଜନସଂଖ୍ୟା ବୃଦ୍ଧି, ସହରୀ କରଣ, ଘରେ କୁକୁର ପାଳିବାକୁ ଏକ ସାମାଜିକ ଷ୍ଟାଟସ ଭାବିବା, ବନ୍ୟପଶୁ ମାନଙ୍କୁ ଘରେ ପାଳିବା ପ୍ରଭୃତି ଦ୍ୱାରା ଏହିସବୁ ରୋଗ ହୋଇଥାଏ । ଏହାକୁ ଚିକିତ୍ସା ନକଲେ ମଣିଷ ମୃତ୍ୟୁ ମୁଖରେ ପଡିଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା । ଡାକ୍ତରଙ୍କ କହିବା ଅନୁଯାୟୀ, ଯଦି ସଂକ୍ରମିତ ପ୍ରାଣୀ କାମୁଡ଼ିବାର ୮ ରୁ ୧୦ ଦିନ ମଧ୍ୟରେ ଆଂଟି-ରେବିଜ ଟିକା ସମେତ ଆବଶ୍ୟକ ଚିକିତ୍ସା ଦିଆଯାଏ ନାହିଁ, ତାହେଲେ ମୃତ୍ୟୁ ହେବାର ସମ୍ଭାବନା ମଧ୍ୟ ଅଧିକ ରହିଥାଏ । ତେଣୁ ଏହାକୁ ଗମ୍ଭୀର ଏବଂ ସାଂଘାତିକ ରୋଗ ବର୍ଗରେ ରଖାଯାଏ ।ରେବିଜ ରୋଗର ଆଶଙ୍କା ହ୍ରାସ କରିବାକୁ ପଶୁ ମାଲିକମାନଙ୍କୁ ସର୍ବଦା ସେମାନଙ୍କ ପୋଷା କୁକୁର କିମ୍ବା ଅନ୍ୟ ପ୍ରାଣୀମାନଙ୍କୁ ରେବିଜ ପାଇଁ ଟୀକାକରଣ କରିବାକୁ ପରାମର୍ଶ ଦିଆଯାଇଥାଏ । ଏହି ଭାଇରସର ପ୍ରଭାବରେ ଆସିବା ପରେ ପୀଡିତାଙ୍କ କ୍ଷେତ୍ରରେ ଶୀଘ୍ର ଲକ୍ଷଣ ଦୃଷ୍ଟିଗୋଚର ହୁଏ ନାହିଁ । ସଂକ୍ରମିତ ହେବାର କିଛି ଦିନ ପରେ ଲକ୍ଷଣ ଦେଖାଯାଇଥାଏ । ତେବେ ସଂକ୍ରମିତଙ୍କ ଠାରେ ଫ୍ଲୁ ଲକ୍ଷଣ ଦେଖାଯାଇଥାଏ । ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଭାବ ଦେଖାଇବାବେଳେ ଏହା ଭୟଙ୍କର ହୋଇଥାଏ । ସ୍ନାୟୁଗତ ସମସ୍ୟା ଦେଖାଯାଇଥାଏ । ପୀଡିତାର ଆଚରଣରେ ମଧ୍ୟ ପରିବର୍ତ୍ତନ ହୋଇଥାଏ । ଏହି ରୋଗ ବିଷୟରେ ସଚେତନତା ବିସ୍ତାର କରିବା ପାଇଁ ବିଶ୍ୱ ଜଳାତଙ୍କ ଦିବସ ପାଳନ କରିବା ଏକମାତ୍ର ଉଦ୍ଦେଶ୍ୟ ନୁହେଁ ବରଂ ଜଳାତଙ୍କ ର କାରଣ, ନିରାକରଣ, ବିଶେଷକରି ଟୀକାକରଣକୁ ନେଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ଅଟେ । ଏହି ରୋଗରେ ଆକ୍ରାନ୍ତ ହେବା ପରେ କିଛି ଜଣ ଚିକିତ୍ସା କରିବା ପରିବର୍ତ୍ତେ ଏଥିରୁ ମୁକ୍ତି ପାଇବା ପାଇଁ ଯାଦୁବିଦ୍ୟା, ଗୁଣିଗାରେଡିର ସାହାରା ନେଇଥାଆନ୍ତି । ଯେଉଁ କାରଣରୁ ଠିକ୍ ସମୟରେ ଚିକିତ୍ସା ନପାଇ ପୀଡିତାଙ୍କ ମୃତ୍ୟୁ ଆଶଙ୍କା ଆହୁରି ବୃଦ୍ଧି ପାଇଥାଏ । ଏହି କାରଣରୁ, ଏହି ରୋଗ ସହିତ ଜଡିତ ଭୁଲ ଧାରଣାକୁ ହଟାଇବା, ଏହା ସହ ଜଡିତ ସମସ୍ୟା ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ଏବଂ ଏହାର ସଠିକ୍ ଚିକିତ୍ସା ତଥା ଏହା ସହ ଜଡିତ ସତର୍କତା ବିଷୟରେ ଲୋକଙ୍କୁ ସଚେତନ କରାଇବା ମଧ୍ୟ ବିଶ୍ୱ ଜଳାତଙ୍କ ଦିବସ ଆୟୋଜନ କରିବାର ଏକ ପ୍ରମୁଖ ଉଦ୍ଦେଶ୍ୟ ବୋଲି ବରିଷ୍ଠ ଭେଶଜ ବିଶେଷଜ୍ଞ ଡ଼ାକ୍ତର ବିଶ୍ୱନାଥ ପାଢୀ କହିଛନ୍ତି ।

---

## ଓଏଏସ ପରୀକ୍ଷାରେ ରାଜନଗରରୁ ୩ ଜଣଙ୍କ କୃତିତ୍ୱ

ରାଜନଗର ,(ସବ୍ୟୁ): ଓଡ଼ିଶା ସରକାରଙ୍କ ଦାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା ( ଓଏଏସ ) ପରୀକ୍ଷାରେ ଚଳିତ ବର୍ଷ ରାଜନଗର ବ୍ଲକରୁ ୩ ଜଣ ପରୀକ୍ଷାର୍ଥୀ କୃତିତ୍ୱ ହାସଲ କରି ରାଜନଗର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ଏହି କୃତି ପରୀକ୍ଷାର୍ଥୀ ହେଲେ ଘଡ଼ିଆମାଳ ଗ୍ରାମର ରାଜେନ୍ଦ୍ର ମାଝୀ, ମହୁଲିଆ ଗ୍ରାମର ସୁଧୀର ରଂଜନ ଦେବଶର୍ମା ଦାଶ ଓ ସରସ୍ୱତୀ ମହାପାତ୍ର ଓଏଏସ ସଫଳତା ହାସଲ କରିଥିବାରୁ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ଏକ କାଳୀନ ଗୋଟିଏ ବ୍ଲକରୁ ୩ ଜଣ ଓ ଏ ଏସ ପାଇବା ଆମ ଅଞ୍ଚଳ ପାଇଁ ଗୌରବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଉପକୂଳ ଅଞ୍ଚଳରେ ଏପରି ଘଟଣା ସମସ୍ତଙ୍କୁ ଆନନ୍ଦ ଆଣି ଦେଇଛି । ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟିଛି ।

## ଦୁର୍ଗା ପୂଜା ସମୟରେ ଯାନବାହାନ ଚଳାଚଳ ନିୟନ୍ତ୍ରଣ ନିମନ୍ତେ ପ୍ରଶାସନ ବ୍ୟବସ୍ଥା

ବାରିପଦା, (ସବ୍ୟୁ) : ପବିତ୍ର ଦୁର୍ଗା ପୂଜା ସମୟରେ ସହରରେ ଅଧିକ ଜନସମାଗମ ହେବା ଓ ଅଧିକ ଯାନବାହନ ଚଳାଚଳ ହେବାର ସମ୍ଭାବନା ରହୁଥିବାରୁ ହେତୁ ଆକସ୍ମିକ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏଥିସହିତ ଗହଳି ଓ ଅଧିକ ଯାନବାହନ ଚଳାଚଳ ପାଇଁ ରାସ୍ତା ଜାମ ହେବାର ସମ୍ଭାବନା ଥିବାରୁ, ଏଥିପାଇଁ ଆପତ୍ତ କାଳୀନ ସେବା ଯୋଗାଇବାରେ ମଧ୍ୟ ବ୍ୟାଘାତ ସୃଷ୍ଟି ହେବାର ସମ୍ଭାବନା ରହୁଛି। ଏହିସବୁ ସମ୍ଭାବ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ଭକ୍ତ, ଶ୍ରଦ୍ଧାଳୁ, ଦର୍ଶନାର୍ଥୀ ମାନେ ଦେବୀଙ୍କ ପୂଜାର୍ଚ୍ଚନା ଓ ଦର୍ଶନ ପାଇଁ ଯେମିତି କୌଣସି ଅସୁବିଧାର ସମ୍ମୁଖୀନ ନହୋଇ ସହଜରେ ପୂଜା ମଣ୍ଡପ ଗୁଡିକ ନିକଟକୁ ପହଂଚି ପାରିବେ ତଥା ସହରର ପାଦଚାରି ଜନସାଧାରଣ ଯେମିତି ଶାନ୍ତି ଶୃଙ୍ଖଳାର ସହିତ ଗମନାଗମନ କରିପାରିବେ ସର୍ବପରି ସାର୍ବଜନୀନ ସୁରକ୍ଷା ଓ ପର୍ବର ସୁପରିଚାଳନା ନିମନ୍ତେ ଜିଲ୍ଲାପାଳଙ୍କ ଆଦେଶ ଅନୁଯାୟୀ ସହରରେ ଗାଡି ମୋଟର ଯାନବାହନର ସୁଗମ ଚଳାଚଳ ପାଇଁ ବ୍ୟବସ୍ଥା କରାଯାଇଛି। ତଦନୁସାରେ ଦୈନନ୍ଦିନ ଚଳାଚଳ କରୁଥିବା ବସ, ଟ୍ରକ ଓ ଅନ୍ୟାନ୍ୟ ଯାନ ଗୁଡିକ ଦୁର୍ଗା ପୂଜା ସମୟରେ ୨୮ତାରିଖ ଠାରୁ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ଭାୟା ବାଘରା ରୋଡ଼, ଦାରୋଗାଡାହି ଛକ ଓ ବାଲେଶ୍ୱର ଗୋଲେଇ ରାସ୍ତା ଦେଇ ଗନ୍ତବ୍ୟ ସ୍ଥଳକୁ ଚଳାଚଳ କରିବେ ।

## ୟୁବି ହାଇସ୍କୁଲରେ ପୁନଶ୍ଚ ପୃଥିବୀ କାର୍ଯ୍ୟକ୍ରମ

ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ ପିଏମ୍ ଶ୍ରୀ ଉପେନ୍ଦ୍ର ଭଞ୍ଜ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗରରେ ଏକ୍ ପେଡ୍ ମାଁ କେ ନାମ୍ - ୨.୦ ପାଳନ ଅବସରରେ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟର ଏନ୍‌ସି ସି ଆର୍ମି ଉଇଙ୍ଗ ସେକେଣ୍ଡ ଅଫିସର ତଥା ଇକୋକ୍ଲବର ଆବାହକ ଶ୍ୟାମା ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସୁନ୍ଦର କାର୍ଯ୍ୟକ୍ରମ ପୁନଶ୍ଚ ପୃଥିବୀ - କ୍ଲାଇମେଟ୍ ପଞ୍ଚାୟତ କାର୍ଯ୍ୟକ୍ରମର ଆୟୋଜିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ସମସ୍ତ ଏନ୍‌ସିସି ଆର୍ମି ଉଇଙ୍ଗ କ୍ୟାଡେଟ ଅଗ୍ରଦୂତ ଭାବରେ ଯୋଗ ଦେଇଥିଲେ । ଏଥିରେ ଭଞ୍ଜନଗର ବିଧାନ ସଭା ସଦସ୍ୟ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି , ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ମୁଖ୍ୟ ବକ୍ତା, ସମ୍ବାଦ ସାହିତ୍ୟ ଘର ଭଂଜନଗରର ସଭାପତି କୃତିବାସ ବିଶ୍ୱାଳ, ଅବସରପ୍ରାପ୍ତ ବନ କର୍ମଚାରୀ ରେଞ୍ଜର ଅନୁପମ ବାନାର୍ଜୀ, ସୁରେଶ ଚନ୍ଦ୍ର ସ୍ୱାଇଁ, ରୋଟାରୀ ସଭାପତି ରଞ୍ଜିତ ବାରିକ, ସମ୍ବାଦ ସାହିତ୍ୟ ଘରର ସେକ୍ରେଟାରୀ ସନ୍ତୋଷ କୁମାର ଜେନା ଓ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଉମାକାନ୍ତ ନାହାକ ଆଦି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଞ୍ଚ ମଣ୍ଡନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ବିଦ୍ୟାଳୟର ହତାରେ ବୃକ୍ଷ ରୋପଣ କରିବା ପରେ ପ୍ରଧାନଶିକ୍ଷକଙ୍କ ଆବାହନ କ୍ରମେ ଏକ ସଭାକାର୍ଯ୍ୟ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମର ପ୍ରଥମଭାଗରେ ସୁନ୍ଦର ପୃଥିବୀ ନିମନ୍ତେ ସବୁଜିମାର ଆବଶ୍ୟକତା ଧରଣୀ ମାଗୁଛି ସବୁଜ ଶାଢ଼ୀ, 'ଆସ' ଗଛ ଲଗାଇବା ଧାଡ଼ି କି ଧାଡ଼ି ସଂପର୍କିତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ସନ୍ତୋଷ ଜେନା, ପରିଚାଳନା କରିଥିଲେ ସମ୍ବାଦ ପ୍ରତିନିଧି ବିଶ୍ୱମ୍ବର ଜେନା, ଅତିଥି ପରିଚୟ ପ୍ରଦାନ କରିଥିଲେ ନେତାଜୀ ବିଷୋୟୀ। ଆଗାମୀ ଦିନରେ ଏହି ବିଦ୍ୟାଳୟକୁ ଏକ ପ୍ଲାଷ୍ଟିକ, ଆବର୍ଜନାମୁକ୍ତ ତଥା ସବୁଜିମାଭରା ବିଦ୍ୟାଳୟରେ ପରିଣତ କରାଯିବା ନିମନ୍ତେ ସଂକଳ୍ପ ଗ୍ରହଣ କରାଯାଇଥିଲା । ଶ୍ରୀ ମିଶ୍ର ଓ ଶ୍ରୀ ବାନାର୍ଜୀ ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ସଂପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇଥିଲେ ଏବଂ ପ୍ରତ୍ୟେକ କ୍ୟାଡେଟଙ୍କୁ ଗୋଟିଏ ଲେଖାଏଁ ଗଛ ଲଗାଇବା ଏବଂ ବଞ୍ଚାଇବା ପାଇଁ ଶପଥ ଗ୍ରହଣ କରାଇଥିଲେ । ଶ୍ରୀ ମିଶ୍ର ପରିବେଶ ସୁରକ୍ଷା ସମ୍ବନ୍ଧୀୟ ସ୍ଲୋଗାନ, ସଚେତନତା ବାର୍ତ୍ତା ଦେଇଥିଲେ ଏବଂ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏହାକୁ ଦୋହରାଇଥିଲେ । ମୁଖ୍ୟ ଅତିଥି ତଥା ବିଧାୟକ ମହୋଦୟ ଶ୍ରୀ ନାୟକ ଆଜିକାର ପରିବର୍ତ୍ତିତ ବୈଶ୍ୱିକ ପରିସ୍ଥିତିରେ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସମସ୍ତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ସମସ୍ତ ସମ୍ବାଦ ସାହିତ୍ୟ ଘରର ସଦସ୍ୟଙ୍କୁ ଶ୍ରୀ ମିଶ୍ର ସାଧୁବାଦ ଜ୍ଞାପନ କରିଥିଲେ ।

## ବ୍ରହ୍ମପୁରରୁ ସୁରତକୁ ଅମୃତ ଭାରତ ଟ୍ରେନର ଉଦ୍‌ଘାଟନ



ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାରୁ ହଜାର ଶ୍ରମିକ ଜୀବିକା ଅର୍ଜନ କରିବା ନିମନ୍ତେ ବାହାର ରାଜ୍ୟକୁ ଯାଉଥିବା ବେଳେ ଦୂର ଦୂରାନ୍ତକୁ ଟ୍ରେନ ଯୋଗେ ଯାତାୟତ କରିବା ବହୁ କଷ୍ଟ ହେଉଥିଲା। ଏନେଇ ଗଞ୍ଜାମବାସୀ ଦୀର୍ଘଦିନ ଧରି ଦାବି କରିଥିଲେ। ଶେଷରେ ଏହି ଦାବି ଏବେ ପୂରଣ ହୋଇଛି। ଅମୃତ ଭାରତ ଟ୍ରେନ ବ୍ରହ୍ମପୁରରୁ ସୁରତକୁ ସିଧାସଳଖ ଟ୍ରେନ ଚଳାଚଳକୁ ଭାରଚୁଆଲ ମାଧ୍ୟମରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ଟ୍ରେନ ବ୍ରହ୍ମପୁର ରେଳ ଷ୍ଟେସନର ୪ ନମ୍ବର ପ୍ଲାଟଫର୍ମରେ ରହି ସାଧାରଣ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ସୁବିଧା ସୁଯୋଗ ଯୋଗାଇ ଦେବା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଗଞ୍ଜାମ ଜିଲ୍ଲାର ପ୍ରାୟ ୧୦ ଲକ୍ଷ ଲୋକ ଜୀବନଜୀବିକା ପାଇଁ ଗୁଜରାଟ ଓ ସୁରତ ସହର ଉପରେ ନିର୍ଭର କରୁଥିବା ବେଳେ ସେମାନଙ୍କ ଯାତାୟତ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବ୍ରହ୍ମପୁରରୁ ଏକ ସିଧାସଳଖ ଟ୍ରେନ ବାହାରି ଗୁଜରାଟର ଉଧନ ଷ୍ଟେସନରେ ପହଞ୍ଚିବ। ଫଳରେ ବହୁ ଜନସାଧାରଣ ଉପକୃତ ହେବେ। ଯାହା ପୂରଣ ହୋଇଛି। ଏହି ଅବସରରେ ଆଜି ରେଳ ଷ୍ଟେସନ ଠାରେ ଏକ ଉଦଘାଟନୀ ଉତ୍ସବରେ ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ବ୍ରହ୍ମପୁର ସାଂସଦ ଡ ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ସଂସଦ ଅନିତା ଶୁଭଦର୍ଶୀନୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଜିଲ୍ଲାପାଳ ଭି କୀର୍ତ୍ତି ୱାସନ, ବ୍ରହ୍ମପୁର ଏସପି ଡ ସର୍ବଣା ବିବେକ ଏମ, ଘୁମୁସର ଜିଲ୍ଲା ସଭାପତି ବିଜୟ ସ୍ୱାଇଁ, ଷ୍ଟେସନ ମେନେଜର ଦୁର୍ଗା ପ୍ରସାଦ ବ୍ରହ୍ମା ଓ ସେମେତ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଆଜି ଯୋବ୍ରା ଦୁର୍ଗା ମଣ୍ଡପରେ ହେବ ମା' ଙ୍କ ଚାନ୍ଦିମେଢ଼ ଉନ୍ମୋଚନ



କଟକ, (ସ୍ୱପ୍ର): ଦଶହରାକୁ ନେଇ ଉତ୍ସବ ମୁଖର ହୋଇଛି କଟକ । ଏମିତି ଏକ ସମୟରେ ସ୍ଥାନୀୟ ଯୋବ୍ରା ପୂଜା କମିଟି ପକ୍ଷରୁ ଏବର୍ଷ ମା'ଙ୍କ ପାଇଁ ଚାନ୍ଦି ମେଢ ପ୍ରସ୍ତୁତ ହୋଇଛି । ଏନେଇ ପୂର୍ବତନ ବିଧାୟକ ତଥା ଯୋବ୍ରା ମା' ଦୁର୍ଗା ମନ୍ଦିର ପରିଚାଳନା କମିଟିର ମୁଖ୍ୟ ଉପଦେଷ୍ଟା–ଡଃ ପ୍ରଭାତ ରଂଜନ ବିଶ୍ୱାଳଙ୍କ ଆହ୍ୱାନ କ୍ରମେ ଯୋବ୍ରା ଦୁର୍ଗା ମନ୍ଦିର ସମ୍ମିଳନୀ ଗୃହରେ ଏକ ସମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ମନ୍ଦିର ପରିଚାଳନା କମିଟି ତରଫରୁ ମା' ଙ୍କ ମଣ୍ଡପରେ ବହୁ ବଦାନ୍ୟ ବ୍ୟକ୍ତିବିଶେଷଙ୍କ ଅବଦାନରେ ୨କ୍ୱିଣ୍ଟାଲ ୫୦ କିଲୋଗ୍ରାମ ଚାନ୍ଦିରେ ନିର୍ମାଣ କରାଯାଇଥିବା ନୂତନ ଚାନ୍ଦିମେଢ଼ ଆସନ୍ତା ୨୮ ତାରିଖ ସନ୍ଧ୍ୟାରେ ଉନ୍ମୋଚନ କରାଯିବ । ଯାହା ଯୋବ୍ରାବାସୀ ତଥା କଟକ ସହର ପାଇଁ ଏକ ଗୌରବର ବିଷୟ । ଏନେଇ ଯୋବ୍ରା ଦୁର୍ଗାପୂଜା କମିଟି ପକ୍ଷରୁ ସହାୟତା ଦେଇଥିବା ବ୍ୟକ୍ତିବିଶେଷଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଯୋବ୍ରା ମା ଦୁର୍ଗା ମନ୍ଦିର ପରିଚାଳନା କମିଟିର ସଭାପତି - ପ୍ରମୋଦ କୁମାର ଜେନା, ସମ୍ପାଦକ -ଶ୍ରୀମନ୍ତ ଦାସ, କାର୍ଯ୍ୟକାରୀ ସଭାପତି- ତପନ କୁମାର ବେହେରା, ଯୁଗ୍ମ ସମ୍ପାଦକ- ମୃତ୍ୟୁଞ୍ଜୟ ବେହେରା, କୋଷାଧ୍ୟକ୍ଷ -ମଳୟ କୁମାର ବେହେରା, ସହ କୋଷାଧ୍ୟକ୍ଷ- ଗଗନ ମହାନ୍ତି, ଯୋବ୍ରା ମା ଦୁର୍ଗା ଯୁବକ ସଂଘର ସଭାପତି ସଂଜୀବ କୁମାର ବେହେରା, ସମ୍ପାଦକ- କନକ୍ଷି ଜେନା, କାର୍ଯ୍ୟକାରୀ ସଭାପତି- ମାନସ ସାମଲ, ଉପଦେଷ୍ଟା ମଣ୍ଡଳୀ - ପ୍ରଫୁଲ୍ଲ ଜେନା, ତ୍ରୈଲୋକ୍ୟ ବେହେରାଙ୍କ ସହ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

## ବାଛୁରୀକୁ ମାରି ଖାଇଲା ବନ୍ୟଜନ୍ତୁ

ଭଂଜନଗର, (ସବ୍ୟୁ): ଉତ୍ତର ଘୁମୁସର ବନଖଣ୍ଡ ଜଗନ୍ନାଥପ୍ରସାଦ ବନାଞ୍ଚଳର ବେଲଗୁଣ୍ଠା ବିଟ୍ ଅନ୍ତର୍ଗତ ବଣିଆପଲ୍ଲୀ ଗାଁ ନିକଟରେ ବାଛୁରୀକୁ ମାରିଛି ବନ୍ୟଜନ୍ତୁ । ଏନେଇ ସ୍ଥାନୀୟ ଅଞ୍ଚଳରେ ବାଘ ଗୁଜବ ଚାଲିଥିବା ବେଳେ ବନବିଭାଗ ଏହାକୁ ଖଣ୍ଡନ କରିଛି । କୌଣସି ହିଂସ୍ର ବନ୍ୟପ୍ରାଣୀ କିମ୍ବା ଗଧିଆବାଘ ଭଳି ବନ୍ୟଜନ୍ତୁ ଏଭଳି କରିଥାଇପାରେ ବୋଲି କୁହାଯାଇଛି । ସୂଚନା ପ୍ରକାରେ ବଣିଆପଲ୍ଲୀ ଗାଁ ନିକଟ ଧନୁ ଗୌଡ ନାମକ ଜଣେ ଗୋପାଳକଙ୍କ ଗାଈ କୁହାଁରରେ ଏଭଳି ଏକ ଘଟଣା ନଜରକୁ ଆସିଛି । ଗୋଟିଏ ବାଛୁରୀକୁ ଟାଣି ନେଇ, ବନ୍ୟଜନ୍ତୁଟି ଖାଇଥିବା ଜଣାପଡିଛି । ଏସଂକ୍ରାନ୍ତରେ ଖବର ପାଇ ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ ସୁଜାତା ରାଣୀ ପଣ୍ଡା, ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ । ମୃତ ବାଛୁରୀକୁ ଜବତ କରିବା ସହ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ବ୍ୟବଚ୍ଛେଦ କରିଥିଲେ। ତେବେ ପାରିପାର୍ଶ୍ୱିକ ଅବସ୍ଥିତି ଏବଂ ପଡିଥିବା ପାଦ ଚିହ୍ନ, ଗଧିଆ ଜାତୀୟ ପ୍ରାଣୀଙ୍କର ବୋଲି ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଥିବା କହିଛନ୍ତି ବନାଞ୍ଚଳ ଅଧିକାରୀ । ତେବେ ଏନେଇ ସ୍ଥାନୀୟ ଲୋକେ କିମ୍ବା ଗୋପାଳକ ମାନେ ଭୟଭୀତ ହେବା ଆବଶ୍ୟକ ନାହିଁ ବୋଲି କହିଛନ୍ତି । ତଥାପି ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ, ବନ୍ୟପ୍ରାଣୀ ସଂକ୍ରାନ୍ତରେ ସ୍ପଷ୍ଟ ହେବ ବୋଲି କୁହାଯାଇଛି ।

## ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ଲଗାଣ ବର୍ଷା

### ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ବୁଲି ସ୍ଥିତି ଯାଞ୍ଚ କଲେ ଜିଲ୍ଲାପାଳ, ସ୍କୁଲ ଓ ଅଙ୍ଗନବାଡି ଛୁଟି

ଛତ୍ରପୁର, (ସବ୍ୟୁ): ଲଗାଣ ବର୍ଷା ଲାଗି ଗଞ୍ଜାମ ଜିଲ୍ଲାକୁ ଅରେଞ୍ଜ ୱାର୍ଣିଂ ଜାରି କରାଯାଇଛି । ଏହାର ମୁକାବିଲା ଲାଗି ଗଞ୍ଜାମ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି । ସମସ୍ତ ଲାଇନ ବିଭାଗକୁ ସଜାଗ ରହିବା ପାଇଁ କୁହାଯାଇଛି । ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଶନିବାର ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଓ ଅଙ୍ଗନ ବାଡ଼ି କେନ୍ଦ୍ର ଗୁଡିକୁ ଜିଲ୍ଲାପାଳ ଭି. କିର୍ତ୍ତୀ ଭାସନ ଛୁଟି ଘୋଷଣା କରିଛନ୍ତି। ଜିଲ୍ଲାରେ ଥିବା ସମସ୍ତ ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡିକୁ ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି । ଆବଶ୍ୟକ ହେଲେ ସେଗୁଡିକୁ ବ୍ୟବହାର କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତ। ଏନେଇ ଶୁକ୍ରବାର ରାତ୍ରରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଛତ୍ରପୁର ବ୍ଲକ ଅନ୍ତର୍ଗତ ଉପୁଲାପୁଟି, ଆର୍ଯ୍ୟପଲ୍ଲୀ ସମେତ ଗୋପାଳପୁରରେ ବିଭିନ୍ନ କୋଷ୍ଟାଲ ଅଞ୍ଚଳ ଗୁଡିକରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀ ବୁଲି ସ୍ଥିତି ଯାଞ୍ଚ କରିଛନ୍ତି । ମତ୍ସ୍ୟଜିବି ମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । କୌଣସି ସରକାରୀ ଅଧିକାରୀ ବିନା ଅନୁମତିରେ ହେଡ଼ କ୍ୱାର୍ଟର ଛାଡି ଯାଇପାରିବେନି ବୋଲି ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାରେ ବ୍ଲକ ଓ ତହସିଲ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯିବା ସହ ଜରୁରୀ କାଳୀନ ନମ୍ବର ଜାରୀ କରାଯାଇଛି । ଜରୁରୀ ହେଲେ ଲୋକେ ସେହି ନମ୍ବରରେ କଲ କରିପାରିବେ ବୋଲି ଜିଲ୍ଲାପାଳ କହିଛନ୍ତି । ଜିଲ୍ଲା ପ୍ରଶାସନ ସମ୍ପୂର୍ଣ ପ୍ରସ୍ତୁତ ହୋଇ ରହିଛି । ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଗଞ୍ଜାମ ଜିଲ୍ଲାବାସୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଜରୁରୀକାଳୀନ ବ୍ୟବସ୍ଥାର କିପରି ବ୍ୟବସ୍ଥା ହୋଇଛି ତାହା ଜିଲ୍ଲାପାଳ ନିରୀକ୍ଷଣ କରିଥିଲେ। ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ବେଳେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଛତ୍ରପୁର ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁ, ଅତିରିକ୍ତ ତହସିଲଦାର ମନୋଜ ପ୍ରଧାନ, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ ।

## କାନ୍ଥ ଭୁଷୁଡି ମହିଳା ଗୁରୁତର

ବୁଗୁଡା, (ସବ୍ୟୁ): ବୁଗୁଡ଼ା ବ୍ଲକ ଭାମଶ୍ୟାଳି ଗ୍ରାମରେ କାନ୍ଥ ଭୁଷୁଡି ଉପରେ ପଡିବାରୁ ଜଣେିକା ମହିଳା ଗୁରୁତର ହୋଇ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ଗୁରୁତର ମହିଳା ଜଣକ ହେଲେ ଲଡୁ କିଶୋର ଦାସଙ୍କ ପତ୍ନୀ ସାବିତ୍ରୀ ଦାସ(୬୦)। ଘଟଣାରୁ ପ୍ରକାଶ ଯେ, ଆଜି ସକାଳ ପ୍ରାୟ ସାଢ଼େ ଆଠଟା ସମୟରେ ସାବିତ୍ରୀ ବାରିପଟେ ଗାଧୁଆ ସାରି ଫେରୁଥିବା ବେଳେ ତାଙ୍କ ପଡୋଶୀ ପୁରୁଷୋତ୍ତମ ନାୟକଙ୍କ ଚାଳଘର କାନ୍ଥ ହଠାତ ଭୁଷୁଡି ଯାଇ ସାବିତ୍ରୀଙ୍କ ଉପରେ ପଡିଯାଇଥିଲା। ତାଙ୍କୁ ସେଠାରୁ ଆହତ ଅବସ୍ଥାରେ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ତାଙ୍କର ଶରୀରର ବିଭିନ୍ନ ଜାଗାରେ ଖଣ୍ଡିଆ ଖାବରା ସହିତ ଡାହାଣ ଗୋଡ ଭାଙ୍ଗି ଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମକ ଚିକିତ୍ସା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା।

## ପାର୍ବଣରେ ଗୋଲନ୍ଥରା ଥାନା ପୋଲିସର ପେଟ୍ରୋଲିଙ୍ଗ କଡାକଡି

ଗୋପାଳପୁର, (ସବ୍ୟୁ): ଗୋଲନ୍ଥରା ଥାନା ଅଞ୍ଚଳରେ ଗୋଲନ୍ଥରା ପୋଲିସ ପକ୍ଷରୁ ଚବିଶି ଘଣ୍ଟିଆ ପେଟ୍ରୋଲିଙ୍ଗ ଖୋଦ ଡି.ଏସ.ପି. ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଚାଲିଥିବା ଜଣା ପଡିଛି । ଅଞ୍ଚଳର ରଣ୍ଡା, ଶାସନ ପଦର, ଛେଳିଆ, ହଳଦିଆ ପଦର ଅଞ୍ଚଳରେ ଯାତ୍ରାର ମାହୋଲ ଚାଲି ଥିବା ବେଳେ ସବୁଠି ଶାନ୍ତି, ଶୃଙ୍ଖଳାର ସହ ଯାତ୍ରା ପରିଚାଳନା ହେଉଥିବା ଦେଖିବାକୁ ମିଳୁଛି । ତିନି ଜଣ ଗାଡି ଚଲେଇବା, ମଦ ପିଇ ଗାଡି ଚଲେଇବା ପ୍ରତି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ଦେଖିବାକୁ ମିଳୁଛି। ତା ସହ ଚୋରା ମଦ ବିକ୍ରୟ ସ୍ଥାନ ମାନଙ୍କରେ ମଧ୍ୟ ଚଢାଉ କରା ଯାଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଗୋଲନ୍ଥରା ଥାନା ଇଲାକା ଏକ ଶାନ୍ତିର ବାତା ବାରଣରେ ଗତି କରୁଛି ବୋଲି ସ୍ଥାନୀୟ ଅଞ୍ଚଳର ବରିଷ୍ଠ ବୁଦ୍ଧିଜୀବୀ ମାନେ ମତପ୍ରକାଶ କରିଛନ୍ତି। ଦ୍ୱିତୀୟତଃ ଜୁଆ ଆଡ୍ଡା ଯେଉଁଠି ଆରମ୍ଭ ହେବ ଉକ୍ତ ଜାଗାରେ ନିଶ୍ଚିତ ରୂପେ ଚଢାଉ କରାଯିବା ସହ ଜୁଆଡ଼ି ମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ସୂତ୍ରରୁ ପ୍ରକାଶ। ଥାନା ଅଧିକାରୀ ତଥା ଡି. ଏସ. ପି. ବିବେକାନନ୍ଦ ସ୍ୱାଇଁ ଅଞ୍ଚଳବାସୀଙ୍କୁ ଶାନ୍ତି, ଶୃଙ୍ଖଳାର ସହ ରହିବା କୌଣସି ଅସାମାଜିକ କାର୍ଯ୍ୟରେ ଲିପ୍ତ ନରହିବାକୁ ନିବେଦନ କରିଛନ୍ତି ।

## ବାରିପଦା କଳାକାରଙ୍କ ତରଫରୁ ଓଡିଶା ନାଟ୍ୟ ସଙ୍ଘ ଦିବସ ପାଳିତ




ବାରିପଦା, (ସବ୍ୟୁ) : ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାରିପଦା କଳାକାର ପରିବାର ସଙ୍ଘ ତରଫରୁ ୩୮ତମ ଓଡିଶା ନାଟ୍ୟ ସଙ୍ଘ ଦିବସ ପାଳିତ ହୋଇଯାଇଛି । ଓଡିଶା ନାଟ୍ୟ ସଙ୍ଘର ଉତ୍ତର ଓଡିଶା ଜୋନର ଉପସଭାପତି ରତିକାନ୍ତ ବେହେରାଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଓମଂ ନାଟ୍ୟ ସଂସ୍ଥାର ପ୍ରତିଷ୍ଠାତା ତଥା ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଧୀର ବସା ଅତିଥି ଭାବେ ଯୋଗଦେଇ ମଞ୍ଚ ନାଟକ ପ୍ରତି ନାଟ୍ୟ ସଙ୍ଘର ଭୂମିକାକୁ ବେଶ ପ୍ରଶଂସା କରିଥିଲେ । ଶ୍ରୀ ବେହେରା ଓଡିଶା ନାଟ୍ୟ ସଙ୍ଘ ଦ୍ୱାରା ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ନୁପୁର ନାଟ୍ୟ ସଂସ୍ଥାର ମୁଖ୍ୟ ତଥା ବରିଷ୍ଠ ନିର୍ଦ୍ଦେଶକ ଓ ନାଟ୍ୟକାର ଡ଼ଃ କୁମରମଣି ନାୟକ ନାଟକ ପ୍ରତି ନିଷ୍ଠାବାନ ହେବା ପାଇଁ ଯୁବ କଳାକାରଙ୍କୁ ଆହ୍ୱାନ ଦେଇଥିଲେ । ବାରିପଦା କଳାକାର ପରିବାର ଖୁବ୍‌ଶୀଘ୍ର ଓଡିଶା ନାଟ୍ୟ ସଂଘର ସଦସ୍ୟତା ପାଇବାକୁ ଯାଉଛି ବୋଲି ଶ୍ରୀ ବଶା ପ୍ରକାଶ କରିଥିଲେ ଓ ସଂଯୋଜକ ବ୍ରିଜେନ୍ଦ୍ର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବାରିପଦା କଳାକାର ପରିବାର ଏକ ସାଧାରଣ ପରିଷଦ ବୈଠକ ସନ୍ତୋଷ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉପସଭାପତି ଅନଦା ଶଙ୍କର ଦାଶ ଓ ପ୍ରକାଶ ଚନ୍ଦ୍ର ଦାଶ ତଥା ପୂର୍ବତନ ସଭାପତି ଧୀର ବଶା ଓ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଚିନ୍ମୟ ଦାସ ପଟ୍ଟନାୟକ ଓ କ୍ଷୀରୋଦ ବିହାରୀ ସିଟ ନିଜର ମତ ଉପସ୍ଥାପନ କରିଥିଲେ । ସମ୍ପାଦକ ଅସିତ କୁମର ଗିରି ବାରିପଦାରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବର ସଫଳ ଆୟୋଜନ ପାଇଁ ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ସାଧୁବାଦ ଜଣାଇଥିଲେ । ଆଗାମୀ ବର୍ଷ ବାରିପଦା କଳାକାର ପରିବାର ଦ୍ୱାରା ଏକ ରାଜ୍ୟସ୍ତରୀୟ ନାଟକ ଉତ୍ସବ ଆୟୋଜନ କରାଯିବ ବୋଲି ସୂଚନା ଦେଇଥିଲେ ଓ ନାଟ୍ୟ ସଙ୍ଘ ପାଳନ ଅବସରରେ ନିକଟ ଅତୀତରେ ରାଜ୍ୟ ସ୍ତରରେ ସମ୍ମାନିତ ହୋଇଥିବା ଧୀର ବଶା, ଡ଼ କୁମର ମଣି ନାୟକ ଓ ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଜାତୀୟ ନାଟ୍ୟ ମହୋତ୍ସବରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସ୍ମୃତି ସମ୍ମାନରେ ସମ୍ମାନିତ ହୋଇଥିବା ପ୍ରତିଭା ମାନଙ୍କ ମଧ୍ୟରୁ ସନ୍ତୋଷ ମହାନ୍ତି, ରତିକାନ୍ତ ବେହେରା, ପ୍ରୟାଶ ଶତପଥି, ସତ୍ୟନାରାୟଣ ଦାସ, ବ୍ରିଜେନ୍ଦ୍ର ରାଉତ, କୁନ୍ଦନଲାଲ ଭଞ୍ଜ ଓ ମହେଶ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ପଟ୍ଟନାୟକ, ଜଗଦିଶ ଚନ୍ଦ୍ର ଦାସ, ସମରେନ୍ଦ୍ର ବଶା ଉପସ୍ଥିତ ରହି ନିଜର ମତ ବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ସଦସ୍ୟ ସୋମନାଥ ସିଂହ ସଂଚାଳନ କରିଥିବାବେଳେ ସହ ସମ୍ପାଦକ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲିପଦର ଗ୍ରାମରେ ଦୁର୍ଗା ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକ ବାଲିପଦର ଗ୍ରାମସ୍ଥ ପୂଜା କମିଟି ପକ୍ଷରୁ ମା' ଦୁର୍ଗାଦେବୀଙ୍କ ଷଷ୍ଠୀ ପୂଜା ଉପଲକ୍ଷେ ଆଜି ବାଲିପଦର ବସଷ୍ଟାଣ୍ଡଠାରେ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଅବସରରେ ପୂଜା କମିଟି ସମେତ ଗ୍ରାମବାସୀମାନେ ବାଦ୍ୟ ବାଜଣା ସହ କଳସ ଶୋଭାଯାତ୍ରାରେ ବାହାରି ନଗର ଭ୍ରମଣ ପୂର୍ବକ ମା'ଙ୍କ ପୂଜା ମଣ୍ଡପସ୍ଥଳରେ ଶୁଭଖୁଣ୍ଟିକୁ ସ୍ଥାପନ କରିଥିଲେ। ଉକ୍ତ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ପ୍ରଦ୍ୟୁମ୍ନ ଖାଡ଼ଙ୍ଗା ଯୋଗ ଦେଇଥିଲା ବେଳେ କର୍ତ୍ତା ଭାବେ ତ୍ରିନାଥ ସାସମଲ ଦାୟିତ୍ୱ ନିର୍ବାହ କରିଥିଲେ। ପୂଜା କମିଟି ସଭାପତି ସଞ୍ଜୟ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ନାରାୟଣ ସାମନ୍ତରା ପରିଚାଳନା କରିଥିବା ବେଳେ ଅନ୍ୟ ସଦସ୍ୟମାନେ ଏଥିରେ ସକ୍ରିୟ ସହଯୋଗ କରିଥିଲେ।

## ଡ୍ରିମ୍‌ସ ସ୍କୁଲ ଅଫ ଫାର୍ମାସୀରେ ଅଭିମୁଖୀକରଣ କାର୍ଯ୍ୟକ୍ରମ




କଟକ, (ସ୍ୱପ୍ର): ଡ୍ରିମ୍‌ସ ସ୍କୁଲ ଅଫ ଫାର୍ମାସୀ ଆନୁକୂଲ୍ୟରେ ନବାଗତ ଛାତ୍ରଛାତ୍ରୀଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅଭାସି ମାଧ୍ୟମରେ କାର୍ଯ୍ୟକ୍ରମ ଉଦଘାଟନ କରି ନବାଗତ ଛାତ୍ରଛାତ୍ରୀ ଡ୍ରିମ୍‌ସକୁ ସ୍ୱପ୍ନ ଓ ସାଧନାର ପୀଠ ଭାବରେ ଚୟନ କରିଥିବାରୁ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ମୁଖ୍ୟଅତିଥି ବିଶ୍ୱବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଆଧୁନିକ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଫାର୍ମାସୀ ଶିକ୍ଷାର ଗୁରୁତ୍ୱ ଉପରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବାୟୋଲୋଜିକାଲ କମ୍ପାନୀର ବରିଷ୍ଠ ଉପ-ସଭାପତି ରାକେଶ କୁମାର ସିହ୍ନା, ରାଜ୍ୟ ସହକାରୀ ଭେଷଜ ନିୟନ୍ତ୍ରକ ଡା.ତୁଷାର ରଂଜନ ପାଣିଗ୍ରାହୀ, ଡିନ୍ (ଗବେଷଣା) ଡ. ବିଶ୍ୱରଂଜନ ମହାନ୍ତି, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳନ ଅବସରରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅବସରପ୍ରାପ୍ତ ଫାର୍ମାସିଷ୍ଟ ଶୁଭେନ୍ଦ୍ରନାଥ ଷଡଙ୍ଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡିନ୍ ଡ. ଅମୂଲ୍ୟରତ୍ନ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରାଧ୍ୟାପକ କାହ୍ନୁଚରଣ ପଣ୍ଡା, ଚନ୍ଦ୍ରଶେଖର ବାରିକ, ସିଦ୍ଧାର୍ଥ ଶଙ୍କର କରଙ୍କ ସମେତ ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ପ୍ରଗତୀ କଳା କେନ୍ଦ୍ର ପକ୍ଷରୁ ଦାଣ୍ଡିଆ ନୃତ୍ୟ କାର୍ଯ୍ୟକ୍ରମ

ଛତ୍ରପୁର, (ସବ୍ୟୁ): ଚାଲିଛି ନବରାତ୍ରୀ ପୂଜା। ଗୋଟେ ପଟେ ଭକ୍ତମାନେ ମା' ଦୁର୍ଗାଙ୍କ ଆରାଧନା କରୁଥିବା ବେଳେ ଅନ୍ୟପଟେ ଦାଣ୍ଡିଆ ନାଚର ଆସର ଜମିଛି। ଦାଣ୍ଡିଆ ନାଚରେ ଭକ୍ତମାନେ ଦେବୀ ମା'ଙ୍କ ଆରାଧନା କରି ହାତରେ ଦାଣ୍ଡିଆ(ନାଚରେ ବ୍ୟବହୃତ ବାଡି) ଧରି ଗରବା ନୃତ୍ୟ କରିଛନ୍ତି । ଦାଣ୍ଡିଆ ନାଚ ମନକୁ ଯେତେ ପ୍ରଫୁଲ୍ଲିତ କରିଥାଏ ସେତିକି ସ୍ୱାସ୍ଥ୍ୟଗତ ଫାଇଦା ମଧ୍ୟ ଦେଇଥାଏ। ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ପ୍ରଗତିକଳା କେନ୍ଦ୍ରର ସମ୍ପାଦକ ତଥା ମୁଖ୍ୟ ସୁଧାଂଶୁ ଶେଖର ଶତପଥି ଏବଂ ଏମ. ରାଧାକୁମାରୀଙ୍କ ତତ୍ତ୍ୱାବଧାନରେ ଛତ୍ରପୁର ସହରରେ ମୁକ୍ତ ମଞ୍ଚରେ ପିତ୍ର ନବରାତ୍ରୀ ଉପଲକ୍ଷେ ଦାଣ୍ଡିଆ ନୃତ୍ୟ ସ୍ଥାନୀୟ ପଣ୍ଡା କଲୋନୀ ଠାରେ ଅନୁଷ୍ଠିତ ହୋଇଯାଇଛି । ଛୋଟ ଠାରୁ ବଡ଼ ସମସ୍ତେ ମା'ଙ୍କ ଭକ୍ତିରେ ମସଗୁଲ ହୋଇ ଏଠାରେ ସାମୁହିକ ଭାବେ ଦାଣ୍ଡିଆ ନୃତ୍ୟ ଆନନ୍ଦ ଉଲ୍ଲାସର ସହ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ସାମ୍ବାଦିକ ସଂଘ ( ଓ ଜେ ୟୁ ) ର ଉପସଭାପତି ପ୍ରଶାନ୍ତ କୁମାର ମହାରଣା, ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ତଥା ୧୦ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ର ଓ ୧୩ନଂ ୱାର୍ଡ କାଉନସିଲର ସୁମନ୍ତ କୁମାର ନାହାକ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଛାତ୍ରୀ ବସୁନ୍ଧରା ପାଣିଗ୍ରାହୀ ସଂଯୋଜନା କରିଥିବା ବେଳେ ପ୍ରଗତୀ କଳା କେନ୍ଦ୍ରର ସଭାପତି ଆଲୋକ କୁମାର ନାୟକ, ସମ୍ପାଦକ ସୁଧାଂଶୁ ଶେଖର ଶତପଥୀ, କେ. ଶିବରାମ ଆୟା ଓ ଏମ. ରାଧା କୁମାରୀ ଉପସ୍ଥିତ ରହି ଅତିଥି ମାନଙ୍କ ଦ୍ୱାରା ଛତ୍ରପୁର ଏବଂ ବ୍ରହ୍ମପୁର ଅଂଚଳର ବହୁ କଳାକାର ଓ ସଂଗଠନର କର୍ମକର୍ତ୍ତା ମାନଙ୍କୁ ସମ୍ମାନିତ କରିଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦକ ସୁଧାଂଶୁ ଶେଖର ଶତପଥି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକଙ୍କ ସଫଳତା



ବାରିପଦା, (ସବ୍ୟୁ) : ବିଶ୍ୱସ୍ତରୀୟ ଗବେଷଣାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିପାରିଛି। ୨୦୨୫ ମସିହାରେ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଏବଂ ଏଲ୍‌ସେଭିୟରର ଶୀର୍ଷ ୨% ସାଇଣ୍ଟିଷ୍ଟ ରାଙ୍କିଙ୍ଗରେ ବିଶ୍ୱବିଦ୍ୟାଳୟର ଦୁଇଜଣ ସୁଯୋଗ୍ୟ ଅଧ୍ୟାପକ ସ୍ଥାନ ପାଇପାରିଛନ୍ତି। ଏହି ବିଶ୍ୱସ୍ତରୀୟ ଯୋଗ୍ୟତା ସମ୍ପନ୍ନ ତାଲିକାକୁ ସ୍କୋପସ୍ ସାଇଟେଶନ ଡାଟାକୁ ଭିତ୍ତିକରି ଉଭୟ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଓ ଏଲ୍‌ସେଭିୟର ମିଳିତଭାବେ ପ୍ରସ୍ତୁତ କରିଥାନ୍ତି। ଏଥିରେ ୨୨ଟି ବୈଜ୍ଞାନିକ ବିଷୟ ଏବଂ ୧୭୪ଟି ଉପଶାଖାରେ ବୈଜ୍ଞାନିକମାନଙ୍କର ସନ୍ଦର୍ଭ, ଏଚ୍-ଇଣ୍ଡେକ୍ସ, ଏବଂ ସଂଯୁକ୍ତ ସାଇଟେଶନଗୁଡିକୁ ଆଧାର କରି ଏକ ସ୍କୋର ପ୍ରସ୍ତୁତ କରାଯାଇ ତା'ର ମୂଲ୍ୟାଙ୍କନ କରାଯାଇଥାଏ। ଏଥିରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନର ସହକାରୀ ପ୍ରଫେସର ଡକ୍ଟର ଜନ୍ମେଞ୍ଜୟ ନାୟକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି ଓ ଇମେଜ ପ୍ରସେସିଙ୍ଗ ନିମନ୍ତେ ଲଗାତାର ତୃତୀୟ ଥର ଏବଂ ଜୈବପ୍ରଯୁକ୍ତି ବିଜ୍ଞାନ ବିଭାଗର ପ୍ରଫେସର ସୁକାନ୍ତ କୁମାର ନାୟକ ଫିସେରୀ ଗବେଷଣା ନିମନ୍ତେ ଚତୁର୍ଥ ଥର ସଫଳତାର ସହ ଟପ୍ ୨% ସାଇଣ୍ଟିଷ୍ଟ ରାଙ୍କିଙ୍ଗ ବଜାୟ ରଖିପାରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଶୁଭେଚ୍ଛା ଜଣାଇ କହିଛନ୍ତି -ଏହି ଅଧ୍ୟାପକଙ୍କ ବିଶ୍ୱସ୍ତରୀୟ ଗବେଷଣା ଓ ସଫଳତା ଆମ ବିଶ୍ୱବିଦ୍ୟାଳୟକୁ ଗୌରବାନ୍ୱିତ କରିଛି। ରାଜ୍ୟ ତଥା ଦେଶପାଇଁ ଏହା ଏକ ସମ୍ମାନର ବିଷୟ। ଅଧ୍ୟାପକଙ୍କ ସଫଳତା ଆମ ଛାତ୍ରଛାତ୍ରୀଙ୍କୁ ଗବେଷଣା ନିମନ୍ତେ ଅଧିକ ଅନୁପ୍ରେରିତ କରିବ ବୋଲି ମତବ୍ୟକ୍ତ କରିଛନ୍ତି। ସେହିପରି ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ ଏବଂ ବିଶ୍ୱବିଦ୍ୟାଳୟର କୁଳସଚିବ ସୁଶ୍ରୀ ସୁମିତା ସିଂ ଅଧ୍ୟାପକଦ୍ୱୟଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଏବଂ ଏଲ୍‌ସେଭିୟର ଟପ୍ ୨% ସାଇଣ୍ଟିଷ୍ଟ ରାଙ୍କିଙ୍ଗକୁ ଗବେଷଣାର ଶ୍ରେଷ୍ଠତାର ମାନକରୂପେ ଗ୍ରହଣ କରିଥାଏ। ଏଥିରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦୁଇ ଅଧ୍ୟାପକ ପୁନର୍ବାର ସ୍ଥାନ ବଜାୟ ରଖିବା ସେମାନଙ୍କ ବିଶ୍ୱସ୍ତରୀୟ ଗବେଷଣାକୁ ପ୍ରମାଣିତ କରିଛି। ଉକ୍ତ ସଫଳତା ପାଇଁ ଡକ୍ଟର ଜନ୍ମେଞ୍ଜୟ ନାୟକ ଓ ପ୍ରଫେସର ସୁକାନ୍ତ କୁମାର ନାୟକଙ୍କୁ ଶିକ୍ଷକ, ଛାତ୍ର ଓ ଶିକ୍ଷାବିତ୍ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ପାରିପଦାରେ ମହିଳାଙ୍କ ମୃତ୍ୟୁ ଘଟଣା : ଥାନା ଆଗରେ ଧାରଣା



ମଙ୍ଗଳପୁର, (ସବ୍ୟୁ) : ଭାଉଜଙ୍କୁ ଦିଅର ଏକତରଫା ପ୍ରେମ ନିବେଦନ କରିବା ଏବଂ ମୋବାଇଲରେ ଅଶ୍ଳୀଳ ମେସେଜ ପଠାଇବା ଭଳି ମାନସିକ ନିର୍ଯାତନା ଦେବାରୁ ଆତ୍ମହତ୍ୟା କରିଥିବାର ମଙ୍ଗଳପୁର ଥାନା ପାରିପଦା ଗ୍ରାମର ଯଶୋବନ୍ତ ଦାସଙ୍କ ସ୍ତ୍ରୀ କୁନି ଦାସ ମୃତ୍ୟୁ ଘଟଣାରେ ଜଡିତ ସମ୍ପର୍କୀୟ ଦିଅର ଶିଶିର ଦାସ ଏବଂ ତାଙ୍କ ବାପା ସନାତନ ଦାସଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ମୃତ କୁନି ଦାସଙ୍କ ପରିବାର ଏବଂ ଗ୍ରାମବାସୀ ଶନିବାର ମଧ୍ୟାହ୍ନରେ ମଙ୍ଗଳପୁର ଥାନା ସମ୍ମୁଖରେ ଶବ ରଖି ଧାରଣାରେ ବସିଥିଲେ । ଥାନାଧିକାରୀ ଜଗଦିଶ କର ତଦନ୍ତ ଜାରି ରହିଛି ।

ଘଟଣାରେ ଯିଏ ସମ୍ପୃକ୍ତ ଥିବାର ପ୍ରମାଣ ମିଳିବ ତାଙ୍କୁ ନିଶ୍ଚିତ ଭାବେ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାଯାଇଛି ।

# ପୋଷ୍ଟାଲ ପାର୍ଶଲରୁ ଶାଢି ଉଭାନ

ରାଜକନିକା, (ସବ୍ୟୁ): ରାଜକନିକା ପୋଷ୍ଟ ଅଫିସ କୁ ଆସିଥିବା ଏକ ଶାଢୀ ପାର୍ଶଲ ରୁ ୫ ଖଣ୍ଡ ଶାଢୀ ଉଭାନ ହୋଇ ଥିବା ଅଭିଯୋଗ ହୋଇଛି । ସୟଲପୁର ବରପାଲିରୁ ୧୪ କେଜି ୬ ଶହ ୭୫ ଗ୍ରାମ ଓଜନର ଏକ ଶାଢୀ ପାର୍ଶଲ ପୋଷ୍ଟାଲ ଦ୍ୱାରା ରାଜକନିକା ଚନ୍ଦନ ପୋଖରୀ ଛକ ବଜାରସ୍ଥ ଏ କେ ଏସ ଟେକ୍ସଟାଇଲ ଲୁଗା ଦୋକାନକୁ ଆସିଥିଲା । ତେବେ ଦୋକାନ ମାଲିକ ଅଜୟ କୁମାର ସାହୁ ଏହି ପାର୍ଶଲ ରାଜକନିକା ପୋଷ୍ଟ ଅଫିସରୁ ନେଇ ଦେଖିବା ବେଳେ ଆନୁମାନିକ ୫ ଖଣ୍ଡ ଶାଢୀ କମ ଅଛି। ଯାହାର ମୂଲ୍ୟ ୨୦ ରୁ ୨୫ ହଜାର ଟଙ୍କା ହେବ। ସନ୍ଦେହ ହେବାରୁ ପାର୍ଶଲ ଟିକୁ ଭଲ ଭାବେ ଦେଖା ଗଲା ଯେ ଏହାର ଗୋଟେ ପାଖ ଚିରା ହୋଇ ସେଲୋ ଟେପ ମରା ହେଲା ପରି ଜଣା ଯାଉଛି । ଏହାକୁ ଓଜନ କରିବାରୁ ଏହା ମୂଳ ଓଜନରୁ କମି ୧୨ କେଜି ୩୦୦ ଗ୍ରାମ ହେଲା। ତେବେ ପୋଷ୍ଟ ମାଷ୍ଟରଙ୍କୁ ଏ ବାବଦରେ ପଚାରି ବାରୁ ସେ କହିଲେ ଯେ ଆମେ ଜିଲ୍ଲା ମୁଖ୍ୟ ଅଫିସକୁ ଏହା ଜଣାଇଛୁ । ସେ ଖୁବ ଶୀଘ୍ର ତଦନ୍ତ କରିବେ। ଏ ଘଟଣା ପରେ ପୋଷ୍ଟାଲ ଉପରେ ଲୋକଙ୍କ ଭରସା ତୁଟୁଛି। ଏଣୁ ବିଭାଗୀୟ ଅଧିକାରୀ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି।

# ଚାକିରୀ କରାଇଦେବାକୁ କହି ଠକେଇ : ଠକ ଗିରଫ



ଦାନଗଦି , (ସବ୍ୟୁ) : କଳିଙ୍ଗନଗର ଥାନା ଅଧିନସ୍ଥ କାରଖାନାମାନଙ୍କରେ ଚାକିରୀ କରାଇଦେବା କହି ବହୁ ସମୟରେ ବେକାରୀ ଯୁବକ/ଯୁବତୀମାନେ ମିଛ ପ୍ରତିଶ୍ରୁତିରେ ଦେଇ ଲକ୍ଷାଧିକ ଟଙ୍କା ଠକି ନେଉଥିବାର ନଜିର ରହିଛି । ଏନେଇ କଳିଙ୍ଗନଗର ଥାନାରେ ବହୁବାର ଅଭିଯୋଗ ହୋଇଥାଏ । ସୂଚନାରୁ ପ୍ରକାଶ କେନ୍ଦ୍ରାପଡା ଜିଲ୍ଲା ମାହାଙ୍ଗା ଅଂଚଳର ଜଣେ ବେକାରୀ ଯୁବକ ଦୀତିକୃଷ୍ଣ ଜେନାଙ୍କୁ ଟାଟା ଷ୍ଟିଲ କାରଖାନାରେ ଚାକିରୀ କରିବାକୁ କେନ୍ଦ୍ରପଡ଼ା ଜିଲ୍ଲା, ସଦରଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ବୈକୁଣ୍ଠନାଥ ସ୍ୱାଇଁଙ୍କ ପୁଅ ସାନ୍ତନୁ କୁମାର ସ୍ୱାଇଁ (୩୫) କୁ ୧ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲା । ଦୀର୍ଘ ଦିନ ହେବ ଚାକିରୀ କରାଇଦେଇନଥିଲା କି ଟଙ୍କା ଫେରସ୍ତ କରୁନଥିଲା । ବେକାରୀ ଯୁବକ କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଥିଲା । ଅଭିଯୋଗ ମିଳିବା ପରେ ଥାନା ଅଧିକାରୀ ପ୍ରକାଶକୁମାର ସାହୁ ଏକ ମାମଲା ରୁଜୁ କରି ତଦନ୍ତ ଜାରିରଖିଥିଲେ । ଏହି ଘଟଣାରେ ସଂପୃକ୍ତ ସାନ୍ତନୁ କୁମାର ସ୍ୱାଇଁଙ୍କୁ ଗିରଫ କରି ଅଦାଲତକୁ ଚାଲାଣ କରିବା ସହିତ ୧ଲକ୍ଷ ୩୦ ହଜାର ଟଙ୍କା ସହ ଗୋଟେ ମୋବାଇଲ ଜବତ କରି ତଦନ୍ତ ଚାଲୁ ରହିଥିବା ପ୍ରକାଶ ।

# ଧାନ ଚାଷରେ ରୋଗ ନିରାକରଣ ନିମନ୍ତେ ବିଭାଗୀୟ ପଦକ୍ଷେପ

କେନ୍ଦ୍ରାପଡା,(ସବ୍ୟୁ):କେନ୍ଦ୍ରାପଡା ଜିଲ୍ଲା କୃଷି ବହୁଳ ଜିଲ୍ଲା ଥିବାରୁ ଚଳିତ ବର୍ଷ ଖରିଫ ଋତୁରେ ବର୍ଷାର ପରିମାଣ ଓ ଅନୁକୂଳ ପରିବେଶ ଦେଖି ଚାଷୀମାନେ ଗତବର୍ଷ ଅପେକ୍ଷା ୨ ଗୁଣ ୟୁରିଆ ସାର ପ୍ରୟୋଗ କରିଛନ୍ତି । ଏହା ମଧ୍ୟ କୃଷି ବିଭାଗ ତରଫରୁ ସୁବ୍ୟବସ୍ଥିତ ଭାବରେ ଚାଷୀ ମାନଙ୍କୁ ସୁଲଭ ମୂଲ୍ୟରେ କୃଷି ସମବାୟ ସମିତି ଓ ଖୁଚୁରା ବିକ୍ରେତା ମାନଙ୍କ ଦ୍ୱାରା ଯୋଗାଇ ଦିଆଯାଉଛି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲିକଙ୍କ କହିବା ଅନୁସାରେ ଚାଷୀମାନେ ନିର୍ଦ୍ଧାରିତ ପରିମାଣ ର ପଟାସ ପକାଇ ନାହାଁନ୍ତି । ଯାହା ଫଳରେ ଆଗକୁ ରୋଗ ପୋକ ଲାଗିବାର ସମ୍ଭାବନା ରହିଛି । ଏହାର ନିରାକରଣ ନିମନ୍ତେ ଚାଷୀମାନେ ଏକର କୁ ୨୫ କେଜି ପଟାସ ନିହାତି ପକାଇବା ଦରକାର । ଏହା ସହିତ ନିକଟସ୍ଥ କୃଷି ବିଭାଗ ଅଧିକାରୀ ଓ କର୍ମଚାରୀ ମାନଙ୍କ ସହିତ ଯୋଗାଯୋଗ ରଖି ସଠିକ ସମୟରେ ସଠିକ ପରିମାଣ ଆବଶ୍ୟକ ଔଷଧ ପକାଇବା ନିହାତି ଦରକାର । ଏ ବର୍ଷ ଧାନଚାଷ ଭଲ ହୋଇଥିବାରୁ ଏପର୍ଯ୍ୟନ୍ତ ' ଆଖି ଦୃଶିଆ କ୍ଷୟକ୍ଷତି ଜଣା ପଡି ନଥିବାରୁ ଏବର୍ଷ ପ୍ରଚୁର ପରିମାଣ ରେ ଧନ ଉତ୍ପାଦନ ହେବାର ଆଶା କରାଯାଉଛି । କିଛି ସ୍ଥାନରେ ଧାନଗଛ ନାଲି ପଡିଯାଉଛି ଏବଂ ସଢି ଯାଉଛି । ଏହାକୁ ସିଥ ବ୍ଲାଇଟ୍ ବିଏଲବି କୁହନ୍ତି । ଏହି ରୋଗର ନିରାକରଣ ନିମନ୍ତେଆଜୋକ୍ସି ଷ୍ଟ୍ରବିନ୍-୧୫ ଗ୍ରାମ ଓ ପ୍ଲାନଟୋମାଇସିନ୍-୧୫ ଏମ୍ଏଲ୍ ୧୫ ଲିଟର ଡ୍ରମରେ ଏକରକୁ ୧୩ ଡ୍ରମ ହିସାବରେ ସିଂଚନ କରିବା ନିହାତି ଆବଶ୍ୟକ ବୋଲି ଜିଲ୍ଲାର ସମସ୍ତ ଚାଷୀ ଭାଇ ଭଉଣୀ ମାନଙ୍କୁ ବିଭାଗୀୟ ତରଫରୁ ଜଣାଇଛନ୍ତି ।

# ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ



କେନ୍ଦ୍ରାପଡା, (ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରବିନ୍ଦ୍ର କୁମାର ମଲିକ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ନବକୃଷ୍ଣ ଜେନା, ଉପ ଜିଲ୍ଲାପାଳ ଅରୁଣ କୁମାର ସାହୁ, ଜିଲ୍ଲା ରାଜସ୍ୱ ଅଧିକାରୀଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ସୁପର ଭାଇଜର ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ଅଂଚଳରେ ସରକାରୀ ଜମିକୁ ପ୍ରଭାବଶାଳୀ ବ୍ୟକ୍ତି ନିଜ ଦଖଲରେ ରଖିଥିବା ଜମିକୁ ଉଦ୍ଧାର କରିବା, ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱ, ଦୁଇଖାନା ସଂଶୋଧନ, ଜିଲ୍ଲାର ବିଭିନ୍ନ ଅଂଚଳରେ ବ୍ୟବସାୟୀ ପ୍ରତିଷ୍ଠାନ ଗୁଡିକ ମୁଖ୍ୟ ରାସ୍ତାକୁ ମାଡି ନିର୍ମାଣ କରିଥିବା ବେଆଇନ ଦଖଲକୁ ଉଚ୍ଛେଦ କରିବା, ଜଳକର ଆଦାୟ ଓ ଏଥି ସହିତ ଜିଲ୍ଲାରେ ଥିବା ସମସ୍ତ ବାଲି ସୈରାତ ଗୁଡିକର ନିଲାମ ନେଇଥିବା ବ୍ୟକ୍ତିଙ୍କ ଠାରୁ ଟଙ୍କା ଆଦାୟ କରିବା, ବିଭିନ୍ନ ସ୍ଥାନରେ ଗଚ୍ଛିତ ଥିବା ବାଲି ଗୁଡିକୁ ଜବତ କରିବା ସହିତ କେତେକ ସ୍ଥାନରେ ବାଲି ଖାଦନରୁ ଦୁର୍ବୃତ ମନେ ଜୋର ଜବରଦସ୍ତ ବାଲି ଉଠାଇ ବିକ୍ରି କରୁଥିବ ନେଇ ଜଣାପଡିବା ପରେ ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଅଲେଚନା କରା ଯାଇଥିଲା ।

# ବସ୍ ଦୁର୍ଘଟଣା : ୩ ଆହତ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ସୋତି ନିକଟସ୍ଥ ପୁରୁଣା ଟୋଲଗେଟ ନିକଟରେ ଶୁକ୍ରବାର ବିଳମ୍ବିତ ରାତ୍ରୀରେ ବସ ଦୁର୍ଘଟଣା ହୋଇଛି । ଏଥବରେ ଅଳ୍ପକେ ଯାତ୍ରୀ ବର୍ତୀ ଯାଇଥିବା ବେଳେ ଆଗରେ ବସିଥିବା ୩ ଜଣ ଆହତ ହୋଇଛନ୍ତି । ଭୁବନେଶ୍ବରରୁ କଲିକତା ଅଭିମୁଖେ ୫୫ଜଣ ଯାତ୍ରୀଙ୍କୁ ନେଇ ଆରୟନ ନାମକ ଏକ ଘରୋଇ ବସ ( ଡବ୍ଲୁଯବି ୪୯ଏନ ୧୦୪୨) ବାହାରିଥିଲା । ୧୬ ନମ୍ବର ଜାତୀୟ ରାପଥର ସୋତି ଗ୍ରାମ ନିକଟସ୍ଥ ପୁରୁଣା ଟୋଲ ଗେଟ ନିକଟରେ ଦ୍ରୁତଗତିରେ ଆସୁଥିବା ବସଟି ଏକ ହାଇୱା ପଛରେ ପିଟି ହୋଇଥିଲା । ଫଳରେ ବସର ଆଗଟି ସମ୍ପୂର୍ଣ୍ଣ ଚୁରମାର ହୋଇଥିବା ବେଳେ ଖଲାସୀ ପଟଟି ସମ୍ପୂର୍ଣ୍ଣ ଭିତରକୁ ପସି ଯାଇଥିଲା । ଫଳରେ ଆଗରେ ବସିଥିବା ତିନି ଜଣ ଆହତ ହୋଇଥିଲେ । ଖବରପାଇ ଆମେ ଆପଣଙ୍କ ପାଇଁ ହେଲପଂଗି ଗ୍ରୁପ ସଦସ୍ୟ, ପାଣିକୋଇଲି ପୁଲିସ, କୁଆଖିଆ ଅଗ୍ନୀଶମ ବାହିନୀ ଓ ସ୍ଥାନୀୟ ଲୋକମାନେ ପହଂଚିଥିଲେ । ଗାଡିର ଡୋର ଖୋଲୁନଥିବାରୁ ଆଗ କାଚ ବାଟେ ଓ ଚାଳକ ପଟରେ ଥିବା ଜରୁରୀକାଳୀନ ଦ୍ୱାର ଦେଇ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା । ଆହତ ତନି ଜଣଙ୍କୁ ପୁଲିସ ୧୧୨ ଗାଡିରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା



ବେଳେ ଅନ୍ୟ ୫୨ଜଣ ଯାତ୍ରୀ ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିଲେ । । ବସ ଚାଳକ ଘଟଣାସ୍ଥଳୁ ଫେରାର ହୋଇଯାଇଥିବା ବେଳେ ପୁଲିସ ବସଟିକୁ ଜବତ କରିଛି । ପରେ ଅଟକି ରହିଥିବା ଗାଡିଗୁଡିକୁ ପୁଲିସ ସ୍ୱାଭାବିକ ଭାବେ ଚଳାଚଳ କରାଯାଇଥିଲା । ହେଲେ ଦୁର୍ଘଟଣା ହେବା କ୍ଷଣି ହାଇୱାଟି ଫେରାର ହୋଇଯାଇଥିଲା ।

# ପାରମ୍ପରିକ ବାଦ୍ୟରେ ହେବ ଜପକୁଦ ମା ଦୁର୍ଗାଙ୍କ ଭସାଣି

ସାଲେପୁର,(ସବ୍ୟୁ):-ସାଲେପୁର ବ୍ଲକ ଅନ୍ତର୍ଗତ କଟରପା ପଞ୍ଚାୟତ ଜପକୁଦ ଠାରେ ଥିବା ଆଞ୍ଚଳିକ ଶାରଦୀୟ ସାର୍ବଜନୀନ ଦୁର୍ଗାପୂଜା କମିଟି ଜପକୁଦ ଆନୁକୂଲ୍ୟରେ ଜଗତଜନନୀ ମା ଦୁର୍ଗାଙ୍କର ପୂଜା ଏଇ ବର୍ଷ ଅଷ୍ଟାଦଶ ବର୍ଷରେ ପଦାର୍ପଣ କରି ଅଛି। ଏବର୍ଷର ପୂଜାକୁ ଅଧିକ ସରସ ସୁନ୍ଦର କରିବା ଲାଗି ପ୍ରସ୍ତୁତି କ୍ଷିପ୍ର ଗତିରେ ଆଗେଇ ଚାଲିଛି ମାଙ୍କର ମୃଣ୍ମୟୀ ମୂର୍ତ୍ତିର ଗଠନ ଶେଷ ହୋଇଛି। ଏ ବର୍ଷ ଦର୍ଶକ ମାନଙ୍କ ମନୋରଞ୍ଜନ ପାଇଁ ସପ୍ତମୀ ପୂଜା ଠାରୁ ବିଜୟା ଦଶମୀ ପର୍ଯ୍ୟନ୍ତ ଚାରି ଦିନ ବ୍ୟାପି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯଇଛି। ଚଳିତ ମାସ୨୯ ତାରିଖ ସପ୍ତମୀ ସନ୍ଧ୍ୟାରେ ମନୋରମା ବେହେରା ଓଡିଶୀ ସଂକୀର୍ତନ ମଣ୍ଡଳୀ ବ୍ରହ୍ମଗିରିଙ୍କ ଦ୍ୱାରା ପାଲା ଓ ସଂକୀର୍ତନ ଅନୁଷ୍ଠିତ ହେବ। ୩୦ ତାରିଖ ଅଷ୍ଟମୀ ସନ୍ଧ୍ୟାରେ ଭକ୍ତି ସଂଗୀତ ପରିବେଷଣ ହେବ ଏବଂ ଅକଟୋବର ୧ତାରିଖ ନବମୀ ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ୨ ତାରିଖ ଦଶହରା ସନ୍ଧ୍ୟାରେ ଶାସ୍ତ୍ରୀୟ ନୃତ୍ୟ ଓ ଶେଷରେ ରାତି ୧୦ଟା ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହେବ ଏବଂ ୩ତାରିଖ ରେ ଦିନ ୧୦ଟା ସମୟରେ ମା ଙ୍କର ଭସାଣି ଉତ୍ସବ ପାରମ୍ପରିକ ବାଦ୍ୟ ସହ ବିନା ଡିଜେ ବ୍ୟବହାରରେ ଶେଷ ହେବ ବୋଲି କମିଟିର ନିଷ୍ପତି ନେଇଛି ।ପ୍ରଶାସନର ସମସ୍ତ ନିର୍ଦ୍ଦେଶାବଳି ପାଳନ କରି ଶାନ୍ତି ଶୃଙ୍ଖଳାର ସହିତ ପୂଜା ସମ୍ପୂର୍ଣ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଦିନ ସନ୍ଧ୍ୟା ୬ଟା ଠାରୁ ଆରମ୍ଭ ହୋଇ ରାତି ୧୦ ଟା ସୁଦ୍ଧା ଶେଷ ହେବ ଏବଂ ରାବଣ ପୋଡ଼ିରେ ଆତସବାଜିର ବ୍ୟବହାର ହେବନାହିଁ ।ଏ ବର୍ଷ କମିଟି ତରଫରୁ ଭକ୍ତି ଅର୍ଘ୍ୟ ସ୍ୱରୂପ ଚାନ୍ଦି ନିର୍ମିତ ଏକ ସୂଦୂର୍ଷ୍ୟ ପଦ୍ମ କେଶରୀ ହାର ମା ଙ୍କୁ ଅର୍ପଣ କରାଯିବ। କମିଟି ତରଫରୁ ସଭାପତି ସଚ୍ଚିଦାନନ୍ଦ ମିଶ୍ର ଓ ସମ୍ପାଦକ ପ୍ରଦୀପ୍ତ କୁମାର ମିଶ୍ର ତଥା ସମସ୍ତ କର୍ମକର୍ତା ଅନୁଷ୍ଠିତ ହେଉଥିବା ମା ଦୁର୍ଗାଙ୍କ ପୂଜାରେ ଯୋଗଦାନ କରିବାକୁ ଅଂଚଳ ବାସୀଙ୍କୁ ସାଦର ନିମନ୍ତ୍ରଣ ଜଣାଇଛନ୍ତି।

# ବାର ଆସୋସିଏସନର ଶ୍ରଦ୍ଧାଞ୍ଜଳି ସଭା




ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲାର ଚଣ୍ଡିଖୋଲ କୋର୍ଟର ଯୁବ ଆଇନଜୀବୀ ନଗେନ୍ଦ୍ର ପାତ୍ରଙ୍କ ଅକାଳ ବିୟୋଗରେ ଶନିବାର ଦିନ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ପକ୍ଷରୁ ଏକ ଶୋକସଭା ଆୟୋଜିତ ହୋଇ ଦିବଙ୍ଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ବାର ଆସୋସିଏସନ ସଭାପତି ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ପ୍ରକାଶକୁମାର ଦାଶ ସର୍ଗତ ପାତ୍ରଙ୍କ ପରଲୋକ ସମ୍ପର୍କରେ ସୂଚନା ଦେଇଥିଲେ !ଏହି ସଭାରେ ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଗୋପବନ୍ଧୁ ଗଡନାୟକ, ସବଜଜ ବିଶ ଦୀପକ ସାହୁ, ଜେ ଏମ ଏଫ ସି ଶ୍ରୀମୟୀ ନନ୍ଦ ଓ ଶ୍ରୁତି ଅଭିଳାଷା ଯୋଗଦେଇ ସର୍ଗତଃ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣଇଥିଲେ। ଏଥିରେ ପୂର୍ବତନ ସଭାପତି ଦେବରାଜ ବେହେରା ,ଶରତ ଷଡଙ୍ଗୀ, ପ୍ରତାପ ଦାସ, ଉପସଭାପତି ରାମଚନ୍ଦ୍ର ତ୍ରିପାଠୀ, ଯୁଗ୍ମସଂପାଦକ ସିରିଶ ସାମଲ, ପ୍ରେମାନନ୍ଦ ବେହେରା,ସୁବ୍ରତ ସାଇଁ, ଶ୍ରୀକାନ୍ତ ବଳ, ନିରଞ୍ଜନ ସାମଲ, କୈଳାସ ସାମଲ, ଜିତେନ୍ଦ୍ର ତ୍ରିପାଠୀ, ଯତୀନ ସାମଲ, ପବିତ୍ର କର, ବୀରେନ ବିଶାଳ ଜ୍ୟୋତି ମହାପାତ୍ର, ଶ୍ୟାମପ୍ରସାଦ ଦାଶ, ପ୍ରତିମା ସାହୁ, ଅଶୋକ ଜେନା, ଖଗେଶର ରାଉତ, ଲୋମା ରାଣୀ ନାୟକ, ବେବିନା ଓଝା ଲକ୍ଷ୍ମୀ ପ୍ରିୟା କର, ପ୍ରିୟ ଗୋବିନ୍ଦ ଦାସ, ବିଶରଞ୍ଜନ ବେହେରା, ଶ୍ୟାମସୁନ୍ଦର ଦାସ, ଚିନ୍ମୟ ସାଇଁ, ବିଜୟ ରାଉଲ,ସମେତ ବହୁ ପ୍ରମୁଖ ଯୋଗଦେଇ ସର୍ଗତଃ ଆତ୍ମାର ସଦଗତି କାମନା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଭା ପ୍ରାରମ୍ଭରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।

# ଇଫକୋରେ ଦାଣ୍ଡିଆ, ବିଭୋର କର୍ମଚାରୀ



ପାରାଦୀପ,(ଜିପ୍ର): ପିଲା ଠାରୁ ବୁଢା , ମହିଳାଙ୍କ ଠାରୁ ଆରମ୍ଭକରି ପୁରୁଷ ସମସ୍ତେ ବିଭୋର କମ୍ପାନୀର ମୁଖ୍ୟଙ୍କ ଠାରୁ ଚତୁରତା ଶ୍ରେଣୀ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏକ କାରଣ ଦାଣ୍ଡିଆ କରିଛି ।ସମସ୍ତଙ୍କୁ ଏକତ୍ରିତ ଧରାପୃଷ୍ଠକୁ ଅବତାରଣା କରିଛନ୍ତି ମା ମାନଙ୍କୁ ଆଧ୍ୟାତ୍ମିକତାର ସହ ପୂଜା କରିବା ପାଇଁ ଶ୍ରଦ୍ଧାଳୁ କରି ଚାଲିଛନ୍ତି ଭିନ୍ନ ଭିନ୍ନ ପ୍ରୟାସ ।

ଏହି ଅବସରରେ ପାରାଦୀପ ଇଫକୋ କମ୍ପାନୀ ପରିସରରେ ଦେଖିବାକୁ ମିଳିଛି ଦାଣ୍ଡିଆ ନାଚ । ଦାଣ୍ଡିଆ ନାଚ ମାଧ୍ୟମରେ ଏଠି ମାଙ୍କୁ କରାଯାଉଛି ଆରାଧନା ।ସମସ୍ତେ ଏକତ୍ରିତ ହୋଇ ଏକ ମନ ଏକ ତାଳରେ ଦାଣ୍ଡିଆ ନାଚି ମାଙ୍କୁ ସମର୍ପି ଦେଉଛନ୍ତି । ଭକ୍ତି ଅର୍ଘ୍ୟ ଦିର୍ଘ ଅଠର ବର୍ଷ ହେବ ଏହି କମ୍ପାନୀ ମଧ୍ୟରେ ଦାଣ୍ଡିଆ ନାଚ ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ ପାର୍ବଣର ଋତୁରେ କମ୍ପାନୀ ପରିସର ମଧ୍ୟରେ ଦେଖିବାକୁ ମିଳିଛି ।ଏହି ଅନନ୍ୟ ଭକ୍ତିଭରେ ନାଚ ଦଶହରାରେ ମା ଦଶଭୂଜାଙ୍କ ପାଇଁ ପୁରପଲ୍ଲୀ ଏବେ ଚଳଚଞ୍ଚଳ ଥିବାବେଳେ କମ୍ପାନୀ ପରିସର ମଧ୍ୟରେ ଦାଣ୍ଡିଆକୁ ନେଇ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟ ସୃଷ୍ଟି ହୋଇଛି । ପ୍ରତିଦିନ ନାବରାତ୍ରରେ ସମସ୍ତେ ଏକତ୍ରିତ ହୋଇ ମାଙ୍କୁ ପୂଜାର୍ଚ୍ଚନା କରିବା ସହିତ ଦାଣ୍ଡିଆ ନାଚରେ ନିଜକୁ ହଜାଇ ଦେଉଛନ୍ତି । ଗୁଜୁରାଟର ସ୍ୱତନ୍ତ୍ର ସାଂସ୍କୃତିକ ଟିମ ମାଧ୍ୟମରେ ଦାଣ୍ଡିଆ ଗୀତ ଓ ବାଦ୍ୟର ତାଳେ ତାଳେ ହାତରେ ଦୁଇଟି କାଠି ଧରି ଘଣ୍ଟା ଘଣ୍ଟା ଧରି ମାଙ୍କ ସାମ୍ନାରେ ଦେଖିବାକୁ ମିଳିଛି ।ଏହି ନାଚ କମ୍ପାନୀ କେବଳ ସାର ଉତ୍ପାଦନ ସହ ଆମ ସଂସ୍କୃତି ପରମ୍ପରାକୁ ଜାବୁଡି ଧରି ଏହି ସୁଯୋଗ ସମସ୍ତଙ୍କୁ ଦେଉଥିବାରୁ ଏହାର କର୍ମଚାରୀ ମଧ୍ୟ ବେଶ ଖୁସ ଏହା ମାଧ୍ୟମରେ କମ୍ପାନୀ ଭିତରେ ଥିବା ବିଭିନ୍ନ ରାଜ୍ୟର ଭିନ୍ନ ଭିନ୍ନ ଭାଷାଭାଷୀ ଲୋକଙ୍କୁ ଏକତ୍ରିତ କରିବା ସହିତ ଏକ ଭାଇଚାରା ବନ୍ଧନରେ ବାନ୍ଧି ରଖି ହେଉଥିବା ପାରାଦୀପ ମୁଖ୍ୟ ପିକେ ମହାପତ୍ର ପ୍ରକାଶ କରିଛନ୍ତି ।

## ହସ୍ପିଟାଲରୁ କପର ପ୍ଲେଟ ଚୋରି : ୨ଗିରଫ

ବାରଙ୍ଗ, (ସବ୍ୟୁ): ପ୍ରଶାନ୍ତି ହସ୍ପିଟାଲର କୌଣସି କାର୍ଯ୍ୟ ପାଇ ରଖାଯାଇଥିବା ଏକ କପର ପ୍ଲେଟକୁ ଚୋରି କରିନେଇଥିବା ଅଭିଯୋଗରେ ଶନିବାର ନନ୍ଦନକାନନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୨ଜଣ ପଦାସାହି ଗ୍ରାମର ଶିଖର ବେଉରା ଓ କବାଡିଆ ସୁନିଲ କୁମାର ଗୁପ୍ତା ପ୍ରକାଶଯେ,ଗତ ୨୧ତାରିଖ ରାତିରେ ପ୍ରଶାନ୍ତି ହସ୍ପିଟାଲର ଏକ କାର୍ଯ୍ୟ ପାଇଁ ରଖାଯାଇଥିବା ଏକ କପର ପ୍ଲେଟ ଚୋରି ହୋଇଥିବାରସକାଳେ ଜଣା ପଡ଼ିଥିଲା। ସିସି କ୍ୟାମେରା ଫୁଟେଜ ସହ ସିକୁରିଟି ଅଫିସର ପ୍ରତାପ କୁମାର ଜେନା ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ।ଥାନା ଅଧିକାରୀ ଦୟାନିଧି ନାୟକ ଅଭିଯୋଗକୁ ଭିତି କରି ୩୬୦/୨୫କେସ ନମ୍ୱରରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ।ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଶୁକ୍ରବାର ରାତିରେ ଶିଖର ବେଉରାକୁ ତାଘର ପଦାସାହିରୁ ଗିରଫ କରିବା ପରେ ସେ ଚୋରି କରିଥିବାର ସ୍ୱୀକାର କରିଥିଲା।ଏହାପରେ ଚୋରି ସାମଗ୍ରୀ ସୀତାରାମ ବଜାରରେ ଥିବା କବାଡ଼ିଆ ଦୋକାନ କରିଥିବା ସୁନିଲ କୁମାର ଗୁପ୍ତା ନାମକ ବ୍ୟକ୍ତି ଙ୍କୁ ବିକ୍ରି କରିଥିବାର ମାନିଥିଲା।ଏହାପରେ ପୋଲିସ କବାଡିଆ ଦୋକାନରୁ ୨କେଜି ୨୦୦ଗ୍ରାମ ଓଜନର ଚୋରି ସାମଗ୍ରୀ କପର ପ୍ଲେଟକୁ ଜବତ କରିବା ସହ ସୁନିଲ କୁମାର ଗୁପ୍ତାକୁ ଗିରଫ କରିଥିଲେ।ଶନିବାର ଉଭୟ ସୁନିଲ ଓ ଶିଖରଙ୍କୁ କୋର୍ଟଚାଲାଣ କରାଯାଇଛି।

# ଜିଲ୍ଲା ଶିଳ୍ପ କେନ୍ଦ୍ର କଳିଙ୍ଗନଗର ପକ୍ଷରୁ ସଚେତନତା ଶିବିର

କୋରେଇ, (ସବ୍ୟୁ): କୋରେଇ ବ୍ଲକ ଅନ୍ତର୍ଗତ ତାରାକୋଟ ପଂଚାୟତସ୍ଥ ତାରାକୋଟ ଠାରେ ଜିଲ୍ଲା ଶିଳ୍ପ କେନ୍ଦ୍ର କଳିଙ୍ଗନଗର ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସବିରକୁ ମୁଖ୍ୟ ଅତିଥିଭାବେ ସମାଜସେବି ହରେକୃଷ୍ଣ ସାହୁ, ସାନମାନିତା ଅତିଥି ଭାବେ ପୂର୍ବତନ ସମିତିସଭ୍ୟ ଉମାକାନ୍ତ ବେହେରା ଯୋଗଦେଇ ଉଦଘାଟନ କରିଥିଲେ । ଏଥିରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସହାୟକ ମହା ପ୍ରବନ୍ଧକ ନିରଞ୍ଜନ ନାୟକ, କୋରେଇ ମଣ୍ଡଳ ଶିଳ୍ପ ଅଧିକାରୀ ରହିମାନ ହୋସେନ ସରକାରଙ୍କ ପିଏମ ଜୀ ପି, ପିଏମ ବିଶକର୍ମ, ପିମଏଫ,ସିଏମଶ୍ରୀ ଯୋଜନା ସମ୍ପର୍କରେ ଅବଗତ କରା ସହ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ । ଶିବିରରେ ପଂଚାୟତର ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଯୁବ ବର୍ଗ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ମାଗୁଣୀ ଜେନା ଜିଲ୍ଲା କଂଗ୍ରେସ କମିଟି ସଭାପତି

ବାଲିଚନ୍ଦ୍ରପୁର , (ସବ୍ୟୁ) : ନିଖିଳ ଭାରତ କଂଗ୍ରେସ କମିଟିର ତତ୍ତ୍ୱାବଧାନରେ ଅନୁଷ୍ଠିତ ସଂଗଠନ ସୃଜନ ଅଭିଯାନରେ ଯାଜପୁରର ଜିଲ୍ଲା କଂଗ୍ରେସ କମିଟି ସଭାପତି ଭାବେ ମାଗୁଣି ଜେନା ନିଯୁକ୍ତି ପାଇଛନ୍ତି, ତାଙ୍କ ନେତୃତ୍ୱ ଓ ଦିଗଦର୍ଶନ ରେ ଯାଜପୁର ଜିଲ୍ଲା ବଡ଼ଚଣା ନିର୍ବାଚନ ମଣ୍ଡଳୀ ରେ କଂଗ୍ରେସ ଦଳ ଅଧିକ ସୁସଙ୍ଗଠିତ ଓ କ୍ରିୟାଶୀଳ ହୋଇ ସାଧାରଣ ଲୋକଙ୍କ ଆସ୍ଥା ଭାଜନ ହୋଇପାରିବ ବୋଲି ଆଶା ପ୍ରକାଶ କରି ବଡ଼ଚଣା କଂଗ୍ରେସ ନେତା ଅଜୟ ସାମଲ, ପୂର୍ବତନ ବ୍ଲକ ସଭାପତି ସୁରେଶ ଚନ୍ଦ୍ର ସାହାଣୀ, ପ୍ରାକ୍ତନ ସରପଞ୍ଚ ନୀଳକଣ୍ଠ ମିଶ୍ର, କରୁଣା କର ରଣା, ଦେବେନ୍ଦ୍ର ସାମଲ, ସେକ ରିୟାସତ ଅଲ୍ଲୀ, ବିଳାସ ଚନ୍ଦ୍ର ବାରିକ, ଅଜୟ ଜେନା, ବଟକୃଷ୍ଣ ଦାସ, ରମେଶ ଚନ୍ଦ୍ର ଜେନା, ଖଗେଶର ବେହେରା, ମାଧବ ମଲ୍ଲିକ, ଅଶୋକ କୁମାର ରାଉତ, ଅଶୋକ କୁମାର ବେହେରା, ଅଚ୍ୟୁତା ନନ୍ଦ ପଣ୍ଡା, ମନୋରଞ୍ଜନ ମଲ୍ଲିକ. ଶକ୍ତି ରଞ୍ଜନ ରାଉତ, କାହ୍ନୁ ଚାରଣ ଦାସ, ମହେଶର ମହାପାତ୍ର, ସଂଜୟ କୁମାର କର, ସନ୍ତୋଷ କୁମାର ପରିଡା, ମହନୀ ଚରଣ ମହାନ୍ତି, ସୁଧାଂଶୁ ଶେଖର ଜେନା, ବାସୁଦେବ ସାମଲ ପ୍ରମୂଖ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଜେନାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

# ୨୦ ଲକ୍ଷ ଟଙ୍କାର ବାଣ ଜବତ, ଜଣେ ଗିରଫ

ଜଗତସିଂହପୁର, (ସବ୍ୟୁ): ବିରିଡି ପୋଲିସ ପକ୍ଷରୁ ନୂଆପାରି ଅଂଚଳରେ ଚଢ଼ାଉ କରାଯାଇ ବ୍ୟାପକ ବାଣ ଜବତ କରାଯାଇଛି। ଏହି ଘଟଣାରେ ବିରିଡି ପୋଲିସ ନୂଆପାରି ଗ୍ରାମର ସୁବ୍ରତ ମହାନ୍ତିଙ୍କୁ ଗିରଫ କରିଥିବା ଏସଡ଼ିପିଓ ଆଜିଙ୍କ୍ୟ ମାନେ ସୁଚନା ଦେଇଛନ୍ତି । ଜବତ ବାଣର ଆନୁମାନିକ ମୂଲ୍ୟ ୨୦ଲକ୍ଷ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ବିନା ଲାଇସେନ୍ସରେ କଳା ବଜାରରେ ବିକ୍ରି କରୁଥିବା ଏହି ବାଣ ମଧ୍ୟରେ ୧୨୭ ପେଟି ବିଭିନ୍ନ କମ୍ପାନୀର ବାଣ ଜବତ ହୋଇଥିବା ବେଳେ ସେଥି ମଧ୍ୟରୁ ୮୨ ପେଟି ବଡ଼ ରସୁଣ ବାଣ ପ୍ୟାକେଟ,୩୦ ପେଟି ପପ ଅପ ବାଣ,୧୫ ପେଟି ଫୁଲ ଝରି ରହିଥିବା ପୋଲିସ ସୂଚନା ଦେଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ବିରିଡି ଥାନା ଅଧିକାରୀ ସୁଜାତା ବେହେରା ଉପସ୍ଥିତ ରହିଥିଲେ ।



# ଓଡିଶା ନାଟ୍ୟସଂଘ ଦିବସରେ ଆଲୋଚନାଚକ୍ର



ବ୍ୟାସନଗର, (ସବ୍ୟୁ) : ୩୮ତମ ଓଡିଶା ନାଟ୍ୟସଂଘ ଦିବସ ଉତ୍ସବ ସ୍ଥାନୀୟ ବ୍ୟାସନଗର ସ୍ଥିତ କ୍ରୀଷ୍ଟ ଇଣ୍ଟରନେଶନାଲ ସ୍କୁଲ ସଭାଗୃହରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ରଙ୍ଗଭୂମିର ସଭାପତି କୁଶଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।

ଏହି ଉତ୍ସବ ବ୍ୟାସନଗରର ନାଟ୍ୟସଂସ୍ଥା ରଙ୍ଗଭୂମି ଦ୍ୱାରା ଆୟୋଜିତ ହୋଇଥିବା ଅବସରରେ ସାମ୍ପ୍ରତିକ ସମାଜରେ ନାଟକର ଭୂମିକା ଶୀର୍ଷକ ଏକ ଆଲୋଚନାଚକ୍ର ସମ୍ପାଦିତ ହୋଇଥିଲା। ସଂସ୍ଥାର ସମ୍ପାଦକ ପ୍ରଦୀପ୍ତ କୁମାର ସାମଲ ବିବରଣୀ ପାଠ କରିଥିବା ବେଳେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ଦୁଷ୍ମନ୍ତ କୁମାର ନାୟକ,ପ୍ରାକ୍ତନ ଅଧ୍ୟକ୍ଷ ସୌରଭମୟ ଦାସ, ନାଟ୍ୟକାର ପ୍ରାଧାପକ ସୁକାନ୍ତ ରାଉତ, ବରିଷ୍ଠ ସାମ୍ବାଦିକ ଦୁଷ୍ମନ୍ତ ରାଉତ, ବରିଷ୍ଠ ସାହିତ୍ୟିକ ମଧୁସୂଦନ ମହାପାତ୍ର ବେଳାଲସେନ ପତି, ନିତ୍ୟାନନ୍ଦ ଦାଶ, ଆଇନଜୀବୀ ଶରତ କୁମାର ଖଣ୍ଡେଇ, ନାଟ୍ୟକାର ଗୌରାଙ୍ଗ ପ୍ରଧାନ, ଅଶୋକ ଖିଲାର, ଅରୁଣ ପରିଡା, ଅଭିମନ୍ୟୁ ବିଶ୍ୱାଳ ପ୍ରଭୃତି ନାଟକର ଅତୀତ, ବର୍ତମାନ ଓ ଭବିଷ୍ୟତ ସ୍ଥିତି ଉପରେ ବିଷଦଭାବେ ଆଲୋକପାତ କରିଥିଲେ ଓ ବ୍ୟାସନଗରରେ ଏକ ନାଟକ ମହୋତ୍ସବ କରିବାପାଇଁ ସଂଗୀତ ନାଟକ ଏକାଡେମୀକୁ ପ୍ରସ୍ତାବ ଦିଆଯିବାପାଇଁ ସ୍ଥିରୀକୃତ ହେଲା । ଓଡିଶା ସରକାରଙ୍କର ସଂସ୍କୃତି ବିଭାଗ ତରଫରୁ ଓଡିଶାର ବରପୁତ୍ର ମାନଙ୍କର ୭୫ ଟି ପ୍ରତିମୂର୍ତ୍ତି ବିଭିନ୍ନ ଜିଲ୍ଲାର ମୁଖ୍ୟ ସ୍ଥାନମାନଙ୍କରେ ସ୍ଥାପନା କରାଯିବାପାଇଁ ସ୍ଥିରୀକୃତ ହୋଇଥିବାବେଳେ ଯାଜପୁର ଜିଲ୍ଲାରେ ଗୋଟିଏ ମାତ୍ର ବି ଭାଗ ପଡିଲାନି ।

ଏହାକୁ ନେଇ ଉପସ୍ଥିତ ସାହିତ୍ୟିକ, ବୁଦ୍ଧିଜୀବୀ, ସାମ୍ବାଦିକ, ଆଇନଜୀବୀ, ଶିକ୍ଷାବିତ ଓ ଅବସର ପ୍ରାପ୍ତ କର୍ମଚାରୀ ସମୂହ ଯାଜପୁର ଜିଲ୍ଲାର ଅବହେଳା ପାଇଁ କ୍ଷୋଭ ପ୍ରକାଶ କରିଥିଲେ । ଯାଜପୁର ଜିଲ୍ଲାରେ ବରପୁତ୍ର ମାନଙ୍କ ସଂଖ୍ୟା ବହୁତ ଥିବାବେଳେ ସରକାରଙ୍କ ଏତାଦୃଶ ପକ୍ଷପାତିତା ସମସ୍ତଙ୍କୁ ବ୍ୟଥିତ କରିଛି।

ଯାଜପୁର ମାଟିରେ ଜନ୍ମିତ ଅନେକ ବରପୁତ୍ର ଯଥା ଅଭିମନ୍ୟୁ ସାମନ୍ତ ସିଂହାର, କୃଷ୍ଣ ପ୍ରସାଦ ବସୁ, ବ୍ରଜ ସୁନ୍ଦର ଦାଶ, କାମପାଳ ମିଶ୍ର, ବିଚିତ୍ରାନନ୍ଦ ଦାସ ବିରୁପାକ୍ଷ କର ପ୍ରଭୃତି ତାଙ୍କ କୃତିତ୍ୱ ପାଇଁ ଓଡିଶାକୁ ଗର୍ବିତ କରିଥିବା ବେଳେ, ସେମାନଙ୍କୁ ଅଣଦେଖା କରିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ସରକାରଙ୍କ ପୁନର୍ବିଚାର ପାଇଁ ଆଶାବ୍ୟକ୍ତ କରିଥିଲେ ।

ଏ ସମ୍ବନ୍ଧରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କର ଜରିଆରେ ପ୍ରଦାନ କରାଯିବାକୁ ସ୍ଥିରୀକୃତ ହୋଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲର ଶିକ୍ଷୟତ୍ରୀ ପୁଷ୍ପିତା ମହାରଣା, ସାଗରିକା ତ୍ରିପାଠୀ, ଶୁଭସ୍ମିତା ପ୍ରଧାନ ଓ କଳ୍ପନା ମିଶ୍ର ସହଯୋଗ କରିଥିବା ବେଳେ ପ୍ରଦିପ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓସିଏସ୍‌ରେ ତାରିଣୀ ଦାଶ ୬୮ନଂ ସ୍ଥାନରେ

ସାଲେପୁର, (ସବ୍ୟୁ) : ଓଡ଼ିଶା ସିଭିଲ ସର୍ଭିସ (ଓସିଏସ) ପରୀକ୍ଷାରେ ସାଲେପୁର ଅଞ୍ଚଳର ଜଣେ ଛାତ୍ର ୬୮ନଂ ସ୍ଥାନରେ କୃତକାର୍ଯ୍ୟ ହୋଇଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣା ଯାଇଛି । ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ପଞ୍ଚାୟତ ଅନ୍ତର୍ଗତ ପୁରୁଷୋତ୍ତମ ପୁର ଗ୍ରାମର ଆଡଭୋକେଟ ମାନସ କୁମାର ଦାଶ ଏବଂ ସ୍ନେହଲତା ନନ୍ଦଙ୍କ ପୁଅ ତାରିଣୀ ପ୍ରସାଦ ଦାଶଙ୍କ ପୁଅ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ୬୮ ନଂ ସ୍ଥାନରେ କୃତକାର୍ଯ୍ୟ ହୋଇଛନ୍ତି ।



ଏହି ପରୀକ୍ଷାରେ ମୋଟ ୩୯୮ଜଣ କୃତକାର୍ଯ୍ୟ ହୋଇଛନ୍ତି । ତାରିଣୀ ଦାଶ ଓୟୁଏଟି ଭୁବନେଶ୍ବରରେ ବିଏସସି ଏଗ୍ରିକଲଚର ପାଠ ଶେଷ କରିବା ପରେ ପ୍ରଥମଥର ଏହି ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିବା ଜଣାପଡିଛି । ବିଭିନ୍ନ ବ୍ୟକ୍ତି ବିଶେଷ ଶ୍ରୀ ଦାସଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଭୁଶୁଡିଲା ଯାବରା ସ୍କୁଲ ପାଚେରୀ

କୁଆଖିଆ,(ସବ୍ୟୁ): ରସୁଲପୁର ବ୍ଲକ ଅନର୍ଗତ ଯାବରା ସରକାରୀ ଉଚ୍ଚ ବିଦ୍ୟାଳୟ ପାଚେରୀ ଲଗାଣ ବର୍ଷାରେ ଭୁଶୁଡ଼ିପଡିଛି । ତୁରନ୍ତ ଏହାର ମରାମତି କରିବାକୁ ଗ୍ରାମବାସୀ ଓ ଛାତ୍ର ଅଭିଭାବକ ଦାବି କରିଛନ୍ତି । ସ୍କୁଲର ସମ୍ମୁଖ ପାଚେରୀ ୧୫୦ ଫୁଟ ଭୁଶୁଡି ଥିବାରୁ ଛାତ୍ରଛାତ୍ରୀ ଓ ସ୍କୁଲ କର୍ତ୍ତୃପକ୍ଷ ନାନାଦି ସମସ୍ୟା ସମୁଖୀନ ହେଉଛନ୍ତି । ତୁରନ୍ତ ଭାଙ୍ଗି ପଡ଼ିଥିବା ପାଚେରୀ ମରାମତି କରିବାକୁ ଗ୍ରାମବାସୀ ଉଚ୍ଚ କତୃପକ୍ଷ ଙ୍କ ନିକଟରେ ଦାବି କରିଛନ୍ତି ।



କାତ୍ୟାୟିନୀ ବେଶରେ
କାକଟପୁର ମା' ମଙ୍ଗଳା

# ବାଲୁଗାଁ ବାଇପାସ ରାସ୍ତାରେ ସିରିଜ ବସ ଦୁର୍ଘଟଣା: ଜଣେ ମୃତ,୫ ଆହତ



ବାଲୁଗାଁ,(ସବ୍ୟୁ):ଶନିବାର ସକାଳେ ବାଲୁଗାଁ ବାଇପାସ ରାସ୍ତା ତଥା ୧୬ ନଂ ଜାତୀୟ ରାଜପଥର ବେଲପଡା ଛକ ନିକଟରେ ସିରିଜ ବସ ଦୁର୍ଘଟଣା ଘଟିଛି। ପଛକୁ ପଛ ତିନୋଟି ଯାତ୍ରୀବାହୀ ବସ ପିଟିହୋଇଥିଲା। ଯ ତେବେ ମଝିରେ ଯାଉଥିବା ଜଣେ ବାଇକ ଆରୋହୀଙ୍କ ବସ ଧକ୍କାରେ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ନିମିକ୍ଷେତା ଗ୍ରାମର ଶୁଭମଜ୍ୟୋତି ପ୍ରହରାଜ (୧୭) । ଏହି ଦୁର୍ଘଟଣାରେ ଦୁଇଜଣ ଯାତ୍ରୀଙ୍କ ସମେତ ୫ ଜଣ ଆହତ ହୋଇଛନ୍ତି । ତେବେ ଦୁର୍ଘଟଣା ପରେ ବିଭିନ୍ନ ଦାବୀ ନେଇ ସ୍ଥାନୀୟ ଲୋକେ ରାଜପଥ ଅବରୋଧ କରିଥିଲେ ।ଶିମିଳିଗୁଡାରୁ ଭୁବନେଶ୍ୱର ଆସୁଥିବା ଏକ ବସ ବେଲପଡା ଛକ ନିକଟରେ ଏକ ଗାଈକୁ ବଞ୍ଚାଇବାକୁ ଯାଇ ହଠାତ ବ୍ରେକ ମାରିଥିଲେ । ଏହି ସମୟରେ ପଛରେ ଆସୁଥିବା ବାଇକକୁ ପାଇଲଗୁଡାରୁ ଭୁବନେଶ୍ୱର ଆସୁଥିବା ବସ ଟି ଭାରସାମ୍ୟ ହରାଇ ଧକ୍କା ଦେଇଥିଲା । ଫଳରେ ବାଇକ ଚାଳକ ସମେତ ପଛରେ ବସିଥିବା ଶୁଭମଜ୍ୟୋତି ଗୁରୁତର ଆହତ ହୋଇଥିଲେ । ପରେ ପରେ ବିଶାଖାପାଟଣାରୁ କଲିକତା ଅଭିମୁଖେ ଯାଉଥିବା ଅନ୍ୟ ଏକ ବସ ତା ପଛକୁ ପିଟିଥିଲା । ଫଳରେ ୨ଜଣ ଯାତ୍ରୀଙ୍କ ସମେତ ଜଣେ ସହକାରୀ ଡ୍ରାଇଭର ଏବଂ ଜଣେ ହେଲପର ଆହତ ହୋଇଥିଲେ । ଆହତଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନା ନିଆଯାଇଥିଲା, ତେବେ ସେଠାରେ ଡାକ୍ତର ଶୁଭମଜ୍ୟୋତି କୁ ମୃତ ଘୋଷଣା କରିଥିଲେ । ଦୁର୍ଘଟଣା ପରେ ୩ ବସ ର ଡ୍ରାଇଭର ଫେରାର ହୋଇଯାଇଛନ୍ତି ।ପରବର୍ତ୍ତୀ ସମୟରେ ଉତ୍ୟକ୍ତ ଲୋକେ ଟାୟାର ଜାଳି ରାଜପଥ ଅବରୋଧ କରିଥିଲେ ଯ। ଖବର ପାଇ ବାଣପୁର ପୋଲିସ ପହଞ୍ଚି ବୁଝାସୁଝା କରିଥିଲେ । ଦୀର୍ଘ ୧ଘଣ୍ଟା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ପୋଲିସ ଦୁର୍ଘଟଣା କୁ ନେଇ ତଦନ୍ତ ଜାରି ରଖିଛି । ଶୁଭମଜ୍ୟୋତି ବାଣପୁର କଲେଜ ରେ ଯୁକ୍ତ ୨ ଛାତ୍ର ଶ୍ରେଣୀ ରେ ଅଧ୍ୟୟନ କରୁଥିଲେ। ଶବ ବ୍ୟବଛେଦ ପରେ ଶୋକାକୁଳ ପରିବେଶରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ।


# ବିକାଶ ପୁରୁଷ : କର୍ମଯୋଗୀ ମୋଦୀ

●ହରଦୀପ ଏସ୍ ପୁରୀ
କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚମତ୍କାର ଉପସ୍ଥିତି ଏବଂ ସାଙ୍ଗଠନିକ ନେତୃତ୍ୱକୁ ସର୍ବତ୍ର ପୂର୍ଣ୍ଣ ପ୍ରଶଂସା କରାଯାଇ ଆସୁଛି । ତାଙ୍କର କାର୍ଯ୍ୟ ଏକ କଠୋର ବୃତ୍ତିଗତତା ଦ୍ୱାରା ପରିଗଣିତ ଯାହାକୁ ବହୁତ କମ୍ ଲୋକ ଜାଣନ୍ତି କିମ୍ବା ବୁଝନ୍ତି। ଗତ ଅଢ଼େଇ ଦଶନ୍ଧି ଧରି, ଗୁଜରାଟର ମୁଖ୍ୟମନ୍ତ୍ରୀ ଏବଂ ଭାରତର ପ୍ରଧାନମନ୍ତ୍ରୀ ଭାବରେ, ତାଙ୍କର କାର୍ଯ୍ୟ ଏକ ସ୍ଥିର ବୃତ୍ତିଗତ ନୀତି ବିକଶିତ କରିଛି। ଯାହା ତାଙ୍କୁ ଅନ୍ୟମାନଙ୍କ ଠାରୁ ଭିନ୍ନ ଭାବରେ ଉପସ୍ଥାପନ କରେ ତାହା ହେଉଛି ତାଙ୍କର କାର୍ଯ୍ୟ ସଫଳତା ପ୍ରଦର୍ଶନ ପାଇଁ ପ୍ରତିଭା ନୁହେଁ ବରଂ ଏକ ଶୃଙ୍ଖଳା ଯାହା ତାଙ୍କର ଦୃଷ୍ଟିଭଙ୍ଗୀକୁ ସ୍ଥାୟୀ ବ୍ୟବସ୍ଥାରେ ପରିଣତ କରେ । ଭାରତୀୟ ଲୋକାଚାର ଅନୁସାରେ, ସେ ଜଣେ କର୍ମଯୋଗୀ : କର୍ତ୍ତବ୍ୟ ସଂପାଦନରେ ସ୍ଥିର, ବାସ୍ତବ ପ୍ରଦର୍ଶନ କ୍ଷେତ୍ରରେ ଅନ୍ୟମାନଙ୍କ ଠାରୁ ଭିନ୍ନ।

ଏହି ଦୃଢ଼ ନୀତିକୁ ପ୍ରଧାନମନ୍ତ୍ରୀଙ୍କ ଚଳିତ ବର୍ଷର ସ୍ୱାଧୀନତା ଦିବସର ଲାଲକିଲ୍ଲାରୁ ଦିଆଯାଇଥିବା ଭାଷଣରେ ସ୍ପଷ୍ଟ ଭାବରେ ଦେଖିବାକୁ ମିଳିଲା। ସେହି ଭାଷଣ କେବଳ ଉପଲବ୍ଧିର ଦସ୍ତାବିଜ ନୁହେଁ, ଏହା ଥିଲା ସହଭାଗୀ କାର୍ଯ୍ୟ ପାଇଁ ଘୋଷଣାନାମା। ନାଗରିକ, ବୈଜ୍ଞାନିକ, ଷ୍ଟାର୍ଟଅପ୍ ଏବଂ ରାଜ୍ୟଗୁଡ଼ିକୁ ବିକଶିତ ଭାରତର ସହ-ଲେଖକ ଭାବରେ ଆମନ୍ତ୍ରିତ କରିଥିଲା । ଜଟିଳ ପ୍ରଯୁକ୍ତିବିଦ୍ୟା, ସ୍ୱଚ୍ଛ ଆର୍ଥିକ ଅଭିବୃଦ୍ଧି ଏବଂ ସ୍ଥିର ଯୋଗାଣ ଶୃଙ୍ଖଳରେ ମହତ୍ୱାକାଂକ୍ଷାକୁ ବ୍ୟବହାରିକ କାର୍ଯ୍ୟକ୍ରମ ଭାବରେ ରଖାଯାଇଥିଲା, କେବଳ ବାଚନିକ ଉନ୍ନତି ନୁହେଁ। ଜନ ଭାଗୀଦାରୀ ସହିତ, ଏକ ସୁଦୃଢ ଓ ନିର୍ଭରଯୋଗ୍ୟ ମଞ୍ଚ-ନିର୍ମାଣକାରୀ ରାଜ୍ୟ ଏବଂ ଏକ ଉଦ୍ୟୋଗୀ ଲୋକଙ୍କ ମଧ୍ୟରେ ସହଭାଗୀତା, ପଦ୍ଧତି ଭାବରେ ଉପସ୍ଥାପିତ କରାଯାଇଥିଲା। ବସ୍ତୁ ଓ ସେବା କର (ଜି.ଏସ.ଟି.) ଗଠନର ସାମ୍ପ୍ରତିକ ସରଳୀକରଣ ଏହି ଆଭିମୁଖ୍ୟକୁ ପ୍ରତିଫଳିତ କରେ । ସ୍ଲାବଗୁଡ଼ିକୁ କମ୍ କରି ଏବଂ ଦ୍ୱନ୍ଦ୍ୱର ବିନ୍ଦୁ ଗୁଡ଼ିକୁ ସଜାଡ଼ି, ଜି.ଏସ.ଟି. ପରିଷଦ ଛୋଟ ଛୋଟ ଫାର୍ମଗୁଡ଼ିକ ପାଇଁ ଅନୁପାଳନ ଖର୍ଚ୍ଚ ହ୍ରାସ କରିଛି ଏବଂ ପ୍ରତ୍ୟେକ ପରିବାର ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିଛି । ପ୍ରଧାନମନ୍ତ୍ରୀଙ୍କ ଧ୍ୟାନ ସଂକ୍ଷିପ୍ତ ରାଜସ୍ୱ ରେଖା ଉପରେ ନଥିଲା ବରଂ ସାଧାରଣ ନାଗରିକ କିମ୍ବା କ୍ଷୁଦ୍ର ବ୍ୟବସାୟୀ ଶୀଘ୍ର ପରିବର୍ତ୍ତନକୁ ଶୀଘ୍ର ଅନୁଭବ କରିବେ କି ନାହିଁ ତାହା ଉପରେ ହିଁ ଆଧାରିତ ଥିଲା । ଏହି ପ୍ରବୃତ୍ତି ଜି.ଏସ.ଟି. ପରିଷଦକୁ ମାର୍ଗଦର୍ଶନ କରିଥିବା ସଂଘୀୟ ସହଯୋଗକୁ ପ୍ରତିଫଳିତ କରେ: ରାଜ୍ୟ ଏବଂ କେନ୍ଦ୍ର କଠୋର ଭାବରେ ବିତର୍କ କରୁଛନ୍ତି, କିନ୍ତୁ ସମସ୍ତେ ଏକ ବ୍ୟବସ୍ଥା ମଧ୍ୟରେ କାର୍ଯ୍ୟ କରୁଛନ୍ତି ଯାହା ସ୍ଥିର ରହିବା ପରିବର୍ତ୍ତେ ପରିସ୍ଥିତି ସହିତ ଖାପ ଖୁଆଇଥାଏ। ନୀତିକୁ ଏକ ଜୀବନ୍ତ ଉପକରଣ ଭାବରେ ବିବେଚନା କରାଯାଏ, ଯାହା କାଗଜ-କଲମରେ ସମାନତା ପାଇଁ ସଂରକ୍ଷିତ ସ୍ମାରକୀ ପରିବର୍ତ୍ତେ ଅର୍ଥନୀତିର ତାଳ ସହିତ ସନ୍ତୁଳିତ । ଏହା ସେହି ବୃତ୍ତିଗତ ଭାବନାକୁ ପ୍ରତିଫଳିତ କରେ ଯାହା, ଆମେରିକାରୁ ବିଳମ୍ବିତ ରାତିରେ ୧୫ ଘଣ୍ଟା ବିଦେଶ ଯାତ୍ରାରୁ ଫେରିବା ପରେ ତତ୍କାଳୀନ ନିର୍ମାଣାଧୀନ ନୂତନ ସଂସଦ ଭବନର ଫାଟକ ନିକଟକୁ ତାଙ୍କର ବିନା ସୂଚନାରେ ଆଗମନକୁ ବ୍ୟାଖ୍ୟା କରେ। ମୁଁ ନିକଟରେ ପ୍ରଧାନମନ୍ତ୍ରୀଙ୍କ ସହିତ ପନ୍ଦର ମିନିଟ୍ ସମୟ ପାଇଁ ଅନୁରୋଧ କରିଥିଲି। କିନ୍ତୁ ସେହି ସମ୍ମିଳନୀ ମୋ ପାଇଁ ଏକ ଅସାଧାରଣ ଅଭିଜ୍ଞତା ହେଲା। ଆଲୋଚନାରେ ସେ ଯେତେକି ବିବିଧ ପ୍ରସଙ୍ଗ ଉଠାଇଥିଲେ, ସେଗୁଡ଼ିକର ଗଭୀରତା ଏବଂ ପରିସର ମୋତେ ଆଶ୍ଚର୍ଯ୍ୟ ଚକିତ କରିଥିଲା। ଛୋଟ ଛୋଟ ବିବରଣୀରୁ ଆରମ୍ଭ କରି ବ୍ୟାପକ ସଂଯୋଗ ପର୍ଯ୍ୟନ୍ତ, ସବୁକିଛି ଏକ ଫ୍ରେମରେ ସମନ୍ୱିତ କରିଥିଲେ। ଯାହା ୧୫ ମିନିଟ୍ ବୈଠକ ହେବାକୁ ଥିଲା, ତାହା ପ୍ରାୟ ୪୫ ମିନିଟରେ ପରିଣତ ହେଲା। ପରେ ସହକର୍ମୀମାନେ ମୋତେ କହିଥିଲେ, ସେହି ସଂଳାପ ପାଇଁ ପ୍ରଧାନମନ୍ତ୍ରୀ ଦୁଇ ଘଣ୍ଟାରୁ ଅଧିକ ସମୟ ପ୍ରସ୍ତୁତି, ନୋଟ୍ସ, ତଥ୍ୟ ଏବଂ ପ୍ରତିବାଦ-ଯୁକ୍ତି ପଢିବାରେ ବିତାଇଥିଲେ। ଗୃହକାର୍ଯ୍ୟର ସେହି ସ୍ତରୀୟ ପ୍ରଚେଷ୍ଟା କେବଳ ଏକ ଅଭ୍ୟାସ ନୁହେଁ, ଏହା ସେ ଆଶା କରୁଥିବା ମାନଦଣ୍ଡ ଏବଂ ପ୍ରତ୍ୟେକ ବ୍ୟବସ୍ଥାରୁ ଆଶା କରୁଥିବା ଶୃଙ୍ଖଳା। ନିରନ୍ତର ପ୍ରସ୍ତୁତିର ଏହି ପ୍ରକ୍ରିୟାହିଁ ନିଷ୍ପତ୍ତିଗୁଡ଼ିକୁ ସୁଦୃଢ଼ କରେ ଏବଂ ଭବିଷ୍ୟତରେ ଆସି ପାରୁଥିବା ସମସ୍ୟା ଗୁଡ଼ିକୁ ଅଗ୍ରିମରୁ ଦୂର କରିଥାଏ। ଭାରତର ସାମ୍ପ୍ରତିକ ପ୍ରଗତି ଅଧିକାଂଶ ସଂଯୋଗ ଏବଂ ସିଷ୍ଟମ ଉପରେ ନିର୍ଭର କରେ ଯାହା ଆମ ନାଗରିକଙ୍କ ପାଇଁ ମର୍ଯ୍ୟାଦା ସୁନିଶ୍ଚିତ କରିବା ନିମନ୍ତେ ମୁଖ୍ୟତଃ ଡିଜାଇନ୍ କରାଯାଇଛି । ଡିଜିଟାଲ୍ ପରିଚୟ, ସାର୍ବଜନୀନ ବ୍ୟାଙ୍କ ଆକାଉଣ୍ଟ ଏବଂ ବାସ୍ତବ-ସମୟ (ରିଅଲ ଟାଇମ) ଦେୟର ତ୍ରିକୋଣୀୟ ଅନ୍ତର୍ଭୁକ୍ତିକରଣକୁ ଭିତ୍ତିଭୂମିରେ ପରିଣତ କରିଛି । ସରକାରୀ ଯୋଜନାଗୁଡ଼ିକର ସୁଫଳ ସିଧାସଳଖ ଯାଞ୍ଚ ହୋଇଥିବା ନାଗରିକଙ୍କ ପାଖକୁ ଯାଏ ଡିଜାଇନ୍ ଦ୍ୱାରା ଲିକେଜ୍ ସଙ୍କୁଚିତ ହୁଏ କ୍ଷୁଦ୍ର ବ୍ୟବସାୟମାନେ ପୂର୍ବାନୁମାନଯୋଗ୍ୟ ନଗଦ ପ୍ରବାହକୁ ସର୍ବାଧିକ ମାତ୍ରାରେ ଉପଭୋଗ କରନ୍ତି ଏବଂ ନୀତି ଉପାଖ୍ୟାନ ପରିବର୍ତ୍ତେ ତଥ୍ୟ ଦ୍ୱାରା ତାହା ସ୍ଥିର କରାଯାଏ । ଅନ୍ତ୍ୟୋଦୟ -ସମାଜର ଶେଷ ଧାଡ଼ିରେ ରହିଥିବା ନାଗରିକଙ୍କ ଉତ୍ଥାନ -ଏହିପରି ଏକ ମାନକ ହୋଇଯାଏ- ଏହା ଏକ ସ୍ଲୋଗାନ ନୁହେଁ -ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଉଥିବା ପ୍ରତ୍ୟେକ ଯୋଜନା, କାର୍ଯ୍ୟକ୍ରମ ଏବଂ ଫାଇଲର ବାସ୍ତବ ଅଗ୍ନି ପରୀକ୍ଷାରେ ପରିଣତ ହୋଇଛି। ଭାରତର ପ୍ରଥମ ବାଉଁଶ-ଭିତ୍ତିକ ୨ଜି ଇଥାନେଲ୍ ପ୍ଲାଣ୍ଟର ଶୁଭାରମ୍ଭ ସମୟରେ, ଆସାମର ନୁମାଲିଗଡ଼ଠାରେ ମୁଁ ଏହାକୁ ପୁଣି ଥରେ ପ୍ରତ୍ୟକ୍ଷ ଦେଖିବାର ସୌଭାଗ୍ୟ ଲାଭ କରିଥିଲି । ଇଞ୍ଜିନିୟର, କୃଷକ ଏବଂ ବୈଷୟିକ ବିଶେଷଜ୍ଞମାନଙ୍କ ସହିତ ଏକତ୍ର ଠିଆହୋଇ, ପ୍ରଧାନମନ୍ତ୍ରୀଙ୍କ ପ୍ରଶ୍ନଗୁଡ଼ିକ ସିଧାସଳଖ ମୁଖ୍ୟବିନ୍ଦୁ ଛୁଇଁଥିଲା: ସେହି ଦିନ ଚାଷୀମାନଙ୍କ ଦେୟ କିପରି ସେମାନଙ୍କ ଜମାଖାତାରେ ପୈଠ କରାଯିବ? ଜେନେଟିକ୍ ଇଞ୍ଜିନିୟରିଂ କ'ଣ ବାଉଁଶ ସୃଷ୍ଟି କରିପାରିବ ଯାହା ଦ୍ରୁତ ଗତିରେ ବିଥାଏ ଏବଂ ନାଡ୍ ମଧ୍ୟରେ ବାଉଁଶ କାଣ୍ଡର ଦୈର୍ଘ୍ୟ ବୃଦ୍ଧି କରିବ? କ'ଣ ଗୁରୁତ୍ୱପୂର୍ଣ୍ଣ ଏନଜାଇମଗୁଡ଼ିକୁ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ କରାଯାଇ ପାରିବ? ବାଉଁଶର ପ୍ରତ୍ୟେକ ଉପାଦାନ - ଡାଳ, ପତ୍ର, ଅବଶିଷ୍ଟାଂଶ-ଇଥାନଲ୍ ଠାରୁ ଫର୍ଫୁରାଲ୍ ପର୍ଯ୍ୟନ୍ତ ଏବଂ ସବୁଜ ଆସେଟିକ୍ ଏସିଡ୍ ପର୍ଯ୍ୟନ୍ତ ଅର୍ଥନୈତିକ ବ୍ୟବହାର ନିମନ୍ତେ ବ୍ୟବହାର କରାଯାଉଛି କି? ଏହିସବୁ ପ୍ରସଙ୍ଗ ଉପରେ ଆଲୋଚନା କେବଳ ପ୍ରଯୁକ୍ତିବିଦ୍ୟା ପର୍ଯ୍ୟନ୍ତ ସୀମିତ ନଥିଲା । ଏହା ଲଜିଷ୍ଟିକ୍ସ, ଯୋଗାଣ ଶୃଙ୍ଖଳର ସ୍ଥିରତା ଏବଂ ବିଶ୍ୱ କାର୍ବନ ପଦଚିହ୍ନ ପର୍ଯ୍ୟନ୍ତ ବିସ୍ତାରିତ ହୋଇଥିଲା । ଅନ୍ତର୍ଜାତୀୟ ଆଲୋଚନାରେ ଅଂଶଗ୍ରହଣ କରିଥିବା ଜଣେ ବ୍ୟକ୍ତି ଭାବରେ, ମୁଁ ତୁରନ୍ତ ଏହି ପଦ୍ଧତିକୁ ଚିହ୍ନି ପାରିଥିଲି: ସଂକ୍ଷିପ୍ତ କଥାବାର୍ତ୍ତାର ସ୍ୱଚ୍ଛତା, ବିସ୍ତୃତ ଭାବରେ ସଠିକତା ଏବଂ ଶୃଙ୍ଖଳାର ଶେଷ ବ୍ୟକ୍ତି ପ୍ରଥମ ଲାଭାର୍ଥୀ ହେବା ଆବଶ୍ୟକ। ଏହି ସ୍ୱଚ୍ଛତା ଭାରତର ଅର୍ଥନୈତିକ ରାଷ୍ଟ୍ରନୀତିକୁ ସକ୍ରିୟ କରିଥାଏ । ଶକ୍ତି କ୍ଷେତ୍ରରେ, ଏକ ବିବିଧ ଯୋଗାଣକାରୀ ଗୋଷ୍ଠୀ ଏବଂ ସ୍ଥିରତା, ଦୃଢ଼ କ୍ରୟଶକ୍ତି ଅସ୍ଥିର ସମୟରେ ସୁଦ୍ଧା ଆମର ସ୍ୱାର୍ଥକୁ ସୁରକ୍ଷିତ ରଖିଛି । ବିଦେଶରେ ଏକାଧିକ ଥର, ମୁଁ ଏକ ଆଶ୍ଚର୍ଯ୍ୟଜନକ ସରଳ ସୂଚନା ଅନୁଭବ କରିଥିଲି: ଯୋଗାଣ ସୁରକ୍ଷିତ କରିବା, ସୁଲଭତା ବଜାୟ ରଖିବା ଏବଂ ଭାରତୀୟ ଗ୍ରାହକମାନଙ୍କୁ କେନ୍ଦ୍ରରେ ରଖିବା। ଏହିସବୁ ସ୍ୱଚ୍ଛତାକୁ ସର୍ବତ୍ର ସମ୍ମାନ ପ୍ରଦର୍ଶନ କରାଯାଇଥିଲା, ଏବଂ ଫଳସ୍ୱରୂପ ଆଲାଚନା ଅଧିକ ସୁଗମ ଭାବରେ ଆଗକୁ ବଢି ପାରିଥିଲା। ଜାତୀୟ ସୁରକ୍ଷାକୁ ମଧ୍ୟ କୌଣସି ପରିବର୍ତ୍ତନ ବିନା ଯୋଗାଯୋଗ କରାଯାଇଛି । ଦୃଢ଼ ସଂକଳ୍ପ ଏବଂ ସଂଯମର ସହିତ ପରିଚାଳିତ କାର୍ଯ୍ୟ - ସ୍ପଷ୍ଟ ଉଦ୍ଦେଶ୍ୟ, ଶକ୍ତିକୁ କାର୍ଯ୍ୟକ୍ଷମ ସ୍ୱାଧୀନତା, ନିର୍ଦ୍ଦୋଷଙ୍କ ସୁରକ୍ଷା-ଶବ୍ଦର ନିଶ୍ଚିତତା ଉପରେ ଅଧିକ ଗୁରୁତ୍ୱ ଦେଇଛି। ନୀତି ସମାନ: କଠିନ ପରିଶ୍ରମ କର, ଫଳାଫଳକୁ ତା'ର ଭାବ ବ୍ୟକ୍ତ କରିବାକୁ ଦିଅ ।

ଏହି ରୁଚିଗୁଡ଼ିକ ପଛରେ ଏକ ସ୍ୱତନ୍ତ୍ର କାର୍ଯ୍ୟଶୈଳୀ ରହିଛି । ଏସବୁ ଆଲୋଚନାଗୁଡ଼ିକ ଉନ୍ନତ କିନ୍ତୁ ନିରପେକ୍ଷ ପ୍ରତିଯୋଗିତାମୂଳକ ମତାମତକୁ ସ୍ୱାଗତ କରାଯାଏ, ପ୍ରବୃତ୍ତି ନୁହେଁ । ସମସ୍ତଙ୍କ କଥା ଶୁଣିବା ପରେ, ସେ ଜରୁରୀ ବିକଳ୍ପଗୁଡ଼ିକୁ ଏକ ବ୍ୟାପକ ଦଲିଲରେ ସଙ୍କୁଚିତ କରନ୍ତି, ଅଧିକାରୀଙ୍କ ଉପରେ ନିର୍ଦ୍ଦିଷ୍ଟ ଭାବରେ ଦାୟିତ୍ୱ ନ୍ୟସ୍ତ କରନ୍ତି ଏବଂ ସଫଳତା ନିର୍ଣ୍ଣୟ କରୁଥିବା ମାପଦଣ୍ଡକୁ ନିର୍ଦ୍ଦିଷ୍ଟ କରନ୍ତି। ସର୍ବୋତ୍ତମ ଯୁକ୍ତି, ସର୍ବଦା ଶକ୍ତିଶାଳୀ ହୋଇ ନଥାଏ । ଏହା ପ୍ରଚଳିତ ହୁଏ ସତ, କିନ୍ତୁ ପ୍ରସ୍ତୁତି ଉପକ୍ରମ ହିଁ ପୁରସ୍କୃତ ହୁଏ ତେଣୁ ଅନୁସରଣ ଏକ ନିରନ୍ତର ପ୍ରକ୍ରିୟା। ସହକର୍ମୀମାନଙ୍କ ପାଇଁ, ଏହା ପ୍ରସ୍ତୁତି ନିମନ୍ତେ ଏକ ଶିକ୍ଷା ବ୍ୟବସ୍ଥା ପାଇଁ ଏହା ଏକ ସଂସ୍କୃତି ଯେଉଁଠାରେ ବିତରଣକୁ ଉପଯୁକ୍ତ ଭାବେ ଆକଳନ କରାଯାଏ, ପୂର୍ବାନୁମାନ କରାଯାଏ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ବିଶ୍ୱକର୍ମା ଜୟନ୍ତୀରେ ପଡୁଛି, ଏହା କୌଣସି ସଂଯୋଗ ନୁହେଁ। ଏହି ଉପମା ସମାନ୍ତରାଳ ଆକ୍ଷରିକ ନୁହେଁ କିନ୍ତୁ ଶିକ୍ଷଣୀୟ: ସାର୍ବଜନୀନ ଜୀବନରେ, ସବୁଠାରୁ ସ୍ଥାୟୀ ସ୍ମାରକୀ ହେଉଛି ଅନୁଷ୍ଠାନ, ପ୍ଲାଟଫର୍ମ ଏବଂ ମାନଦଣ୍ଡ। ନାଗରିକଙ୍କ ନିମନ୍ତେ, କାର୍ଯ୍ୟଦକ୍ଷତା ହେଉଛି ଏକ ଲାଭ ଯାହା ସଠିକ ସମୟରେ ସେମାନଙ୍କ ନିକଟରେ ପହଞ୍ଚେ ଏବଂ ଏକ ମୂଲ୍ୟ ଯାହା ସର୍ବଦା ନ୍ୟାୟପୂର୍ଣ୍ଣ ରହିଥାଏ ଉଦ୍ୟୋଗ ପାଇଁ, ଏହା ନୀତିଗତ ସ୍ୱଚ୍ଛତା ଏବଂ ବିସ୍ତାର ନିମନ୍ତେ ଏକ ବିଶ୍ୱସନୀୟ ମାର୍ଗ ରାଜ୍ୟ ପାଇଁ, ବ୍ୟବସ୍ଥା ଯାହା ଚାପଗ୍ରସ୍ତ ରହିଥାଏ ଏବଂ ବ୍ୟବହାର ସହିତ ଉନ୍ନତ ହୋଇଉଠେ । ଏହା ହେଉଛି ସେହି ଆକଳନ ଯାହା ଦ୍ୱାରା ନରେନ୍ଦ୍ର ମୋଦୀଙ୍କୁ ଦେଖାଯିବା ଉଚିତ ଜଣେ କର୍ମଯୋଗୀ ଭାବରେ ତାଙ୍କର କାର୍ଯ୍ୟ କରିବାର ଶୈଳୀ କେବଳ ପ୍ରଦର୍ଶନ ନୁହେଁ ବରଂ ସେବା, ଯାହା ଭାରତୀୟ କାହାଣୀର ପରବର୍ତ୍ତୀ ଅଧ୍ୟାୟକୁ ଆକାର ପ୍ରଦାନ କରେ।



# ଓସିଏସରେ ମୋନାଲିସାଙ୍କ ସଫଳତା



ନିମାପଡା,(ସବ୍ୟୁ):ପ୍ରକାଶ ପାଇଥିବା ପରୀକ୍ଷା ଫଳ ଓଡିଶା ସିଭିଲ ସର୍ଭିସ (ଓସିଏସ୍ଇ)୨୦୨୩-୨୪ ମସିହା ପରୀକ୍ଷାରେ ନିମାପଡା ବ୍ଲକ ଛଣିଜଙ୍ଗ ପଞ୍ଚାୟତ ବିଲସାହି ଗ୍ରାମର ଝିଅ ମୋନାଲିସା ଦାଶ ୨୧୦ ର୍ୟାଙ୍କ ରଖି କୃତ କାର୍ଯ୍ୟହୋଇଛନ୍ତି । ଏହି ସଫଳତା ପରେ ମୋନାଲିସାଙ୍କ ନିକଟରୁ ଚାରିଆଡୁ ଛୁଟୁଛି ଶୁଭେଚ୍ଛାର ସୁଅ । ମୋନାଲିସାଙ୍କ ପିତା ଧର୍ମାନନ୍ଦ ଦାଶ ଜଣେ ଚାଷୀ ହୋଇଥିବା ବେଳେ ମା ଆରତୀ ମିଶ୍ର ଜଣେ ଗୃହିଣୀ ଅଟନ୍ତି । ଓସିଏସ୍ଇ ପରୀକ୍ଷାରେ ଝିଅକୁ ଏହି ସଫଳତା ମିଳିବା ପରେ ବାପା,ମା,ପରିବାର,ବନ୍ଧୁ ବାନ୍ଧବ ଓ ଗ୍ରାମବାସୀ ଖୁସିରେ ଆତ୍ମହରା ହୋଇପଡିଛନ୍ତି । ମୋନାଲିସାଙ୍କୁ ଏହି ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡିଛି । ସେ ଦିନକୁ ୫ରୁ ୬ ଘଣ୍ଟାପାଠ ପଢିବା ପାଇଁ ସମୟ ଦେଉଥିଲେ । ଆଗକୁ ଆହୁରି ଭଲ କରିବାକୁ ଚେଷ୍ଟା ଜାରିରଖିବେ ବୋଲି ମୋନାଲିସା କହିବା ସହିତ ଏହାରର ଶ୍ରେୟ ସେ ଭଗବାନ, ପିତା,ମାତାଙ୍କୁ ଦେଇଛନ୍ତି । ଅତି ମଫସଲର ଚାଷୀ ଝିଅ ମୋନାଲିସା ଓସିଏସ୍ଇ ପରୀକ୍ଷାରେ କୃତ କାର୍ଯ୍ୟ ହେବା ପରେ ତାଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା,ପୂର୍ବତନ ବିଧାୟକ ତଥା ବିଜେପି ମୁଖପାତ୍ର ସମୀର ରଂଜନ ଦାଶ ଓ ଓଡଖଣ୍ଡ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ସୁବାସ ନାୟକ ଶୁଭେଚ୍ଛା ଜଣାଇଛନ୍ତି । ମୋନାଲିସାଙ୍କ ପାଇଁ ଗାଁ ଓ ଅଂଚଳବାସୀ ଗର୍ବିତ ବୋଲି ଗ୍ରାମବାସୀ କହିଛନ୍ତି ।

## ମା' ପାଖରେ ଲାଗିହେଲା ଆମିଷ ଭୋଗ

ଶରଣକୁଳ,(ସବ୍ୟୁ): ଶରଣକୁଳ ପ୍ରସିଦ୍ଧ ଲଡୁବାବା ମନ୍ଦିରରେ ଅଧିଷ୍ଠାତ୍ରୀ ଦେବୀ ମା' ପାର୍ବତୀଙ୍କ ପୀଠରେ ପବିତ୍ର ଆଶ୍ୱିନ ମୂଳାଷ୍ଟାମୀରୁ ଆରମ୍ଭ ହୋଇଛି ଷୋଳଦିନାତ୍ମକ ଚଣ୍ଡୀ ପାଠ ଓ ପୂଜା। ଏହି ପୂଜାରେ ଅବକାଶ, ଅଖଣ୍ଡ ଦୀପ ପ୍ରଜ୍ଜଳନ, ଚଣ୍ଡୀପାଠ, ହୋମ, ଷୋଡଶପଚାର ପୂଜା, ଅନ୍ନ, ବ୍ୟଞ୍ଜନ ଭୋଗ ଇତ୍ୟାଦି ହୋଇଥାଏ। କିନ୍ତୁ ଶନିବାର ବିଧି ଅନୁସାରେ ପିଠେ ଷଷ୍ଠି ପୂଜାରେ ମା' ଙ୍କ ନିକଟରେ ଲାଗି ହୋଇଛି ସ୍ୱତନ୍ତ୍ର ଆମିଷ ଭୋଗ। ଏହି ଭୋଗରେ ମାଛରେ ପ୍ରସ୍ତୁତ ବ୍ୟଞ୍ଜନ ଲାଗି ହୋଇଥାଏ। ଏହି ଆମିଷ ଭୋଗ ତିନି ଦିନ ଧରି ଲାଗି ହେବାଲାଗିଁ ଧି ରହିଛି। ଆମିଷ ଭୋଗ ପ୍ରସ୍ତୁତ ହୋଇ ମା'ଙ୍କ ପର୍ବ ପୂଜକ ଦୁତିକୃଷ୍ଣ ମିଶ୍ରଙ୍କ ପରାମର୍ଶ ଅନୁଯାୟୀ ମା'ଙ୍କ ନିକଟରେ ଆମିଷ ଭୋଗ ଲାଗି ହୋଇ ଆଳତି କରାଯାଇ ପହୁଡ଼ ପକାଯାଇଥିଲା।

## ମୋବାଇଲ ଫୋନରେ ନାବାଳକଙ୍କ ଠାରୁ ୩୫ ଲକ୍ଷଟଙ୍କା ହଡ଼ପ

ବଳଙ୍ଗା, (ସବ୍ୟୁ): ପୁରୀ ଜିଲ୍ଲା ବଳଙ୍ଗା ଥାନା ନିକଟସ୍ଥ କୋଠକୁସାଙ୍ଗ ପଞ୍ଚାୟତ ଅଧୀନ ଦନ୍ଦିପୁର ଠାରେ ଗୌତମୁଦ୍ଧ ଇଣ୍ଟରନ୍ୟାସନାଲ ସ୍କୁଲ ସମ୍ପାଦକ ଭାବେ ସୁକାନ୍ତି ମିଶ୍ରଙ୍କ ପୁଅ ସାୟାନ୍ସ ମିଶ୍ର (୧୩) ସ୍କୁଲରେ ପାଠ ପଢ଼ିବା ସହିତ ଟ୍ୟୁସନ ମଧ ହେଉଛନ୍ତି। ସ୍କୁଲରେ ପିଅନ ଭାବେ କାମ କରୁଥିବା ବଳରାମ ଜେନା(ଗାଙ୍ଗୁଲି)ଘର ତୋରାଙ୍ଗ ପୁଅର ଭଲମନ୍ଦ ଦାୟିତ୍ୱ ବୁଝିଥାନ୍ତି। ବଳରାମ ସୁକାନ୍ତିଙ୍କ ପୁଅକୁ ଦୈନନ୍ଦିନ ସ୍କୁଲକୁ ନେବା ଆଣିବା କରିବା ସହ ଭଲମନ୍ଦ ବୁଝିଥାନ୍ତି। ଏହି ସୁଯୋଗରେ ପୁଅ ପାଖରେ ଥିବା ମୋବାଇଲକୁ ବ୍ୟବହାର କରିଥାନ୍ତି। ଆଗକୁ ଦଶହରା ଥିବାରୁ ସୁକାନ୍ତି ପୁଅ ପାଇଁ ଗୋଟେ ଗାଡ଼ି କିଣିବାପାଇଁ ଫୋନ ପରେ ମାଧ୍ୟମରେ ତା ମୋବାଇଲକୁ ୪୦ ଲକ୍ଷ ଟଙ୍କା। ପଠାଇଥିଲେ । ବଳରାମ ମୋାଇଲରୁ ୩୫ ଲକ୍ଷ ଟଙ୍କା ନେଇ ଥିବା ଜାଣିପାରି ପଚାରିବାରୁ ସେ ମୋତେ ଧମକ ଦେବା ସହ ଟଙ୍କା ନେଇ ନାହିଁ କହିଥିଲା ଓ ମୋତେ ଏ ବିଷୟରେ ଆଉ କୋଉ ଦିନ ପଚାର ତା'ହେଲେ ମୁଁ ତୁମ ପରିବାରକୁ ଜୀବନରୁ ଶେଷ କରିଦେବି ବୋଲି ସୁକାନ୍ତି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପାଇବା ପରେ ଲଙ୍ଗା ଥାନା ଅଧିକାରୀ ଦ୍ୟିରଞ୍ଜନ ପଣ୍ଡା ୨୨୦/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

# ପୋଲିସର ଚଢାଉ: ୩ଗିରଫ

## ଚୋରି ସୁନା ,୩ ମୋବାଇଲ ଫୋନ, ୨ବାଇକ ଜବତ



ଖଣ୍ଡପଡ଼ା ,(ସବ୍ୟୁ): ଖଣ୍ଡପଡ଼ା ପୋଲିସ ପ୍ରଶାସନ ପକ୍ଷରୁ ୨ ଟି ଘଟଣାରେ ଚଢାଉ କରାଯାଇ ୩ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କ ଠାରୁ ଚୋରି ହୋଇଥିବା ସୁନା,୩ ଟି ମୋବାଇଲ ଫୋନ ଓ ୨ ଟି ବାଇକ ଜବତ କରାଯାଇଥିବା ଜଣାପଡିଛି। ଖଣ୍ଡପଡା ଥାନା ପରିସରରେ ଶନିବାର ଅପରାହ୍ନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ମଦନ ମୋହନ ପ୍ରଧାନ ଘଟଣା ସଂପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଘଟଣାକ୍ରମେ ଖଣ୍ଡପଡ଼ାସ୍ଥିତ ସୌମ୍ୟବିହାର ପରିସରରୁ ଗତ ୨୫ ତାରିଖ ରାତିରେ ୨ଟି ମୋବାଇଲ ଫୋନ ଓ ନଗଦ ୩ ହଜାର ଟଙ୍କା କେହି ଚୋରୀ କରି ନେଇଥିବା ସଂପର୍କରେ ସେଠାରେ ରହୁଥିବା ଖଣ୍ଡପଡ଼ା ବଢେଇସାହିର ହରିଶଙ୍କର ମହାରଣା ଖଣ୍ଡପଡ଼ା ଥାନାରେ ୨୬ ତାରିଖରେ ଲିଖିତ ଅଭିଯୋଗ କରିଥିଲେ ।ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଆରମ୍ଭ କରିଥିଲା ।ଉକ୍ତ ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ପୋଲିସ ଖଣ୍ଡପଡ଼ା ଥାନା ଅଧିନ ଗଉଡ ବୋଦସା ଗ୍ରାମର ଶୁସାନ୍ତ ବସ୍ତି(୨୭) ଓରଫ ଜିତୁକୁ ଗିରଫ କରିବା ସହ ତା ଠାରୁ ୨ଟି ମୋବାଇଲ ଫୋନ ଜବତ କରିବା ସହ ସେ ବ୍ୟବହାର କରୁଥିବା ଏକ ଚୋରା ବାଇକକୁ ପୋଲିସ ଜବତ କରିଥିବା ନେଇ ପୋଲିସ ସୂଚନା ଦେଇଥିଲା। ସେହିପରି ଅନ୍ୟ ଏକ ଘଟଣାକ୍ରମେ ଗତ ୨୫ ତାରିଖ ରାତିରେ ଖଣ୍ଡପଡ଼ା ଥାନା ଅଧିନ ଶିଖରପୁର ଛକରେ ଏକ ପାନ ଦୋକାନ କରିଥିବା କୌଶଲ୍ୟା ସାହୁ(୫୪)ଙ୍କ ଠାରୁ ୨ ଜଣ ଲୁଟେରା ଏକ ବାଇକ ଯୋଗେ ଆସି ପାନ ଓ ସିଗାରେଟ ମାଗିବା ବାହନାରେ ତାଙ୍କ ବେକରେ ଥିବା ୧୬ ଗ୍ରାମ ଓଜନର ଏକ ସୁନାଚେନକୁ ଲୁଟି କରି ନେବା ସମୟରେ ସେ ପାଟି କରିବାରୁ ୨ ଲୁଟେରା ତାଙ୍କୁ ଧକ୍କା ମାରି ଘଟଣାସ୍ଥଳରୁ ପଳାଇ ଯିବାକୁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ବାସିନ୍ଦା ଲୁଟେରାଙ୍କୁ କାବୁ କରି ଧରିବା ସହ ପୋଲିସ ଜିମା ଦେଇଥିଲେ। ପୋଲିସ ୨ ଲୁଟେରାଙ୍କ ଠାରୁ ଚୋରି ହୋଇଥିବା ୧୧ ଗ୍ରାମ ଓଜନର ସୁନା ଜବତ କରିବା ସହ ସେମାନେ ବ୍ୟବହାର କରୁଥିବା ଏକ ଚୋରା ବାଇକ ଓ ମୋବାଇଲ ଫୋନକୁ ପୋଲିସ ଜବତ କରିଥିବା ଜଣାଯାଇଛି।ଏହି ଘଟଣାରେ ସଂପୃକ୍ତ ଅଭିଯୋଗରେ ଗିରଫ ୨ ଲୁଟେରା ହେଲେ କୃଷ୍ଣ ସାହୁ(୪୫) ଓରଫ ପାଇ ଓ କୈଳାସ ପ୍ରଧାନ (୨୪) ଓରଫ କଇ ବୋଲି ପୋଲିସ ସୂଚନା ଦେଇଛି। ଉଭୟ ଲୁଟେରାଙ୍କ ଘର ନୟାଗଡ ସହରର ଜଜାଙ୍ଗି ସାହିରେ ବୋଲି ଜଣାପଡିଛି।ଏ ସଂପର୍କରେ ଖଣ୍ଡପଡ଼ା ଥାନାରେ ୨ ଟି ମାମଲା ରୁଜୁ ହୋଇଥିବା ବେଳେ ଗିରଫ ୩ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଗିରଫ ଅଭିଯୁକ୍ତମାନେ ଏକାଧିକ ମାମଲାରେ ସମ୍ପୃକ୍ତ ଥିବା ନେଇ ପୋଲିସ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛି।ସାମ୍ବାଦିକ ସମ୍ମିଳନୀରେ ଏସଡିପିଓଙ୍କ ସମେତ ଖଣ୍ଡପଡ଼ା ଥାନାଧିକାରୀ ନିହାର ରଞ୍ଜନ ମହାନ୍ତି,ଏସଆଇ ଗୋପବନ୍ଧୁ ମଲ୍ଲିକ ଓ ମନସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପାର୍ବଣ ପୂର୍ବରୁ ଖଣ୍ଡପଡ଼ା ପୋଲିସ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

## ଦେଶୀ ମଦ ସହ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ଏବଂ ଟାଙ୍ଗୀ ଅବକାରୀ ଟିମ ଶନିବାର ପୃଥକ ଭାବେ ଦୁଇଟି ସ୍ଥାନରେ ଚଢ଼ାଉ କରି ଦେଶୀ ମହୁଲି ମଦ ଏବଂ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ କରିଛନ୍ତି ।ଶନିବାର ସକାଳେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ପ୍ରଥମେ ବାଣପୁର ଥାନା ତୁମ୍ବୁରାପୁଟ ଗ୍ରାମରେ ଚଢ଼ାଉ କରାଯାଇ ୭୦ଲିଟର ମହୁଲି ମଦ ଜବତ ସହ ସମ୍ପୃକ୍ତ କାର୍ତ୍ତିକ ସେଠୀଙ୍କୁ ଗିରଫ କରାଯାଇଥିଲା । ସେହିପରି ଟାଙ୍ଗୀ ଥାନା ସୋରଣ ଗ୍ରାମରୁ ବାଦଲ ଚମ୍ପତିଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୧୧କିଗ୍ରା ଗଞ୍ଜେଇ ଜବତ ହୋଇଥିଲା । ଗଞ୍ଜେଇର ମୂଲ୍ୟ ୧ଲକ୍ଷ ୧୦ହଜାର ଟଙ୍କା ହେବ ବୋଲି ବିଭାଗୀୟ ଆକଳନରୁ ଜଣାଯାଇଛି। କେସ ନଂ ୧୫୫ ଏବଂ ୧୫୬/୨୫ ଅନୁଯାୟୀ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅନ୍ୟ ମାନଙ୍କ ମଧ୍ୟରେ ଟାଙ୍ଗୀ ଅବକାରୀ ଅଧିକାରୀ ରମେଶ ଚନ୍ଦ୍ର ବାରିକ, ବାଲୁଗାଁ ଏ ଏସ ଆଇ ମୀନକେତନ ମହାଳିକ, ରଞ୍ଜିତ ପଟେଲ, ସୁନିତା ମହାରଣା,ଅନିଲ କୁମାର ପ୍ରଧାନ ଏବଂ କାଳୁ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ ।

## କୋଣାର୍କ ପାଇଁ ଗୌରବ ଆଣିଲେ ନୀଳମଣି ଓ ଗଦାଧର

କୋଣାର୍କ ,(ସବ୍ୟୁ): ଶୁକ୍ରବାର ଦିନ ମସିହା ସେପ୍ଟେମ୍ବର ମାସ ୨୬ ତାରିଖରେ ୨୦୨୩ ମସିହା ନିମନ୍ତେ ପ୍ରକାଶିତ ଓଡିଶା ପ୍ରଶାସନିକ ସେବା (ଓଏଏସ) ପରୀକ୍ଷାରେ କୋଣାର୍କ ଥାନା ଅଂଚଳର ଦୁଇ ଉଦୀୟମାନ ଯୁବ ପ୍ରତିଭା କୃତକାର୍ଯ୍ୟ ହୋଇ କୋଣାର୍କ ତଥା ପୁରୀ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ଖବରରୁ ପ୍ରକାଶ ଯେ ୨୦୨୩ ମସିହା ଓଏଏସ ପରୀକ୍ଷା ଦେଇ କୋଣାର୍କ ଥାନା ଅଧିନସ୍ଥ ବନାଖଣ୍ଡି ଗ୍ରାମପଞ୍ଚାୟତ ଦଶବାଟିଆ ଗ୍ରାମର ବରିଷ୍ଠ ଶିକ୍ଷକ ତଥା କରମଙ୍ଗା ଆଂଚଳିକ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣ ଚନ୍ଦ୍ର ବଳବନ୍ତରାୟ ଓ ସୁନିତା ସାହୁଙ୍କ ପୁତ୍ର ନୀଳମଣି ସିଦ୍ଧାର୍ଥ ବଳବନ୍ତରାୟ ଓଏଏସ ପରୀକ୍ଷାରେ ୯୬ ରାଙ୍କ ହାସଲ କରି ସଫଳତା ଅର୍ଜନ କରିଛନ୍ତି। କୋଣାର୍କ ଏନଏସି ୯ନଂ ୱାର୍ଡ ମାଉସୀ ମା ସାହିର ବାସିନ୍ଦା ଗଙ୍ଗାଧର ବେହେରାଙ୍କ ପୁଅ ଗଦାଧର ବେହେରା ସଦ୍ୟ ପ୍ରକାଶିତ ୨୦୨୩ ମସିହା ଓଏଏସ ପରୀକ୍ଷାରେ ୨୯୦ ରାଙ୍କ ହାସଲ କରି ସଫଳତା ଅର୍ଜନ କରିଛନ୍ତି। ଏହି ୨ଜଣ ଉଦୀୟମାନ ଯୁବକଙ୍କ ଅକ୍ଲାନ୍ତ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି, ଏକାଗ୍ରତା ଭାବନା, ଗୁରୁଜନ ଓ ପିତାମାତାଙ୍କ ଆର୍ଶୀବାଦ ଯୋଗୁଁ ସଫଳତା ଅର୍ଜନ କରିପାରିଛୁ ବୋଲି ନୀଳମଣି ସିଦ୍ଧାର୍ଥ ବଳବନ୍ତରାୟ ଓ ଗଦାଧର ବେହେରା ପ୍ରମୁଖ ମତବ୍ୟକ୍ତ କରିଛନ୍ତି। ଓଏଏସ ପରୀକ୍ଷାରେ ସଫଳତା ହାସଲ କରିଥିବା ନୀଳମଣି ସିଦ୍ଧାର୍ଥ ଓ ଗଦାଧର ପ୍ରମୁଖଙ୍କୁ କୋଣାର୍କ ରେ ଶୁଭେଚ୍ଛା ର ସୁଅ ଛୁଟୁଛି ।

## ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଆଠଗଡ,(ସବ୍ୟୁ): ଆଠଗଡ଼ ରେ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଉଦଘାଟିତ ହୋଇ ଯାଇଛି। ଏହି ପ୍ରତିଯୋଗିତା ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ତିନୋଟି ବିଭାଗ ୧୫ ବର୍ଷରୁ କମ ୧୬ ଟି ଦଳ , ୧୬ ରୁ ୪୦ ବର୍ଷ ମଧ୍ୟରେ ୩୨ ଟି ଦଳ , ୪୦ ରୁ ଉର୍ଦ୍ଧ ମଧ୍ୟରେ ୧୬ ଟି ଦଳ ଅଂଶ ଗ୍ରହଣ କରିଥିବା ଜଣାପଡିଛି। ଆୟୋଜକ ଆଠଗଡ ବ୍ୟାଡମିଣ୍ଟନ କ୍ଲବ ଆନୁକୁଲ୍ୟରେ ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୋଳ, କଟକ, ଯାଜପୁର, ଭଦ୍ରକ, ନୟାଗଡ଼, ବାଲେଶର ଜିଲ୍ଲାର ପ୍ରତିଯୋଗୀ ମାନେ ଏଥିରେ ଅଂଶ ଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ସମାଜସେବୀ ଲକ୍ଷ୍ମୀ ନାରାୟଣ ଭଞ୍ଜ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଉଦଘାଟନ ଉତ୍ସବରେ ଆଠଗଡ ବ୍ୟାଡମିଣ୍ଟନ କ୍ଲବର ସଭାପତି ଅଶୋକ କୁମାର ରାଉତ, ସମ୍ପାଦକ ମନୋରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସଫାଇ ମିତ୍ର ସୁରକ୍ଷା ଶିବିର

ଫୁଲନଖରା,(ସବ୍ୟୁ) :ବାରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ସଫାଇ ମିତ୍ର ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି।ଏହାକୁ ବିଡିଓ ସ୍ୱାଗତ ଦାସ ଉଦଘାଟନ କରିଥିଲେ । ।ରଙ୍ଗ ମେଡିକାଲ ଟିମ ଦ୍ୱାରା ସଚ୍ଛତା କର୍ମୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଏବଂ ୩୦ ଜଣ କର୍ମୀନୁ ସେମାନଙ୍କ ପାଇଁ ସୁରକ୍ଷା କିଟ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସମସ୍ତ ପଞ୍ଚାୟତରୁ ସଚ୍ଛତା କର୍ମୀମାନେ ଅଂଶ ଗ୍ରହଣ କରିଥିଲେ।ବାରଙ୍ଗ ସଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା ଶିବିର ପରିଚାଳନା କରିଥିଲେ।

## ଯୌତୁକ ଦାବି କରି ସ୍ତ୍ରୀକୁ ମାରିଲା ସ୍ୱାମୀ

ଶରଣକୁଳ, ,(ସବ୍ୟୁ): ଯୌତୁକ ଦାବି କରି ସ୍ତ୍ରୀକୁ ମାରିଛି ସ୍ୱାମୀ । ଏହି ଘଟଣା ନୟାଗଡ଼ ଜିଲା ଶରଣକୁଳ ଥାନା କୁଟୁଣୀ ଗ୍ରାମରେ ଘଟିଛି । ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ଲୁଣିସରା ଗ୍ରାମର ମହେଶ୍ୱର ପ୍ରଧାନଙ୍କ ଝିଅ ମିରା ପ୍ରଧାନ ଗତ ୨୦୨୦ ମସିହାରେ ଶରଣକୁଳ ଥାନା କୁଟୁଣୀ ଗ୍ରାମର ଗିରିଶ ନାୟକଙ୍କ ପୁଅ ତପନ ନାୟକଙ୍କୁ ବିବାହ କରିଥିଲେ। ସେହି ସମୟରେ ଝିଅର ପରିବାର ଲୋକେ ଯୌତୁକ ବାବଦକୁ ସୁନା ୫ଭରି, ରୂପା, ୧ଲକ୍ଷ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ତାଙ୍କର ଏକ ୩ବର୍ଷର ଝିଅ ଅଛି। ଶନିବାର ମଧ୍ୟାହ୍ନ ୧୨ଟା ରେ ସ୍ୱାମୀ ତପନ ଶ୍ୱଶୁରଙ୍କୁ ଫୋନ କରି ତୁମ ଝିଅର ଦେହ ବହୁତ ଖରାପ ଅଛି ।ତୁରନ୍ତ ନୟାଗଡ଼ ମେଡ଼ିକାଲକୁ ଆସିବାକୁ କହିଥିଲା। ଖବରପାଇ ମହେଶ୍ୱର ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ବେଳକୁ ଝିଅର ମୃତ୍ୟୁ ହୋଇ ସାରିଥିଲା। ବାହାଘରର କିଛି ବର୍ଷ ପରେ ପୁଅର ପରିବାର ଲୋକେ ଅଧିକ ଯୌତୁକ ଦାବି କରି ମିରାଙ୍କୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ ଏବଂ ଅଧିକ ଯୌତୁକ ଦାବି କରି ଝିଅକୁ ବିଷ ଦେଇ ମାରି ଦେଇଥିବା ଝିଅର ବାପା ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାଶ ମୃତ ଝିଅର ବାପାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରାଯାଇଥିବା ସହ ମୃତକଙ୍କ ଶବ ବ୍ୟବଛେଦ ପରେ ତାଙ୍କ ବାପାଙ୍କୁ ମୃତ ଦେହ ହସ୍ତାନ୍ତର କରାଯାଇଛି ବୋଲି ପ୍ରକାଶ କରିଛନ୍ତି।

## ଦଧିଚି ଫାର୍ମାସି କଲେଜରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

କଣ୍ଟାପଡ଼ା,(ସବ୍ୟୁ):ସ୍ଥାନୀୟ ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରଗ୍ରାମ ଠାରେ ଥିବା ଦଧିଚି ଫାର୍ମାସି କଲେଜରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱ ଫାର୍ମାସି ଦିବସ ଉପଲକ୍ଷେ ଆୟୋଜିତ ଏହି ଶିବିରରେ ଭୁବନେଶ୍ୱରସ୍ଥିତ କେୟାର ହସପିଟାଲର ହୃଦରୋଗ ବିଶେଷଜ୍ଞ ଡାକ୍ତର ଦେବାଶିଷ ମହାପାତ୍ର, ପାକସ୍ଥଳୀ ବିଭାଗ ଡାକ୍ତର ଦିଲୀପକୁମାର ମହାନ୍ତି ଓ ଭେଷଜ ବିଭାଗ ଡାକ୍ତର ନିବେଶ ପାଢ଼ୀ ପ୍ରମୁଖ ତିନି ଜଣ ଡାକ୍ତର ଓ କର୍ମଚାରୀ ଯୋଗଦେଇ ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ କେୟାର ହସପିଟାଲର ବରିଷ୍ଠ ପରିଚାଳକ ମୌମରଂଜନ ମହାନ୍ତି ଓ ଉପାଧ୍ୟକ୍ଷ ଶୋଭାବିକାଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଫାର୍ମାସି କଲେଜ ଅଧ୍ୟକ୍ଷ ଡଃ.ରଜତ କୁମାର କରଙ୍କ ପ୍ରତକ୍ଷ ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଚେୟାରମାନ ଡଃ.ମନୋଜ ଦାଶ ଓ ଟ୍ରଷ୍ଟି ବବିତା ଦାଶ ଉପସ୍ଥିତ ରହି ସମସ୍ତଙ୍କୁ ସମ୍ମାନିତ ଓ ଉତ୍ସାହିତ କରିଥିଲେ। ଡଃ.ପ୍ରଶାନ୍ତ ବିଶ୍ୱାଳ, ସନ୍ତୋଷ ପଣ୍ଡା, ସତ୍ୟବ୍ରତ ସାହୁ, ସତ୍ୟରଂଜନ ଦଳାଇ ଓ ଦୁର୍ଗାଚରଣ ସାହୁଙ୍କ ସମେତ ଆଶିଷ ପାଣ୍ଡବ, ତାପସ ପାଢ଼ୀ ଓ ପୂଜା ପଣ୍ଡା ଶିବିର ପରିଚାଳନା କରିଥିଲାବେଳେ ପ୍ରିୟଦର୍ଶିନୀ ସ୍ୱାଇଁ, ଉପେନ୍ଦ୍ର ପ୍ରଧାନ, ଦିଲୀପ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ସାରସ୍ୱତ ପୁରୁଷ ହରିହର ମିଶ୍ର



**ଶ୍ୟାମ ପ୍ରକାଶ ସେନାପତି**

ଓଡ଼ିଆ ସାହିତ୍ୟର ସର୍ଜନ କାନନରେ ଏକ ବହୁରଙ୍ଗୀ କୁସୁମ ହେଉଛନ୍ତି ସାରସ୍ୱତ ପୁରୁଷ ହରିହର ମିଶ୍ର । କବିତାରୁ ଆରମ୍ଭ ତାଙ୍କର ଯାତ୍ରା । କଥାସାହିତ୍ୟ, ନାଟ୍ୟସାହିତ୍ୟ, ଗୀତିକବିତା, ପ୍ରବନ୍ଧ, ସମାଲୋଚନା, ସମ୍ପାଦନା ଓ ଚଳଚ୍ଚିତ୍ର ଜଗତ ଦେଇ ଏକ ନିର୍ଦ୍ଦିଷ୍ଟ ସୃଜନ କ୍ଷେତ୍ରରେ ଆରୋହଣ କରିଛନ୍ତି ସେ । ଜଣେ କବି ଭାବରେ ସତୁରି ଦଶକରେ ଅନାମ ଆନ୍ଦୋଳନ ସହ ଯୋଡ଼ି ହୋଇ ଶ୍ରୀଜଗନ୍ନାଥ ଚେତନା ଓ ପୁରୀ ଜୀବନଧାରାକୁ ସେ ଏକ ନୂଆ ରୂପ ଦେଇଥିଲେ । ଓଡ଼ିଆ ଯୁବ ଲେଖକ ସମ୍ମେଳନଠାରୁ ଆରମ୍ଭ ଏ ଯାତ୍ରା ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି ଭାବରେ ବିବିଧ ବୈଚିତ୍ର୍ୟରେ ସମୃଦ୍ଧ ହୋଇଛି । ହରିହର କେବଳ କବି ନୁହଁନ୍ତି, ନାଟ୍ୟକାର ବି ନୁହଁନ୍ତି, ସେ ଥିଲେ ଜଣେ ବିଦଗ୍ଧ ଓଡ଼ିଆ ଅଧ୍ୟାପକ । ଛାତ୍ର ବତ୍ସଳତା ଓ ଅନୁଜ ସାହିତ୍ୟିକମାନଙ୍କୁ ଆପଣାଇ ନେବାରେ ସେ ଥିଲେ ଅନନ୍ୟ ଉଦାହରଣ । ସେ ଥିଲେ ଆଦର୍ଶବାଦୀ, ମାନବବାଦୀ ଓ ଜୀବନବାଦୀ ଲେଖକ । ଆଉ ଶ୍ରଦ୍ଧା ଓ ସ୍ୱର୍ଦ୍ଧାର କବି । ସେ ପ୍ରାୟ ମଞ୍ଚରେ ପରମ୍ପରା, ପରିସ୍ଥିତି, ପରିବର୍ତ୍ତନ, ପ୍ରଗତି ଓ ପ୍ରତିବାଦ-ଏହି ପାଞ୍ଚୋଟି ବିଷୟ ଉପରେ ଅନେକ ମୂଲ୍ୟବାନ କଥା କହି ଆସୁଥିଲେ । ସେ କହୁଥିଲେ ଜଣେ କବି ହେବା ବଡ କଥା ନୁହଁ, କବିର ଜୀବନ ଜିଇଁବା ସବୁଠାରୁ ବଡ଼ କଥା । ସେ ଥିଲେ ପ୍ରକୃତରେ ପ୍ରଶସ୍ତ ହୃଦୟର ଅଧିକାରୀ ।

ଆନନ୍ଦର ଅନୁଭୂତି ଭିତରେ ଜୀବନକୁ ସେ ବୁଝିଥିଲେ । ଖୁବ୍ ପରିଚିତ ନାଁ । ପରିବାରରୁ ସମାଜ ଯାଏଁ ପରିବ୍ୟାପ୍ତ ଥିଲା ତାଙ୍କର ନୀରବ କର୍ମମୟ ଜୀବନ, ଯାହାଙ୍କର କୀର୍ତ୍ତି ଆଉ କୃତି ଆଜି ବି ଉଦ୍ଭାସିତ । କହିବାକୁ ଗଲେ ସେ ଥିଲେ ପ୍ରଖର ଧୀଶକ୍ତିସମ୍ପନ୍ନ ବ୍ୟକ୍ତିତ୍ୱ । ଦୀର୍ଘ ଚଉରାଅଶୀ ବର୍ଷର ଜୀବନ ଭିତରେ ସେ ନୈତିକ ମୂଲ୍ୟବୋଧ ଓ ଆଚାରସିଦ୍ଧ ପରମ୍ପରାକୁ ଉଜ୍ଜୀବିତ କରିଯାଇଛନ୍ତି । ତାଙ୍କର ସାଧନା ଅନ୍ୟମାନଙ୍କ ପାଇଁ ମାର୍ଗଦର୍ଶନ କରିଚାଲିଛି । ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଭାବେ ତାଙ୍କର ସୁଖ୍ୟାତି ଏବଂ ନିଷ୍ଠାପର ସାହିତ୍ୟିକ ଭାବେ ତାଙ୍କର ସେବା ଆମ ସମୟକୁ ଆଶ୍ଚର୍ଯ୍ୟ କରିଛି । ତାଙ୍କର କବିତା ଗୋଟାଏ ନିଆରାପଣରେ ପ୍ରବାହିତ ଓ ବିସ୍ତାରିତ ।

ପିତା ଚିନ୍ତାମଣି (ମଣିରାମ) ମିଶ୍ର ଓ ମାତା ସେବତୀ ଦେବୀଙ୍କ କୋଳମଣ୍ଡନ କରି ୨୦ ଜାନୁୟାରୀ ୧୯୪୧ରେ ତାଙ୍କର ଜନ୍ମ । ପୁରୀ ସହର ମାର୍କଣ୍ଡେଶ୍ୱର ସାହିର ସଂସ୍କୃତିରେ ତାଙ୍କର ବ୍ୟକ୍ତି ଜୀବନ ବିକଶିତ । ଓଡ଼ିଆ ଭାଷା ସାହିତ୍ୟରେ ଏମ୍ଏ ପାଶ୍ କରି ସେ ବଡ଼ମ୍ବା, ନୟାଗଡ଼, ନିମାପଡ଼ା ଆଦି ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟାପନା କରି ଶେଷରେ ଜୟଦେବ ମହାବିଦ୍ୟାଳୟ, ନହରକଣ୍ଟା, ଭୁବନେଶ୍ୱରରୁ ଅଧକ୍ଷ ଭାବେ ଯୋଗଦେଇ ଦୁଇ ହଜାର ମସିହା ନଭେମ୍ବରରେ ଅବସର ଗ୍ରହଣ କରିଥିଲେ । ପ୍ରାୟ ଛଅ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ହରିହରଙ୍କ ସୃଜନଯାତ୍ରା ଅବ୍ୟାହତ ରହିଥିଲା । ବିଦ୍ୟାଳୟରେ ପଢ଼ିବା ସମୟରେ ହାତଲେଖା ପତ୍ରିକା 'ତପନ' ଠାରୁ ଲିଥୋ ପତ୍ରିକା 'ଅଭ୍ୟୁଦୟ' କି କଲେଜ୍ ପତ୍ରିକା 'ସଞ୍ଚିତା'ରୁ ଯାଇ ହରିହରଙ୍କ ପ୍ରଥମ ପ୍ରକାଶିତ କବିତା ବହି 'ଶଙ୍ଖନାଭି' (୧୯୭୩) ଓ ପ୍ରଥମ ପ୍ରକାଶିତ ନାଟକ ବହି 'କାଗଜ ଡଙ୍ଗା' (୧୯୬୦) । ତାଙ୍କର ଏକାଧିକ ଲେଖା ଇଂରାଜୀ ଓ ହିନ୍ଦୀ ଭାଷାରେ ଅନୁଦିତ ହୋଇଛି । 'ସମାବେଶ' ପତ୍ରିକାର ସମ୍ପାଦନାରେ ସେ ଆପଣାର ସ୍ୱାକ୍ଷର ଛାଡ଼ି ଯାଇଛନ୍ତି । ଏତଦ୍‌ବ୍ୟତୀତ ସେ ସୁନାମଧନ୍ୟ ଗୀତିକାର ଓ ଅଭିନେତା ଭାବରେ ଆକାଶବାଣୀରୁ 'ଏ' ଗ୍ରେଡ କଳାକାର ଭାବରେ ସ୍ୱୀକୃତି ଲାଭ କରିଥିଲେ ।



ତାଙ୍କର ବହୁ ପ୍ରସିଦ୍ଧ ନାଟ୍ୟକୃତିଗୁଡ଼ିକ ମଧ୍ୟରେ ମଧୁଲିତା, ମଝିଦରିଆ, ଦାନାପାଣି, ଅନ୍ଧ ପୁତୁଳି, ଅନ୍ଧ ବିଚାର, ହଂସଧ୍ୱନି, ରାତିର ଦୁଇଟି ଡ଼େଣା, ଗରିଲା, ବନାଗ୍ନି, ନିନ୍ଦିତ ଗଜପତି, ଅଦୃଶ୍ୟ ନଟ, ପ୍ରାୟଶ୍ଚିତ, ଏବେ ନୁହଁ ତ କେବେ ନୁହେଁ, ପ୍ରତିପକ୍ଷ, ସମ୍ଭବ ଅସମ୍ଭବ ଆଦି ଅନ୍ୟତମ । କବିତା ପୁସ୍ତକ ମଧ୍ୟରେ 'ଅକ୍ଷମ ଦେବତା' , 'ଚନ୍ଦ୍ର ବିମ୍ବ' , 'ଇନ୍ଦ୍ରାଣୀ', 'ଲାଲ କଢର ତପସ୍ୟା', 'ଚାହାଣୀ ମଣ୍ଡପ', 'ସ୍ୱପ୍ନ ବିନିମୟ', 'ଭିତିରି ଚନ୍ଦନ', 'ଶବ୍ଦ ଏକା ଏକା ଏକତ୍ର', 'ଦର୍ପଣ ଶିଳା', 'ସନ୍ଧ୍ୟା ଦର୍ଶନ', 'ଅଣ ଅକ୍ଷର', 'ଅର୍ଦ୍ଧ ମାନବୀ', 'ପାହାଡ଼ର ଡ଼େଣା', 'ଅନେକ ଆଶ୍ଚର୍ଯ୍ୟ', 'ନେତ୍ରୋତ୍ସବ', 'ଧୂଳିମାଟିର ସ୍ୱର୍ଗ', 'ଦିବ୍ୟ ଅସନ୍ତୋଷ', 'କୋଇଲି ତୁ ଚୁପ୍ ରହ', 'ପରାଗ ସଙ୍ଗମ', 'ପଞ୍ଚମ ଦୁଆର' ଆଦି ଅନେକ ପାଠକୀୟ ସ୍ୱୀକୃତି ଲାଭ କରିଛି । ଉଭୟ ନାଟକ ଓ କବିତାରେ ବୌଦ୍ଧିକତାକୁ ମର୍ଯ୍ୟାଦାପୂର୍ଣ୍ଣ କରିବାରେ ଏବଂ ଉଚ୍ଚତର ଚିନ୍ତନକୁ ଲୋକମାନଙ୍କ ପାଖରେ ପହଞ୍ଚାଇବାରେ ତାଙ୍କର ପ୍ରୟାସ ଥିଲା ଉଲ୍ଲେଖନୀୟ ।

ଅଳ୍ପ ହେଲେବି ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ହରିହର ମିଶ୍ରଙ୍କ ଅବଦାନ ସ୍ମରଣୀୟ । ଓଡ଼ିଆ ଚଳଚ୍ଚିତ୍ର 'ଚିଲିକା ତୀରେ'ର ସଂଳାପ ରଚନା କରିବା ସହ ଏଥିରେ ସହ ନିର୍ଦ୍ଦେଶକ ଭାବେ ସେ କାର୍ଯ୍ୟ କରିଥିଲେ । ପୁଣି ଏଥିରେ ସେ ଅଭିନୟ ମଧ କରିଥିଲେ । ୧୯୮୦ ମସିହାରେ ମୁକ୍ତିଲାଭ କରିଥିଲା ଓଡ଼ିଆ କଥାଚିତ୍ର 'ତପସ୍ୟା' । ବିଶ୍ୱନାଥ ମିଶ୍ରଙ୍କ ପ୍ରଯୋଜିତ ତଥା ନଗେନ୍ ରାୟଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ସ୍ଥାନିତ ହରିହର ମିଶ୍ରଙ୍କ ରଚିତ ଭକ୍ତି ରସାତ୍ମକ ଗୀତ 'ଢ଼ାଳି ଦିଅ ସାରା ଧରଣୀରେ ଆଜି ତୁମରି ଆଶିଷ ଧାରା' ଖୁବ୍ ଲୋକପ୍ରିୟତା ଅର୍ଜନ କରିବା ସହିତ ତାଙ୍କୁ ଓଡ଼ିଶାର ଘରେ ଘରେ ପରିଚିତ କରାଇଥିଲା । ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ନିର୍ଦ୍ଦେଶିତ ଏହି ଗୀତ ସୁନାମଧନ୍ୟ କଣ୍ଠଶିଳ୍ପୀ ଚିତ୍ତ ଜେନା ଏବଂ ବାଣୀ ଜୟରାମଙ୍କ କଣ୍ଠରେ ଜୀବନ୍ୟାସ ପାଇଥିଲା ।

**'ରାତିର ଦୁଇଟି ଡ଼େଣା' ନାଟକ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ୧୯୭୪ ପ୍ରାପ୍ତ ହୋଇଥିଲେ ।** ଏହା ସହିତ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ପୁରସ୍କାର ୨୦୦୪, ପ୍ରଜାତନ୍ତ୍ର ବିଷୁବ ପୁରସ୍କାର, ଭାନୁଜୀ ରାଓ କବିତା ସମ୍ମାନ, ସାରଳା ପୁରସ୍କାର ୨୦୧୧, ଭୁବନେଶ୍ୱର ପୁସ୍ତକମେଳା ସଚ୍ଚି ରାଉତରାୟ ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ ଗଙ୍ଗାଧର ମେହେର କବିତା ସମ୍ମାନ, ପଞ୍ଚମ ବେଦ ପୁରସ୍କାର, କବୀ ବ୍ରହ୍ମୋତ୍ରି ମହାନ୍ତି ସ୍ମୃତି ପୁରସ୍କାର, ଅଭିନନ୍ଦନିକାର ବିଷ୍ଣୁ ପ୍ରିୟା ସ୍ମୃତି ପୁରସ୍କାର ୨୦୧୦ ,ଆକାଶବାଣୀ ସମ୍ମାନ, ବିଜୟ ମିଶ୍ର ନାଟ୍ୟ ସମ୍ମାନ, ଟାଇମ୍ସ ଅଫ୍ ଇଣ୍ଡିଆ ଲିଡରସିପ୍ ପୁରସ୍କାର, ଲୋକସେବକ ମଣ୍ଡଳ ସତ୍ୟବାଦୀ ପୁରସ୍କାର ସମେତ ସେ ଲାଭ କରିଥିଲେ ଅନେକ ପୁରସ୍କାର, ସମ୍ମାନ ଓ ସମ୍ବର୍ଦ୍ଧନା ।

କବି ହରିହର ଆଶ୍ୱିନ କୃଷ୍ଣପକ୍ଷ ଷଷ୍ଠୀ ତିଥି ଇଂରାଜୀ ୨୩ ସେପ୍ଟେମ୍ବର ୨୦୨୪ରେ ପୁରୀ ମାର୍କଣ୍ଡେଶ୍ୱର ସାହି 'ଶଙ୍ଖନାଭି' ବାସଭବନରେ ଚଉରାଅଶୀ ବୟସରେ ସବୁଦିନ ପାଇଁ ବିଦାୟ ନେଲେ ।

ସେ ଥିଲେ ମୋ ପାଇଁ ମାର୍ଗଦର୍ଶକ । ଯେବେଠାରୁ ମୁଁ ତାଙ୍କୁ ଜାଣିଛି, ସେବେଠାରୁ ଲକ୍ଷ୍ୟ କରିଛି ତାଙ୍କର ସାରସ୍ୱତ ପ୍ରତିଭା । ଆଜି ସେ ନାହାଁନ୍ତି, ଏହା ମୁଁ ଅନୁଭବ କରିପାରୁନାହିଁ । 'ଅଭିନନ୍ଦନିକା' ଅନୁଷ୍ଠାନର ସେ ଥିଲେ ପ୍ରକୃତରେ ପରିଚୟ । ମୋ ଜୀବନର ଅବଶିଷ୍ଟ ସମୟ ତାଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱକୁ ମନେ ପକାଇ ସରିଯିବ ବୋଲି ମୁଁ ଭାବୁଛି । ଆଜି ସେ ଅକାଶର ତାରା ପରି ଚକମକ ହୋଇପାରନ୍ତି ସତ, କିନ୍ତୁ ବତୀଘରଟିଏ ହୋଇ ଆମକୁ ସର୍ବଦା ଦିଗ ନିର୍ଦ୍ଦେଶ ଦେଉଥିବେ, ଏହା ଚିର ସତ୍ୟ । ପ୍ରଣାମ କବି । ତୁମେ ବଞ୍ଚିଥାଅ ତାରାଫୁଲ ହୋଇ ଆକଶର ଅଗଣାରେ । ଶତ ଶତ ପ୍ରଣାମ ତୁମରି ପାଦତଳେ ।

**ପ୍ରତିଷ୍ଠାତା ସମ୍ପାଦକ:- 'ଅଭିନନ୍ଦନିକା'**
**ସେନାପତି ଭବନ, ବଡ଼ଦାଣ୍ଡ, ପୁରୀ**
**ମୋ- ୯୩୩୮୧୯୪୦୦**

> **ଅଳ୍ପ ହେଲେବି ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ହରିହର ମିଶ୍ରଙ୍କ ଅବଦାନ ସ୍ମରଣୀୟ । ଓଡ଼ିଆ ଚଳଚ୍ଚିତ୍ର 'ଚିଲିକା ତୀରେ'ର ସଂଳାପ ରଚନା କରିବା ସହ ଏଥିରେ ସହ ନିର୍ଦ୍ଦେଶକ ଭାବେ ସେ କାର୍ଯ୍ୟ କରିଥିଲେ । ପୁଣି ଏଥିରେ ସେ ଅଭିନୟ ମଧ କରିଥିଲେ । ୧୯୮୦ ମସିହାରେ ମୁକ୍ତିଲାଭ କରିଥିଲା ଓଡ଼ିଆ କଥାଚିତ୍ର 'ତପସ୍ୟା' । ବିଶ୍ୱନାଥ ମିଶ୍ରଙ୍କ ପ୍ରଯୋଜିତ ତଥା ନଗେନ୍ ରାୟଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ସ୍ଥାନିତ ହରିହର ମିଶ୍ରଙ୍କ ରଚିତ ଭକ୍ତି ରସାତ୍ମକ ଗୀତ 'ଢ଼ାଳି ଦିଅ ସାରା ଧରଣୀରେ ଆଜି ତୁମରି ଆଶିଷ ଧାରା' ଖୁବ୍ ଲୋକପ୍ରିୟତା ଅର୍ଜନ କରିବା ସହିତ ତାଙ୍କୁ ଓଡ଼ିଶାର ଘରେ ଘରେ ପରିଚିତ କରାଇଥିଲା । ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ନିର୍ଦ୍ଦେଶିତ ଏହି ଗୀତ ସୁନାମଧନ୍ୟ କଣ୍ଠଶିଳ୍ପୀ ଚିତ୍ତ ଜେନା ଏବଂ ବାଣୀ ଜୟରାମଙ୍କ କଣ୍ଠରେ ଜୀବନ୍ୟାସ ପାଇଥିଲା ।**

# ଅନ୍ଧାରୀ ମୂଳକ ସୂର୍ଯ୍ୟ

**ସୁନନ୍ଦା ମହାନ୍ତି**

**ଗଳ୍ପ**

ଅମାବାସ୍ୟା ଅନ୍ଧାର ରାତିରେ, ଆକାଶରେ ଚାନ୍ଦ ନଥିଲା, ତଥାପି ଶ୍ରାବଣୀ ସେହି ଅନ୍ଧାର ଆକାଶରୁ କାହାକୁ ଖୋଜୁଥିଲେ କେଜାଣି ତାଙ୍କ ମନ ସ୍ମୃତି ଅଗଣାରେ ଅନେକ ସ୍ମୃତି ଉଙ୍କି ମାରୁଥିଲା । ଗୋଟିଏ ଗୋଟିଏ ସ୍ମୃତି ଗୋଟିଏ ଗୋଟିଏ ଗଳ୍ପ ପୃଷ୍ଠା ପରି ଲାଗୁଥିଲା ତାଙ୍କୁ ଆଜି । ସମାଜର ଦୌଡ଼ ଭିତରେ ତାଙ୍କୁ ଲାଗୁଥିଲା ସେ ଅଣନିଃଶ୍ୱାସୀ ହୋଇଯାଇଛନ୍ତି । ପିଲାଦିନ, ଯୌବନ, ପୌଢ଼ ପାର ହୋଇ ସେ ପାଦ ଥାପିଛନ୍ତି ଶେଷ ପାହାଚରେ । ପରିବାର, ସମାଜ, ବନ୍ଧୁବାନ୍ଧବ, ସହୋଦର, ସମସ୍ତେ ଆଜି ବଭିନ୍ନ ପ୍ରତିଯୋଗିତାରେ ଆଗକୁ ବଢୁଥିବା ବେଳେ ସେ ତାଙ୍କ ଜୀବନର ଅନ୍ଧାରକୁ ଆକାଶର ଅନ୍ଧାର ଭିତରେ ଦେଖିପାରୁଛନ୍ତି ସ୍ପଷ୍ଟ ଭାବେ ।

ଅବସର ପରେ ଗୋଟେ ଅଲଗା ଦୁନିଆଁ ତିଆରି କରିବାକୁ ଯାଇ ପିଲାମାନଙ୍କୁ ସେ କହିଦେଇଥିଲେ ତୁମ ଦୁହିଁଙ୍କୁ ମୁଁ ଯେମିତି ବଢ଼େଇ କୁଢେଇ ବଡ଼ କଲି, ତୁମେ ମଧ ତୁମମାନଙ୍କ ପିଲାମାନଙ୍କୁ ସେହିଭଳି, ତାଙ୍କ ପ୍ରତି କର୍ତ୍ତବ୍ୟ ଓ ଦାଇତ୍ୱ ନିଭେଇ ବଡ଼ କର, ମତେ ଟାଣ ନାହିଁ ସେ ଭିତରକୁ. ନିଜ ବାପା ମା' ଗଲା ପରେ, ଦୁଇପଟର ବନ୍ଧୁବାନ୍ଧବ ପରିଜନମାନଙ୍କଠୁ ମଧ୍ୟ ସେମିତି କିଛି ଆଶା କରୁଥିଲେ ଶ୍ରାବଣୀ, ଟିକେ ଭଲପାଇବା । କିନ୍ତୁ ଭଲପାଇବା ପାଇବାକୁ ହେଲେ ସ୍ୱାମୀଙ୍କ ପାଇଁ ଥିଲା ଖାଲି କର୍ତ୍ତବ୍ୟ, ସେହି ପୁରୁଣା ଦିନରୁ ଏଯାଏଁ ଓ ଆହୁରି ଆଗକୁ ଆଗକୁ ଯେତେ ଦିନ ବଞ୍ଚିଥିବେ ଶ୍ରାବଣୀ । ପିଲାମାନଙ୍କ ପାଇଁ ମଧ ଯେତେ କରୁଥିବୁ, ସେମିତି ଯେମିତି କରିଆସୁଥିଲୁ । ପରିଜନଙ୍କ ପାଇଁ ମଧ ଠିକ୍ ସେମିତି ଯେମିତି ଆଗରୁ ଭଲପାଇବା ଦେଇ ଆସୁଥିଲୁ । ଶ୍ରାବଣୀ ନିସ୍ତେଜ ହୋଇଯାଆନ୍ତି ଆଶା କରନ୍ତି କ୍ଷଣେ ହେଲେ ବସିଯାଆନ୍ତି, ଫୁଲର ସୁରଭି ମାପି, ଜହ୍ନର ଆଖିଠାର ଦେଖି, ଆକାଶରେ ଭଗ୍ନ ତାରା ଗଣି, ଚଢେଇଠୁ କିଛି ଶିଖି ଖାଲି କବିତା ଲେଖନ୍ତେ କିନ୍ତୁ ନା ସେମିତି କଲେ ଭଲପାଇବା ମିଳିବନି ସ୍ୱାମୀଙ୍କଠୁଁ, ମମତା ଓ ଆଦର ମିଳିବନି ପିଲାଙ୍କଠୁଁ, ସମ୍ମାନ ଓ ନିବିଡ଼ତା ମଧ ମିଳିବନି, ଉଭୟ ପଟର ସଖା ସହୋଦରଙ୍କଠୁ । ଆଉ ଯୋଉଁମାନେ ରହିଲେ ବିଶ୍ୱାସ ଓ ଭରସା ବଦଳରେ ସ୍ୱାର୍ଥ ଓ ସର୍ତ୍ତ ଭିତରେ କୁହୁଳିବେ ଓ ପଚାରୁଥିବେ ଆଖିରେ, ମତେ କଣ ଦେଇଛୁ ତା' ବଦଳରେ ମୁଁ ତତେ ଦେଇପାରେ ଟିକେ ଖୁସି ଟିକେ ଆନ୍ତରିକତା ବା ଟିକେ ଲୁହ ଓ ଟୋପେ ଅଶ୍ରୁ ।

ଜହ୍ନ କିନ୍ତୁ ସେମିତି ନୁହେଁ. ଆକାଶ, ନଦୀ, ପର୍ବତ, ଝରଣା, ଫୁଲ, ମାଗେନା କିଛି ବରଂ ଦିଅନ୍ତି ବଞ୍ଚିବାର ମୋହ, ପ୍ରେରଣା, ଆକାଂକ୍ଷା ଓ ପରିପୂର୍ଣ୍ଣତା । ଯାହା ଖୋଜିଲେ ମିଳେନା ମଣିଷଠୁ ତାହା ମିଳିଯାଏ ସେମାନଙ୍କ ପାଖରୁ । ଏମିତିକି ଯାହା ମିଳେନା ପୂର୍ଣ୍ଣିମା ଆକାଶର ଚନ୍ଦ୍ରମାଠୁ, ତାହା ମିଳିଯାଏ ଅମାବାସ୍ୟାର ଲୁଚିଥିବା ଜହ୍ନଠୁଁ । ଯେମିତି ମରିଗଲା ପରେ ତା' ଗୁଣ ସୁମରି ହୁଅନ୍ତି ପାଖ ପଡୋଶୀ, ବନ୍ଧୁ ପରିଜନ ତଥା ବୋଲାଉଥିବା ନିଜର ଲୋକ କିନ୍ତୁ ବଞ୍ଚିଥିବା ବେଳେ କେବଳ ଈର୍ଷା, ରାଗ, ଦ୍ୱେଷ, ଅଭିମାନ, ଅପମାନ, ଅସମ୍ମାନ ଓ ଅନାଦାର । ସେସବୁ ଉର୍ଦ୍ଧ୍ୱରେ ବଞ୍ଚିବାର ପ୍ରେରଣା ହୋଇ ଭଗ୍ନ ତାରା ଗୋଟେ ଦି'ଟା ଖସିଯାଆନ୍ତି ଆକାଶରୁ ତ ଝିଟିପିଟି ବୋବେଇଲେ ସତ ସତ କହିବା ପରି ଶ୍ରାବଣୀ ଭିତରେ ଭିତରେ ଉଜ୍ଜ୍ୱଳି ଉଠନ୍ତି ତାଙ୍କୁ ବଞ୍ଚିଥିବା ପର୍ଯ୍ୟନ୍ତ ସାହାରା ଓ ଆସରା ମଣିଷଙ୍କ ପରିବର୍ତ୍ତେ ଏଇ ନିର୍ଜିବ, ପାର୍ଥିବ, ସହିଷ୍ଣୁସମ୍ପନ୍ନ ପ୍ରତିଟି ପ୍ରାକୃତିକ ପଦାର୍ଥ ଦରକାର ବୋଲି ପ୍ରାର୍ଥନା କଲାବେଳେ ଭଗ୍ନ ତାରା ଦେଖି ମନୋବଳ ବଢେ । କବିତା ଲେଖିବାକୁ ଖୋଜି ବସନ୍ତି ଶ୍ରାବଣୀ, ତା' ମଧ କାଗଜ କଲମ ବିହୀନ ମନ ପରଦାରେ ଓ ହୃଦୟ ମୁକୁରରେ ଯାହା ସବୁ ଶାଶ୍ୱତ, ନିର୍ମଳ ଓ ଆଧ୍ୟାତ୍ମିକ । ଆଉ କଣ ଲୋଡ଼ା ଯେ ! ତଥାପି ସଂକୁଚିତ ଏ ମନ ଓ ପରାଣ, କିନ୍ତୁ ନା ଆଉ ନୁହେଁ । ସେ ନିଜକୁ ସଜାଡୁ ଥିଲେ ଅନ୍ୟ ଏକ ନିର୍ଭର ପ୍ରତ୍ୟାଶାରେ । ଭଗବତ ବିଶ୍ୱାସରେ ନିଃଶ୍ୱାସ ନେଇ ହଜିଯିବାକୁ କବିତା ଭିତରେ, ଐସ୍ୱର୍ଗୀକ ମନୋଭାବ ନେଇ ପରିପୂର୍ଣ୍ଣତା ଆଡକୁ ।

ଏହି ସମୟରେ ଶ୍ରାବଣୀ ଦେଖିଲେ ବର୍ଷା ଛିଟାରେ କାଗଜ ଡ଼ଙ୍ଗା କରି ତାଙ୍କ ନାତି ଓ ନାତୁଣୀ ଦୁହେଁ ଚକଡା ଚକଡା ପାଣିରେ ଖେଳି କହୁଥିଲେ, 'ଆ କା ମା ବୈ... ପାନ ଗୁଆ ଥୋଇ... ପାନ ଗୁଆ ସବୁ ତୋର....ମାସକ ଧରମ ମୋର' । ଏସବୁ ଦେଖି ଶ୍ରାବଣୀଙ୍କ ମରମ ଜଳୁଥିଲା ହେଲେ କହିବେ କାହାକୁ ? ସ୍ୱାମୀ କହିବେ ଠିକ ଜାଗାରେ ଠିକ ଜିନିଷ ରଖିବା ପରା ତୁମ ଧର୍ମ ତେବେ ପିଲେ ପାଇଲେ କୋଉଠଁ ? ତାଙ୍କୁ କଣ ବୁଝେଇ ହେବ ଚେୟାର ଉପରେ ଚଢି ତା' ଉପରେ ପୁଣି ଲୁଗାପଟା ଗଦେଇ ନାତିନାତୁଣୀ ତାଙ୍କ କବିତା ଖାତା ଆଣି ଏତେ କାଣ୍ଡ କରିଛନ୍ତି ବୋଲି ! ପୁଣି ମାଆ ତାଙ୍କର କହିବ ଭୋରରୁ ଖଟି ଖଟି ପୁଣି ଉଠିଲେ ଖଟି ଖଟି କରିବି ରୁଟି ତ ପିଲାଦୁଇଟାଙ୍କୁ ଟିକେ ସମ୍ଭାଳିଲେ ହୁଅନ୍ତା ନାହିଁ ! କାହାକୁ କିଛି ନକହି ଚୋର ମାଆ ଯେବେ କାନ୍ଦେ ଦୁଆର ଦେଇ କାନ୍ଦିଲା ଭଳି କାନ୍ଦିବା ଛଡା ଆଉ ଅନ୍ୟ ଉପାୟ ନଥିଲା ଶ୍ରାବଣୀଙ୍କର । ସନ୍ଧ୍ୟାରେ ସ୍ୱାମୀ କିନ୍ତୁ ଖୋଜୁଥିଲେ ଇଲେକ୍ଟ୍ରି ବିଲ୍‌ଟିକୁ ଆଉ କୋଉଠି ନପାଇ କାଲି କେମିତି ବିଲ୍ ପୈଠ କରିବେ ଚିନ୍ତା କରୁଥିଲେ ତ ସ୍ତ୍ରୀ ଶ୍ରାବଣୀଙ୍କୁ ଖୋଜିବାରେ ସହାୟକ କଲାବେଳେ ଶ୍ରାବଣୀ ଦେଖିଥିଲେ ତାଙ୍କରି ରୁମରେ ବିଲଟି ଅଧା ତିଆରି ଡ଼ଙ୍ଗା ହୋଇ ପଡିଛି । ବୋହୂ ମଧ ତାର ଚାରିଖଣ୍ଡ ଶାଢ଼ିର ଡ୍ରାଏୱାସ ଦୋକାନର ରିସିଟି ଖୋଜି ଖୋଜି ଦେଖେତ ଶ୍ରାବଣୀଙ୍କ ରୁମରେ ହିଁ ସେଇ ରିସିଟ ଅଧା ଗଢ଼ା ଡ଼ଙ୍ଗା ହୋଇ ପଡିଛି । ସ୍ୱାମୀ ଗର୍ଜୁଥିଲେ ବୁଢୀଟିଏ ହେଲଣି ତୁମକୁ କଣ ଦେଖାଯାଉନି ରିସିଟି ସବୁ ଯେ ତାକୁ ନେଇ ପିଲାଙ୍କୁ ଡ଼ଙ୍ଗା କରିବା ଶିଖାଉଛ ! ଶ୍ରାବଣୀ ଯେତେ ସତ କହିଲେ ମଧ ନାତିନାତୁଣୀଙ୍କ ଦୋଷ ନୁହେଁ ବରଂ ତାଙ୍କ ଦୋଷ ହୋଇଥିଲା ତ ପିଲାଦୁହେଁ ହସୁଥିଲେ ଖେଁ ଖେଁ ହୋଇ ।

ତା' ଆରଦିନ ରୋଷେଇ ସରିବା ପରେ ବୋହୂ ଖାଇପିଇ ସ୍କୁଲ ବାହାରିଗଲା ପରେ ନାତି ବାବା ଚିକେନ ଖାଇବା ଚାଲ କହି ନାତୁଣୀ ଡୁଗୁ ଦିଦି ସହ ତରକାରୀରୁ ଚିକେନ ସବୁ ଆଣି ଉପରୁ ମାଂସ ଖାଇ ହାଡ଼ ସବୁ ତରକାରୀରେ ରଖିଦେଇଥିଲେ ଦୁହେଁ ତ ସ୍ୱାମୀ ଅଶାନ୍ତିରେ ଖାଇ ସନ୍ଦେହ ଦୃଷ୍ଟି ନିକ୍ଷେପ କରୁଥିଲେ ବୋହୂ ଆଡକୁ କାରଣ ନାତିନାତୁଣୀ ଗାହୁ ଗାହୁ କରି ଚିକେନ କାଢି ପକେଇବା ଦୃଶ୍ୟ ହିଁ ତାଙ୍କର ମନେ ଅଛି । ସ୍ତ୍ରୀ ଶ୍ରାବଣୀ ମଧ ଆମିଷ ଖାଉନଥିବାରୁ ସେ ସନ୍ଦେହ ପରିସରକୁ ଆସିନଥିଲେ ମଧ ଗାଳି ଶୁଣିଥିଲେ କି ତୁମକୁ କଣ ଦେଖାଯାଉନି ! ମୁଁ ଏ କଣ୍ଟା ଚିକେନ ଭଙ୍ଗା ଦାନ୍ତରେ ଖାଇପାରିବି ଯେ ତୁମେ ଦେଇଛ ବାଢି ତରକାରୀ ! ତା ଆରଦିନ ବୋହୂ ତା' ଚପଲ ପିନ୍ଧି ସ୍କୁଲ ବାହାରିଯିବା ପରେ କ୍ଲାସରେ ପିଲେ ପ୍ରିୟା ଦିଦିଙ୍କ ଗୋଡ଼କୁ ଚାହିଁ ସମସ୍ତେ ହସୁଥିଲେ ତ ପ୍ରିୟା ଦେଖିଲା ବେଳକୁ ସେ ଗୋଟେ ନିଜର ଓ ଗୋଟେ ପଟ ଶ୍ୱଶୁରଙ୍କର ଏମିତି ଦୁଇ ଗୋଡ଼ରେ ଅଲଗା ଅଲଗା ସ୍ଲିପର ପିନ୍ଧି ସ୍କୁଲ ଆସିଛନ୍ତି । ଶ୍ୱଶୁରଙ୍କର ଏ କାମ ଭାବି ମନେ ମନେ ରାଗି ଘରକୁ ଫେରି ପ୍ରିୟା ଦେଖନ୍ତି ଶ୍ୱଶୁର ପଟେ ତାଙ୍କ ଚପଲ ଓ ପଟେ ନିଜ ଚପଲ ପିନ୍ଧି ବଜାରରୁ ଫେରୁଛନ୍ତି ତ ପ୍ରିୟା କିଛି ନକହି ବହୁତ କହିଦେଲେ ଯେ ଆଖିକୁ ଦିଶୁନି ଯଦି ଗାଁକୁ ଫେରିଯିବା ଉଚିତ । ଶ୍ୱଶୁର ମଧ ଚିକେନରୁ ମାଂସ ଖାଇ ହାଡ଼ ମୋ ପାଇଁ ରଖି ପାପ କରୁଛ ବୋହୂ କହିବାକୁ ଭୁଲିନଥିଲେ ତ ଏଥର ଶ୍ରାବଣୀ କହିଥିଲେ ଏସବୁ ନାତିନାତୁଣୀଙ୍କ କାମ । ଶିଶୁମାନେ ସବୁବେଳେ ସତ କଥା କହିଥାଆନ୍ତି । ତେଣୁ ସେମାନେ ମଧ୍ୟ ମାନି ଯାଇଥିଲେ ଓ କହିଥିଲେ ସେଦିନ କେମିତି ଚେୟାର ଭିଡି ତା' ଉପରେ ଜେଜେ ଓ ମାଆ ପ୍ରିୟାଙ୍କ ଭ୍ୟାନିଟ ଆଣି ରଖି ଓ ତା' ଉପରେ ଚଢି ଜେଜେମା'ଙ୍କ ଖାତା ନେଇ କାଗଜ ଡ଼ଙ୍ଗା କରି ଭସେଇ ଦେଇଥିଲେ । ଏଥର ପୁଅ ଚାକିରି ସ୍ଥାନରୁ ଆସି ପିଲା ଦୁହିଁଙ୍କୁ ସ୍କୁଲରେ ଆଡ଼ମିସନ କରି ସ୍କୁଲ ଯିବାର ବନ୍ଦୋବସ୍ତ କରିଥିଲା ତ ବାବା କହୁଥିଲା ଜେଜେମା' ଆମେ ସ୍କୁଲ ଗଲେ ତୁମେ କଣ କରିବ ଘରେ ଏକୁଟିଆ !

ଜେଜେ କିନ୍ତୁ ଗାଁକୁ ଯିବାକୁ ପ୍ରସ୍ତୁତ ହେଉଥିଲେ ଓ ପୁଅ କହୁଥିଲା ଆଉ କିଛି ଅସୁବିଧା ନାହିଁ ବାପା ମୁଁ ପିଲାଙ୍କ ପାଇଁ କାନ ଧରୁଛି ରହିଯାଅ । ପ୍ରିୟା ଦେଖିଥିଲେ ସ୍ୱାମୀ ସତକୁ ସତ ପୁଅ ଝିଅଙ୍କ ଦୁଷ୍ଟାମି ପାଇଁ କାନ ଧରୁଥିଲେ ତ ପ୍ରିୟା ହସି ହସି ବେଦମ ହେଇଯାଇଥିଲେ ସେଦିନ । ବାବା ଓ ଡୁଗୁ ସେଦିନ ସ୍କୁଲରୁ ଫେରିବା ବେଳେ ବଜାରରୁ ରାକ୍ଷୀ ଆଣିବେ ବୋଲି ସ୍କୁଲ ବାହାରିଗଲେ ମାଆ ପ୍ରିୟା ସହିତ ଖୁସି ଖୁସିରେ ହସି ହସି । ଜେଜେମା କହୁଥିଲେ ଆଉ କେବେ ମୂଷା ମାରିବା କଥାର ନାଆଁ ଧରିବି ନାହିଁ । ଅଧା ଅଧା ଲେଖାକୁ ଯୋଡି କବିତା ସବୁ ପ୍ରସ୍ତୁତ କଲାବେଳେ ଠିକ ଠାକ ଲାଗୁନଥିଲା ଶ୍ରାବଣୀଙ୍କୁ ତ ଆଜିକାଲି ତାଙ୍କର ସକାଳ ବିତୁଥିଲା ବଗିଚାରେ । ସ୍ୱାମୀ ମଧ ତାଙ୍କୁ ସହଯୋଗ କରି ଚାରା ଆଣିଦେବା ଚାରାଗୁଡିକରେ ପାଣି ଦେବା ଓ ମୂଳ ସଫା କରିବା ତଥା ଅନଆବଶ୍ୟକ ଡ଼ାଳ ସବୁକୁ ଠିକ ସମୟରେ କାଟି ଫୋପାଡିବା ଇତ୍ୟାଦି କାର୍ଯ୍ୟରେ ସାହାଯ୍ୟ ସହଯୋଗ ରହିଥିବାରୁ ବଗିଚାଟି ଲାଗୁଥିଲା ସତେ ଯେମିତି ନନ୍ଦନ । ନାତି ନାତୁଣୀ ଦୁହେଁ ମଧ ବଗିଚାରେ ଥିବା ଫୁଲ ଗଛର ଯତ୍ନ ନେଇ ସୁନପିଲା ହୋଇ ଯାଇଥିଲେ । ଶ୍ରାବଣୀ ଆଜି ଅନୁଭବ କରୁଥିଲେ ମଣିଷ, ପଶୁପକ୍ଷୀ ସମସ୍ତଙ୍କଠାରୁ ନିଆରା ଏ ଗୁଡିକ । ଖୁବ୍ ଆପଣାର । ଦୁଃଖ ସୁଖ କହିହୁଏ ସେମାନଙ୍କୁ । ଶ୍ରାବଣୀଙ୍କୁ ଲାଗେ ସତେ ଯେମିତି ଅମାବାସ୍ୟା ଅନ୍ଧାରରେ କିଛି ଆଲୋକର ସନ୍ଧାନ କରି ଦିବ୍ୟଅନୁଭବ ଆସିଛି ତାଙ୍କର ।

**ସାକ୍ଷୀଗୋପାଳ, ପୁରୀ**
**ମୋ-୯୦୪୦୯୭୭୩୨୭**

# କବିତା



## ଶକ୍ତି ରୂପେଣ ସଂସ୍ଥିତା

**ରାମଚନ୍ଦ୍ର ବେହେରା**

ପୁଣ୍ୟ ନବରାତ୍ର ଆସିଛି ମରତେ
ଶାରଦୀୟ ଅର୍ଘ୍ୟ ନେଇ
ଦଶଭୁଜାଙ୍କର ଭବ୍ୟ ଆଗମନେ
ହସୁଛି ପବିତ୍ର ମହୀ ।
ନୀଳ ଆକାଶରେ ଶୁଭ୍ର ମେଘମାଳା
ଯାଇଅଛି ଅପସରି
ରୂପେଲି ଚନ୍ଦ୍ରମା ଆମନ୍ତ୍ରଣେ ମାତା
ଆସିଛନ୍ତି ଅବତରି ।
ଶୋଭାମୟୀଙ୍କର ଅପୂର୍ବ ଶୋଭାରେ
ଶ୍ରଦ୍ଧା ଜାଗିଅଛି ମନେ
ଭକ୍ତ ପୂଜେ ତାଙ୍କୁ ସତ୍ୟନିଷ୍ଠ ଚିତ୍ତେ
ଧୂପ ଝୁଣା ଆବାହନେ ।
ତୂରୀ ଭେରି ଯୋଡି ନାଗେରା ବାଜୁଛି
ଶୁଭୁଅଛି ଦୁର୍ଗା ସ୍ତୋତ୍ର
ହର୍ଷ ଉଲ୍ଲାସରେ ପୂଜୁଛନ୍ତି ଜନେ
ମଣ୍ଡପେ ହୋଇ ଏକତ୍ର ।
ମାତା ଆଗମନେ ଏ ଶୁଭ ଲଗନେ
ଆହ୍ଲାଦିତ ଏ ଭୁବନ
ଖୁସିର ଜୁଆର ବହୁଛି ପରାଣେ
ପୁଲକିତ ତନୁମନ ।
ମନ୍ଦାର ଟଗର କମଳ ମାଳରେ
ହସୁଛନ୍ତି ଦେବୀ ମାଆ
କାଶତଣ୍ଡୀ ସାଜି ଧବଳ ଚଉଁରୀ
ଦେଉଛି ଶୀତଳ ବାଆ ।
ମାତା ଆଗମନେ ପୁଲକିତା ମହୀ
ନାନା ପୁଷ୍ପେ ବିମଣ୍ଡିତା
ଭକ୍ତ ଗାଉଛନ୍ତି ପବିତ୍ର ବନ୍ଦନା
ଶକ୍ତି ରୂପେଣ ସଂସ୍ଥିତା ।

**ତେନ୍ତୁଳିପଦା,ଜଗତସିଂହପୁର**
**ମୋ-୭୩୫୫୬୩୪୩୪୬**

## ମା'ଆସୁଛନ୍ତି ପାର୍ବଣ ଋତୁରେ

**ଅବନୀ କୁମାର ରାଉତ**

ମାଆ ଆସୁଛନ୍ତି ପାର୍ବଣ ଋତୁରେ
କାଶତଣ୍ଡି ଚାମରରେ
ଶୋଭାର ମଣ୍ଡିତ ସବୁଜିମା କ୍ଷେତ
ଉଲ୍ଲସିତ ଭୂବନରେ !
ଜଗତ ଜନନୀ ଆର୍ବୀଭାବ ହେବେ
ଅଧର୍ମ ବିନାଶ ପାଇଁ
ସବୁଠ ଗହଳ ଚହଳ ଲାଗିଛି
ଆଲୋକରେ ସଜ୍ଜା ହୋଇ !
ପ୍ରେମର କରୁଣା ଶାନ୍ତି ପ୍ରକଟିବ
ଧୂପ ଦୀପ ନୈବଦ୍ୟରେ
ସୁନ୍ଦର ପ୍ରକୃତି ଆକାଶ ନିର୍ମଳ
ଦେଖି ଚିତ୍ତ ମୁଗ୍ଧ କରେ !
ନବ ଉନ୍ମାଦନେ ସଭି ଭକ୍ତ ଗଣ
ଡାକୁଥାନ୍ତି ଭକତିରେ
ନବ ପରିଧାନ ଫଳ ପୁଷ୍ପ ଧରି
ବାଢୁ ଥାନ୍ତି ସ୍ୱାଗତରେ !
ଶେଫାଳି କୁସୁମ ବାସ ଚହଟଇ
ଖୁସିର ସମ୍ଭାର ଖେଳେ
ପୂର୍ଣ୍ଣିମା ତିଥିର ଜହ୍ନ ଆକାଶରେ
ସୁନ୍ଦରତା ସାୟଂକାଳେ !
ସର୍ବେ ଦେବା ଦେବୀ ଉତ୍କଳ ମଣ୍ଡଳେ
ଉଭା ହେବେ ପାର୍ବଣରେ
କଲ୍ୟାଣ କାରିଣୀ ମଙ୍ଗଳ ଦାୟିନୀ
ଆସୁଥିବେ ସମ୍ଭ୍ରମରେ !
ଦେବୀ ଦଶଭୂଜା ମୃଣୟ ମୃତ୍ତିକା
ରୂପ ଯେ ସିଂହବାହିନୀ
ଧରଣୀ ବକ୍ଷରେ ଜାଗୃତିକ ଶକ୍ତି
ସବୁଠି ମନ୍ତ୍ରର ଧ୍ୱନୀ!
ପରମ ବୈଷ୍ଣବୀ ବ୍ରହ୍ମଚାରୀ ଜାଣ
ମର୍ତ୍ତ୍ୟ ମହିଁଷା ମର୍ଦ୍ଦିନୀ !
କଲ୍ୟାଣ କରନ୍ତି ଦେବୀ କାତ୍ୟାୟନୀ
ନବରୂପ ସ୍ୱୟଂ ଧରି
ଦୁଃଖ ବିନାଶିନୀ ଆଶିଷ ଦିଅନ୍ତି
ସଙ୍କଟରୁ ମୁକ୍ତ କରି !

**ମା' ବିରଜା କ୍ଷେତ୍ର**
**ମୋ-୯୪୩୯୬୨୨୬୨୩**

## ଶରତ ଆସୁଛି ମା'ଙ୍କୁ ନେଇ

**ସୁକାନ୍ତ ଚରଣ ଖୁଣ୍ଟିଆ**

ନୀଳ ଆକାଶରୁ ଫେରିଯାଅ ତୁମେ
ଡାକଇ ମୌସୁମୀ ଚାନ୍ଦ
ତୁମ ଗ୍ଲାନିନେଇ ଶ୍ରାବଣ ଛାଡ଼ିଲା
କାହା ପାଇଁ ବର୍ଷା ବାନ୍ଧ ।
ତୁମର ଆବର୍ତ୍ତ ସରିଛି ଶ୍ରାବଣ
ଦୂରେଥାଇ ଟିକେ ଦେଖ
ଶରତ ଆସୁଛି ଫୁଲେଇ ହେଇକି
ତା ' ଶିଶିର କୁମୁଦ ବେଶ ।
ବୁନ୍ଦା ବୁନ୍ଦା ସ୍ୱର୍ଣ୍ଣ ସବୁଜ ଗାଲିଚା
ମୁକ୍ତା ବିନ୍ଦୁର ଦୃଶ୍ୟ
ଲାଜକୁଳି ହୋଇ ବିସ୍ତାର କରୁଛି
ଧରା ଧବଳ ଆକାଶ ।
ଗଙ୍ଗଶିଉଳିର ସୁବାସ ଝଟଇ
କାଶତଣ୍ଡୀ ନଈ ବାଙ୍କ
ଶରତ ଜେଝସ୍ନାର କୃଷ୍ଣା ରଜନୀରେ
କାହାପାଇଁ ତୁମେ ବାସ ?
ପ୍ରଶାନ୍ତ ପ୍ରଭାତେ ଆମ ଗାଁ ପଝଟର
ପ୍ରାଚୀ ଧାରଧାରେ ଦୂର୍ଶ୍ୟ
ମା ' ଆଗମନେ ଦୂରରୁ ସଙ୍କେତ
ଧବଳ ଚଅଁର ବେଶ (କାଶତଣ୍ଡୀ) ।
ଶିଶିର ଜ୍ୟୋସ୍ନାର ଚନ୍ଦ୍ର ଛାୟାତଳେ
ବତୁରା ଫୁଲର ବାସ
ବସୁଧା ରାଣୀ ଯେ ସଜେଇ ହେଇଛି
ଦେଖିବ ମା ' ର ବେଶ ।
ନାନାଜାତି ଫୁଲ ସମ୍ଭାର ସାନ୍ନିଧ୍ୟ
ଚହଟଇ ଚଉଦିଗ
ମା ' ଆସିବାକୁ ଶରତ ବସିଛି
କାଶତଣ୍ଡୀର ସେ ଧବଳ ଚଅଁର ବେଶଛ
ମହିଷାମର୍ଦ୍ଦିନି ମା' ଦଶଭୁଜା
ଆସିବେ ମର୍ତ୍ତ୍ୟେ ଓହ୍ଲାଇ
ପାପୀମାନଙ୍କର କରିବେ ସଂହାର
ସତ୍ୟରଥ ଆପଣେଇ ।
ବିଜେ ହେବେ ମା' ଦୁର୍ଗା ଦଶଭୂଜା
ସଂହାରେ ପାପର ବ୍ୟାଧି ।
ପାପକୁ ସଂହାରୀ ଧର୍ମକୁ ଆଦରୀ
ଶରତର ଆବର୍ତ୍ତନେ
ଆସ ମା 'ଦୁର୍ଗା, ସ୍ରଷ୍ଟା, ସୃଷ୍ଟି, ଶାନ୍ତି
ସକଳ ଜୀବ ଧରମେ ।

**ନୀଳକଣ୍ଠପୁର,କାକଟପୁର**
**ମୋ-୯୯୩୮୮୦୫୬୬୧**

## ଶରତ ସୁନ୍ଦରୀ

**ସୁହଂସ ଭୋଇ**

ଆକାଶ ବିମଳ ଧରଣୀ ଶ୍ୟାମଳ,
ସବୁଜିମା ଦିଶେ କ୍ଷେତ ।
ଓହ୍ଲାଇ ଆସିଛି ଶରତ ସୁନ୍ଦରୀ,
ଭାଦ୍ରବର ଧରି ହାତ ।
ସଜେଇ ଦେଲାଣି ରୂପର ସମ୍ଭାର,
ବାଟେ କାଶତଣ୍ଡୀ ଫୁଲ ।
ଦୂର ଦେଶୁ ନଦୀ ଢାଳିଦିଏ ଆସି,
ପାଦେ ନିରିମଳ ଜଳ ।
ଜାଣି ତରବରେ ଦଉଡି ଆସିଛି,
ପ୍ରଭାତରୁ ପାରିଜାତ ।
ଧାନ ମୀନ ଜହ୍ନ ସଭିଏଁ ପ୍ରସନ୍ନ,
ଆଗମନେ ନାଚେ ହଂସ ।
ସବୁଠୁ ଅଧିକ ଆନନ୍ଦ କୁମୁଦ,
ଓଠଧାରେ ଖେଳେ ହସ ।
ଡକାହକା ହୋଇ ଡାଳିଆ ଜିନିଆଁ,
ହେଲେଣି ସେ ଏକଜୁଟ ।
ଆଗପଛ ହୋଇ ଦୁହେଁ ଖରାଛାଇ,
ଘଡିକେ ଆସନ୍ତି ଧାଇଁ ।
ବରଷି ଯାଉଛି ମଝିରେ ଶ୍ରାବଣୀ,
ସତେ କି ପାରୁନି ସହି ।
ଶରତ ସୁନ୍ଦରୀ ପରୀଟିଏ ପରି,
ଲାଗୁଛି ଦେଖରେ ମିତ ।

**ପହଣ୍ଡି, ବିଜେପୁର, ବରଗଡ**
**ମୋ-୯୪୩୭୫୨୨୪୫୫**



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିକଶିତ...

ଯେ ଦେଢ ବର୍ଷ ପୂର୍ବେ ବିଧାନସଭା ନିର୍ବାଚନ ସମୟରେ ଓଡିଶାବାସୀ ନୂତନ ପ୍ରତିବଦ୍ଧତା ସହ ଏକ ବିକଶିତ ଓଡିଶା ଆଡକୁ ବଢିବାକୁ ସଙ୍କଳ୍ପ ନେଇଥିଲେ । ଆଜି ରାଜ୍ୟ ଓ କେନ୍ଦ୍ରରେ ସେମାନଙ୍କ ସରକାର ବିକାଶ ଧାରା ସହ ଓଡିଶା ଦ୍ରୁତ ଗତିରେ ପ୍ରଗତି କରୁଛି । ବିଏସ୍‌ଏନ୍‌ଏଲ୍‌ର ନୂତନ ଅବତାର ଉନ୍ମୋଚନ କରାଯାଇଛି । ସ୍ୱଦେଶୀ ୪-ଜି ସେବା ଆରମ୍ଭ କରାଗଲା । ବିଭିନ୍ନ ରାଜ୍ୟରେ ଆଇଆଇଟିର ବିସ୍ତାର ମଧ୍ୟ ଆରମ୍ଭ ହେଉଛି । ଓଡିଶାରେ ଶିକ୍ଷା, ଦକ୍ଷତା ବିକାଶ ଏବଂ ଯୋଗାଯୋଗ ସହ ଜଡିତ ଅନେକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ । ଏହି ଅବସରରେ ବ୍ରହ୍ମପୁରରୁ ସୁରଟ ପର୍ଯ୍ୟନ୍ତ ଆଧୁନିକ ଅମୃତ ଭାରତ ଟ୍ରେନକୁ ପତାକା ଦେଖାଇ ଆରମ୍ଭ କରିଥିଲେ । ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁଜରାଟର ସୁରଟରୁ ଆଭାଷୀ ମାଧ୍ୟମରେ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆମ ସରକାର ଗରିବଙ୍କ ସେବା ଓ ସଶକ୍ତିକରଣ ପାଇଁ ସଂକଳ୍ପ ବଦ୍ଧ । ବଞ୍ଚିତ ପଛୁଆବର୍ଗ ଓ ଆଦିବାସୀ ସମ୍ପର୍କିତ ଲୋକଙ୍କ ଉନ୍ନତି ଉପରେ ଧ୍ୟାନ ଦେଉଛି । ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିବାରେ ସୁଯୋଗ ମିଳିଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ତାଙ୍କ ସହଯୋଗୀମାନଙ୍କ ଉଲ୍ଲେଖନୀୟ ପ୍ରୟାସକୁ ପ୍ରଶଂସା କରିବା ସହ ୫୦ ହଜାର ପରିବାର ପାଇଁ ନୂତନ ଘର ଅନୁମୋଦନ ପାଇଛି ବୋଲି ଘୋଷଣା କରିଥିଲେ । କେନ୍ଦ୍ର ସରକାର ସମ୍ପ୍ରତି ଓଡିଶାରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟି ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି । ସେମିକଣ୍ଡକ୍ଟର ପାର୍କ ପ୍ରତିଷ୍ଠା ହେବାକୁ ଯାଉଛି । ଓଡିଶାର ଯୁବ ପିଢିଙ୍କ ଶକ୍ତି ଓ ସମ୍ଭାବନାକୁ ବଢାଇବ । ପାରାଦୀପରୁ ଝାରସୁଗୁଡା ପର୍ଯ୍ୟନ୍ତ ଏକ ବିଶାଳ ଶିଳ୍ପ କରିଡର ବିକଶିତ ହେଉଛି । ଜାହାଜ ନିର୍ମାଣ ପାଇଁ ୭୦ ହଜାର କୋଟିର ପ୍ୟାକେଜ୍ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ । ସମ୍ପୂର୍ଣ୍ଣ ସ୍ୱଦେଶୀ ୪-ଜି ପ୍ରଯୁକ୍ତି ବିଦ୍ୟା ସଫଳତାର ସହ ବିକଶିତ କରାଯାଇଛି । ଯେଉଁଥିରେ ଏକ ଲକ୍ଷ ୪-ଜି ଟାୱାର ଅନ୍ତର୍ଭୁକ୍ତ । ଇଣ୍ଟରନେଟ୍ ସୁବିଧା ନଥିବା ୩୦ ହଜାର ଗ୍ରାମକୁ ଏହା ସଂଯୋଗ କରିବ । ଗ୍ରାମାଞ୍ଚଳରେ ପିଲାମାନେ ଅନଲାଇନ୍ ଶ୍ରେଣୀରେ ପାଠ ପଢିପାରିବେ । ଭାରତରେ କିଛି ଦିନ ପୂର୍ବରୁ ଦ୍ରୁତ ୫-ଜି ସେବା ଆରମ୍ଭ କରାଯାଇଛି । ଇଞ୍ଜିନିୟରିଂ କଲେଜ ଓ ପଲିଟେକ୍‌ନିକ୍‌ର ଆଧୁନିକିକରଣ କରାଯାଉଛି । ବିରୋଧୀ ଜନତାଙ୍କୁ ଶୋଷଣ କରିବାର ସୁଯୋଗ ହାତଛଡା କରନ୍ତି ନାହିଁ । ୨୦୧୪ରେ ତାଙ୍କ ସରକାରଙ୍କୁ ସେବା କରିବାର ସୁଯୋଗ ଦେଇ ଜନସାଧାରଣ ସୁଶାସନ ବିରୋଧୀଙ୍କ ଶୋଷଣକାରୀ ବ୍ୟବସ୍ଥା କବଳରୁ ଦେଶକୁ ମୁକ୍ତ କରିଥିଲେ । ପୂର୍ବରୁ ୨ ଲକ୍ଷ ଟଙ୍କା ଆୟ ଉପରେ ଟିକସ ପଡୁଥିଲା । ଏବେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତିମାନେ. ଟିକସ ଦେବେନି । ଜିଏସ୍‌ଟି ସଂସ୍କାରରେ ବହୁ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ହ୍ରାସ ହୋଇଛି । ବିରୋଧୀଙ୍କ ଯୁଗରେ ପରିବାରଗୁଡିକ ବର୍ଷକୁ ୧୫ ହଜାରରୁ ୨୦ ହଜାର ଟଙ୍କା ସଞ୍ଚୟ କରୁଛନ୍ତି । ଓଡିଶା ଚାଷୀ ଓ ବର୍ତ୍ତମାନ ହୋଇଥିବା ସଂସ୍କାରରେ ଅନେକ କୃଷି ଉପକରଣ ଓ ଉପକରଣ ଉପରେ ଟିକସ ଯଥେଷ୍ଟ ହ୍ରାସ ହୋଇଛି । ରାଜ୍ୟରେ ବର୍ତ୍ତମାନ ୬ଟି ବନ୍ଦେ ଭାରତ ଟ୍ରେନ୍ ଚାଲିଛି । ଝାରସୁଗୁଡା ବିମାନ ବନ୍ଦର ଭାରତର ଅନେକ ପ୍ରମୁଖ ସହର ସହ ଯୋଡି ହୋଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖ ଉପସ୍ଥିତ ଥିଲେ । ୧୧ ହଜାର କୋଟି ନିବେଶରେ ୮ ଟି ଆଇଆଇଟିର ସମ୍ପ୍ରସାରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ।

## ଆମ ସମସ୍ତଙ୍କ...

ସବୁଠାରୁ ବଡ଼ ପ୍ରମାଣ । ଏହା ଆମ ପାଇଁ 'ସେବା ପର୍ବ' ।

ଆଜିର ଏହି ସମାବେଶ, ଯୁବବର୍ଗଙ୍କ ପାଇଁ ସମର୍ପିତ । ବିଶେଷ କରି ୨୦୧୪ ପରେ, ଦେଶର ଯୁବବର୍ଗଙ୍କ ପାଇଁ ଆପଣ ଯଥାର୍ଥ ଭାବେ ସବୁଠାରୁ ବଡ଼ 'ଆଇକନ୍' । ଦେଶର ଯୁବବର୍ଗଙ୍କ ପାଇଁ ଆପଣ ପ୍ରେରଣାର ସ୍ରୋତ । ଦେଶର ବିକାଶ ପାଇଁ ଆପଣ ଯେଉଁ ଚାରି ବର୍ଗଙ୍କ ଉପରେ ଗୁରୁତ୍ୱ ଦେଇଛନ୍ତି, ସେଥିରେ ଯୁବବର୍ଗଙ୍କ ପାଇଁ ଏକ ବିଶେଷ ସ୍ଥାନ ରହିଛି । ଯୁବବର୍ଗଙ୍କ ପାଇଁ ଆପଣ ଅନେକ ଯୋଜନା ଆରମ୍ଭ କରିଛନ୍ତି, ଯାହାର ସକାରାତ୍ମକ ପରିଣାମ ଆଜି ସ୍ପଷ୍ଟ ଭାବେ ଦେଖାଯାଉଛି ।

'ଅପରେସନ ସିନ୍ଦୁର' ସହିତ ଦେଶର ସୁରକ୍ଷାକୁ ନେଇ ଆପଣ ଯେଉଁ 'ଲକ୍ଷ୍ମଣ ରେଖା' ଆଙ୍କିଛନ୍ତି, ସେଥିରେ ଦେଶର ଯୁବବର୍ଗଙ୍କର ମନପ୍ରାଣରେ ଏକ ନୂତନ ଉତ୍ସାହ ଭରି ଦେଇଛି । ଭାରତରେ ଗୋଟିଏ ପ୍ରସିଦ୍ଧ ହିନ୍ଦି ଲୋକକଥା ଅଛି 'ଛେଡେଙ୍ଗେ ନେହିଁ, ଅଗର କୋଇ ଛେଡେଗା, ତୋ ଛୋଡେଙ୍ଗେ ନେହିଁ' । ପେହଲଗାମର ନରସଂହାର ପରେ, ଶତ୍ରୁ ଦେଶରେ ପ୍ରବେଶ କରି, ଆତଙ୍କବାଦୀ ଏବଂ ସେମାନଙ୍କର ପୃଷ୍ଠପୋଷକଙ୍କୁ ଯେପରି ଦଣ୍ଡ ଦିଆଗଲା, ସେଥିରେ ଦେଶର ସୁରକ୍ଷା ନୀତିର ସବୁ ଦିଗ ସମ୍ପୂର୍ଣ୍ଣ ଭାବେ ବଦଳିଯାଇଛି । ଗତବର୍ଷ, ଆପଣଙ୍କ ଜନ୍ମଦିନରେ ଆପଣ ଓଡ଼ିଶା ଆସିଥିଲେ ଏବଂ ଆମ ମା' ଓ ଭଉଣୀମାନଙ୍କ ପାଇଁ 'ସୁଭଦ୍ରା ଯୋଜନା'ର ଶୁଭାରମ୍ଭ କରିଥିଲେ । ଆଜି ଏହି ଯୋଜନା ଅଧୀନରେ, ଏକ କୋଟିରୁ ଅଧିକ ମା'ମାନଙ୍କୁ ପ୍ରତିବର୍ଷ ଦଶ ହଜାର ଟଙ୍କାର ସହାୟତା ମିଳୁଛି । ଗତବର୍ଷ, ଜଣେ ଆଦିବାସୀ ମା'ଙ୍କ ହାତରୁ କ୍ଷିରି ଖାଇ, ଆପଣ ଆପଣଙ୍କର ଜନ୍ମଦିନ ପାଳନ କରିଥିଲେ । ଓଡ଼ିଶାବାସୀଙ୍କ ପ୍ରତି ଆପଣଙ୍କର ଏହି ଭଲପାଇବା, ଆମ ସମସ୍ତଙ୍କୁ ଅଭିଭୂତ କରିଛି । ଚଳିତ ବର୍ଷ ଆପଣଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ ରେ, "ଏକ ପେଡ୍ ମା' କେ ନାମ୍ 2.0" ଅଭିଯାନରେ, ଆମେ ୭୫ ଲକ୍ଷ ବୃକ୍ଷରୋପଣ ପାଇଁ ସଙ୍କଳ୍ପ ନେଇଥିଲୁ । କିନ୍ତୁ ଓଡ଼ିଶାବାସୀ ସେହି ଦିନ, ଦୁଇଗୁଣା ଅର୍ଥାତ ଦେଢ଼ କୋଟି ଗଛ ଲଗାଇଦେଲେ । ଓଡ଼ିଶାର ବିକାଶ ପାଇଁ ଆପଣଙ୍କର ଫୋକସ୍ ସର୍ବଦା ରହିଛି । ଆପଣଙ୍କର 'ପୂର୍ବୋଦୟ'ର ପରିକଳ୍ପନାର କେନ୍ଦ୍ରରେ ଓଡ଼ିଶା ରହିଛି ।

ଦୁର୍ଗା ପୂଜା ଓଡ଼ିଶାର ସବୁଠାରୁ ବଡ଼ ପର୍ବ । ଏହି ଶୁଭ ଅବସରରେ, ଆପଣ ରାଜ୍ୟର ଉନ୍ନତି ପାଇଁ ଏବଂ ବିଶେଷ ଭାବେ ଲୋକମାନଙ୍କ ପାଇଁ, ଡବଲ ବୋନାଞ୍ଜା ଆଣିଛନ୍ତି । ବର୍ତ୍ତମାନ ଓଡିଶାର ଲୋକମାନେ 'ଜିଏସଟି ବଚତ୍ ଉତ୍ସବ'ରେ ସକ୍ରିୟ ଭାବରେ ଅଂଶଗ୍ରହଣ କରୁଛନ୍ତି । ଆପଣଙ୍କ ଏହି ଐତିହାସିକ ପଦକ୍ଷେପ ପାଇଁ, ୩ ଦିନ ପୂର୍ବରୁ ସମାପ୍ତ ହୋଇଥିବା ଓଡିଶା ବିଧାନସଭାର ବର୍ଷାକାଳୀନ ଅଧିବେଶନରେ, ଧନ୍ୟବାଦ ପ୍ରସ୍ତାବ ପାରିତ କରାଯାଇଛି । ଚଳିତ ବର୍ଷ ଜାନୁଆରୀ ମାସରେ, ଆପଣ ଉତ୍କର୍ଷ ଓଡିଶା- ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମରେ, ଉଦ୍ୟୋଗପତିମାନଙ୍କୁ ଓଡିଶାରେ ନିବେଶ କରିବା ପାଇଁ ଆହ୍ୱାନ ଦେଇ କହିଥିଲେ – "ୟହି ସମୟ ହୈ, ସହି ସମୟ ହୈ" । ସାମାଜିକ, ରାଜନୈତିକ ଏବଂ ଆର୍ଥିକ ପ୍ରଗତି ସହିତ, 'ଦେଶର ସୁରକ୍ଷାର ଗ୍ୟାରେଣ୍ଟି' ଦିଗରେ, ଆମ ଦେଶ ପ୍ରତ୍ୟେକ ଦିନ ନୂଆ କୀର୍ତ୍ତିମାନ ସ୍ଥାପନ କରୁଛି । ଦେଶ ପ୍ରତି ଆପଣଙ୍କ ସମର୍ପଣ ଏବଂ ସେବାଭାବ ସମ୍ବନ୍ଧରେ, ଏଠାରେ ଉପସ୍ଥିତ ଯୁବବର୍ଗଙ୍କୁ ମୁଁ କିଛି କହିବାକୁ ଚାହୁଁଛି ।

ଏହି ପଂକ୍ତି ପରେ, ମୋତେ ଆଉ କିଛି କହିବାର ଆବଶ୍ୟକତା ନାହିଁ । ସମଗ୍ର ଦେଶବାସୀ ଏବଂ ଆମ ଯୁବବର୍ଗ ଜାଣିଛନ୍ତି ଯେ, ଆପଣଙ୍କ ନେତୃତ୍ୱରେ– ଭାରତ ନା ଅଟକିବ, ନା ନଇଁବ, ନୂଆ ଭାରତ କେବଳ ଆଗକୁ ହିଁ ବଢିବ । ଶେଷରେ, ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ର ଭାବେ ଗଢି ତୋଳିବା ପାଇଁ, ଆପଣଙ୍କ ସଂକଳ୍ପକୁ ସାକାର କରିବା ପାଇଁ, ଆମେ ସମସ୍ତେ ନିଜ ନିଜର ଯୋଗଦାନ ଦେବୁ । ସମଗ୍ର ଯୁବ ସମାଜ, ଏକତ୍ରିତ ଭାବେ ଏକମନରେ, ଆପଣଙ୍କ ସହିତ ଦୃଢ଼ଭାବରେ ଛିଡା ହୋଇରହିଛନ୍ତି ।

## ୩୧ ମୃତ...

ଲୋକମାନେ ଶ୍ୱାସରୁଦ୍ଧ ହୋଇ ଚେତାଶୂନ୍ୟ ହୋଇପଡିଥିଲେ । ପରିସ୍ଥିତିକୁ ଦେଖି ବିଜୟ ତାଙ୍କ ଭାଷଣକୁ ତୁରନ୍ତ ବନ୍ଦ କରିଥିଲେ । ଅଚେତ ଲୋକଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି । ଡିଏମ୍‌କେର ମନ୍ତ୍ରୀ ଏସ୍ ବାଲାଜୀ ଓ ସ୍ଥାନୀୟ ଜିଲ୍ଲାପାଳ ହସ୍ପିଟାଲ ଯାଇ ସ୍ଥିତି ପରଖିଛନ୍ତି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ସୋସିଆଲ ମିଡିଆରେ କରୁର ଘଟଣାକୁ ଚିନ୍ତାଜନକ ବୋଲି ଉଲ୍ଲେଖ କରିଛନ୍ତି ଓ ଆହତ ହୋଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସା ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମଧ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ଜିଲ୍ଲାପାଳ ଓ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଯେତେବେଳେ ବିଜୟ ତାଙ୍କ ଭାଷଣ ରଖୁଥିଲେ ସେତେବେଳେ ଏହି ଘଟଣା ଘଟିଥିଲା । ଜଣେ ୯ ବର୍ଷର ବାଳିକା ନିଖୋଜ ହୋଇଥିବାର ସୂଚନା ମିଳିଛି । ତାଙ୍କ ଭାଷଣରେ ବିଜୟ ତାମିଲନାଡୁର ରାଜନୈତିକ ଭୂଖଣ୍ଡ ନେଇ ମତ ରଖିଥିଲେ ।

## ୩୦ରେ...

ଆଣ୍ଡାମାନ ମାସରେ ଘୂର୍ଣ୍ଣିବଳୟ ୩୦ ତାରିଖ ବେଳକୁ ସୃଷ୍ଟି ହୋଇପାରେ। ଏହା ପ୍ରଭାବରେ ଉତ୍ତର ଏବଂ ପାଶ୍ୱର୍ବର୍ତ୍ତୀ କେନ୍ଦ୍ରୀୟ ବଙ୍ଗୋପସାଗରରେ ୧ ତାରିଖ ବେଳକୁ ଲଘୁଚାପ ରୂପ ନେବ। ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ଅଛି। ମାଲକାନାଗିରି, କୋରାପୁଟ, ରାୟଗଡ଼, ଗଜପତି, ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ୧ ଓ ୨ ତାରିଖ ପାଇଁ ଏସବୁ ଜିଲ୍ଲା ଗୁଡିକ ଲାଗି ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ବାକି ଜିଲ୍ଲା ଗୁଡିକରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହୋଇପାରେ।

ପ୍ରାବଣ ବେଳେ ସମ୍ଭାବ୍ୟ ଲଘୁଚାପ ବର୍ଷା ଯୋଗୁଁ ଫିକା ପଡିବ ଦଶହରା ବୁଲାବୁଲି। ଅଷ୍ଟମରେ ଲଘୁଚାପ ଦାନ ବାନ୍ଧିବ ଓ ନବମୀରେ ଦକ୍ଷିଣ ଓଡ଼ିଶାରେ ବର୍ଷା ହେବ। ତେବେ ଦଶହରାରେ ସାରା ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ବର୍ଷା ଯୋଗୁଁ ଦଶହରା ସମ୍ପୂର୍ଣ୍ଣ ବରବାଦ ହୋଇଯିବ । ସେପଟେ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଉତ୍ତର ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ ୧ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଅଛି। ତେବେ ଆସନ୍ତାକାଲି (ରବିବାର) ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ପାଗ ମୁଖ୍ୟତଃ ଶୁଖିଲା ରହବ। ମୌସୁମୀ ସକ୍ରିୟ ଥିବାରୁ ସ୍ଥାନେ ସ୍ଥାନେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହୋଇପାରେ। ନବମୀ ଦିନ ଅର୍ଥାତ୍ ୧ ତାରିଖରେ ଦକ୍ଷିଣ ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହୋଇପାରେ। ୨ ତାରିଖ (ଦଶହରା) ଦିନ ସାରା ରାଜ୍ୟରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ନେଇ ଆକଳନ କରିଛନ୍ତି ଶ୍ରୀ ପଶୁପାଳକ ।

# ସୀମା ବିବାଦକୁ ନେଇ ଦୁଇ ଗ୍ରାମବାସୀ ମୁହାଁମୁହିଁ

ଭାପୁର,(ସବ୍ୟୁ):ଭାପୁର ବ୍ଲକ ପଦ୍ମାବତୀ ପଞ୍ଚାୟତ ଅନ୍ତର୍ଗତ ପଦ୍ମାବତୀ ଏବଂ ତଳ ମାରଡ଼ା ଦୁଇ ଗ୍ରାମ ମଧ୍ୟରେ ସୀମା ବିବାଦକୁ ନେଇ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ ପରେ ବି ସମାଧାନ ର ନିଷ୍କର୍ଷ ବାହାରୁ ନାହିଁ ।ତଳମାରଡ଼ା ଗ୍ରାମ୍ୟ ସୀମା ଭିତରେ ରହିଥିବା ପଦ୍ମାବତୀ ଗ୍ରାମର ହାଇସ୍କୁଲ ଖେଳ ପଡିଆରେ ଦଶହରା ଉତ୍ସବ ପାଳନ କରିବା ପାଇଁ ପଦ୍ମାବତୀ ଗ୍ରାମର ଯୁବକ ମାନେ ସ୍ଥିର କରି ଥିବାବେଳେ ତଳମାରଡ଼ା ଗ୍ରାମବାସୀ ବିରୋଧ କରି ପଡିଆ ଭିତର କୁ ପଦ୍ମାବତୀ ଗ୍ରାମବାସୀ ଙ୍କୁ ନାହିଁ ବୋଲି ଅଡ଼ି ବସିଛନ୍ତି । ଏହାକୁ ନେଇ ପଦ୍ମାବତୀ ଗ୍ରାମବାସୀ ନୟାଗଡ଼ ଜିଲ୍ଲାପାଳ ଙ୍କୁ ଲିଖିତ ଭାବରେ ଜଣେଇ ଥିବାରୁ ଭାପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମ୍ପଦର, ଭାପୁର ତହସିଲଦାର ଅର୍ଜୁନ ପ୍ରଧାନ, ବିଡ଼ିଓ ସାରଦା ପ୍ରସନ୍ନ ପଣ୍ଡା, ଖଣ୍ଡପଡା ଏସ.ଡି.ପି.ଓ. ମଦନ ମୋହନ ପ୍ରଧାନ, ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡା ଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । କିନ୍ତୁ, ସେଥିରେ କୌଣସି ସମାଧାନ ବାଟ ଫିଟି ନ ଥିଲା ଯାହାକୁ ନେଇ ଦୁଇ ଗ୍ରାମବାସୀ ଙ୍କ ମଧ୍ୟରେ ଅସନ୍ତୋଷ ର ନିଆଁ କୁହୁଳିବାରେ ଲାଗିଛି ।

# ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ୨ୟ ପର୍ଯ୍ୟାୟ ଚାର୍ଜସିଟ ଦାଖଲ

ବାଲେଶ୍ୱର (ସବ୍ୟୁ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାରେ ଶନିବାର ଦିନ ବାଲେଶ୍ୱର ଏସଡିଜେଏମଙ୍କ କୋର୍ଟରେ ପୁଣି କ୍ରାଇମବ୍ରାଞ୍ଚ ଟିମ୍ ଦ୍ୱିତୀୟ ପର୍ଯ୍ୟାୟ ଚାର୍ଜସିଟ ଦାଖଲ କରିଥିବା ଜଣାପଡ଼ିଛି । ପୂର୍ବରୁ ଗତ ସେପେଟମ୍ବର ୯ ତାରିଖରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଡିଏସ୍‌ପି ଇମାନ କଲ୍ୟାଣ ନାୟକ ଓ ୨ଜଣିଆ ଟିମ୍ ପକ୍ଷରୁ ଏଚ୍‌ଓଡି ସମୀରକୁମାର ସାହୁ ଓ କଲେଜ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କ ବାବଦରେ ୫୦୪ ପୃଷ୍ଠା ସମ୍ବଳିତ ଚାର୍ଜସିଟ ଦାଖଲ କରିଥିଲେ । ଶନିବାର ଦିନ କ୍ରାଇମବ୍ରାଞ୍ଚ ପକ୍ଷରୁ କେତେପୃଷ୍ଠା ସମ୍ବଳିତ ଚାର୍ଜସିଟ ଦାଖଲ କରାଯାଇଛି ତାହା ସଠିକ୍ ଭାବେ ଜଣାପଡ଼ିନାହିଁ । ଏଠାରେ ଉଲ୍ଲେଖଯୋଗ୍ୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ମାମଲାରେ ଛାତ୍ରୀଙ୍କୁ ଆତ୍ମାହୁତି ପାଇଁ ପ୍ରବର୍ତ୍ତାଇବା ମାମଲାରେ ଛାତ୍ରୀଙ୍କ ଦୁଇ ସହଯୋଗୀ ଦୁଇ ଛାତ୍ରନେତା ଶୁଭ୍ର ସମ୍ବିତ ନାୟକ ଓ ଜ୍ୟୋତି ପ୍ରକାଶ ବିଶ୍ୱାଳ ଗିରଫ ପରେ ବାଲେଶ୍ୱର ଜେଲ ବିଚାର ବିଭାଗୀୟ ହାଜତ ରେ ଅଛନ୍ତି । ଶନିବାର ଦିନ କ୍ରାଇମ ବ୍ରାଞ୍ଚ ଦ୍ୱିତୀୟଥର ପାଇଁ ଗିରଫ ଦୁଇ ଛାତ୍ର ଙ୍କ ଚାର୍ଜ ସିଟ ବାଲେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଦାଖଲ କରିଛି । ବାଲେଶ୍ୱର ଫକୀରମୋହନ କଲେଜରେ ଛାତ୍ରୀ ଆତ୍ମହତ୍ୟା ଘଟଣାର ୨୦ ଦିନ ପରେ କ୍ରାଇମବ୍ରାଞ୍ଚର ବଡ଼ କାର୍ଯ୍ୟନୁଷ୍ଠାନ ହେବାସହ ଛାତ୍ରୀଙ୍କ ଆତ୍ମାହୁତି ପଛରେ ମାଷ୍ଟର ମାଇଣ୍ଡ ଦୁଇ ଜଣ ଛାତ୍ରଙ୍କୁ ବାନ୍ଧିଥିଲା କ୍ରାଇମବ୍ରାଞ୍ଚ । ଛାତ୍ରୀଙ୍କ ଆତ୍ମାହୁତି ଘଟଣାର ଷଡଯନ୍ତ୍ର ପଛରେ ଥିଲେ ଏହି ଦୁଇଜଣ ଛାତ୍ର । ଛାତ୍ରୀ ଜଣଙ୍କ ଯେତେବେଳେ ଅଧ୍ୟାପକ ସମୀର ସାହୁଙ୍କ ବିରୁଦ୍ଧରେ କଲେଜ୍‌ରେ ଅଭିଯୋଗ ଆଣିଥିଲେ ସେତେବେଳେ ଛାତ୍ରୀ ଜଣକ କଲେଜ୍‌ରେ ହକ୍‌ର ଲଢ଼େଇ ଲଢୁଥିଲେ । କିନ୍ତୁ ଘଟଣାକୁ ରଙ୍ଗ ଦେବାକୁ ଯାଇ ଛାତ୍ରୀ ଜଣଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇ ଥିଲେ ଏହି ଛାତ୍ରନେତା ଦ୍ୱୟ । ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ବେଳେ ମୋବାଇଲରେ ଭିଡ଼ିଓ କରିବା ସହିତ ଆତ୍ମହତ୍ୟା ଉଦ୍ୟମ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କରିଥିଲେ ସହଯୋଗ । ଗିରଫ ଦୁଇ ଛାତ୍ର ହେଲେ ଶୁଭ୍ର ସମ୍ବିତ ନାୟକ ଓ ଜ୍ୟୋତିପ୍ରକାଶ ବିଶ୍ୱାଳ । ସବୁଠାରୁ ବଡ଼ କଥା ହେଲା ଶୁଭ୍ର ସମ୍ବିତ ନାୟକ ଏବିଭିପିର ରାଜ୍ୟ ଯୁଗ୍ମ ସମ୍ପାଦକ ଦାୟିତ୍ୱରେ ରହିଛନ୍ତି । ଉଭୟଙ୍କ କାର୍ଯ୍ୟକଳାପ ,ଭିଡ଼ିଓ ଓ ବୟାନକୁ ନେଇ ପ୍ରଥମରୁ ହିଁ ଦୁହିଁଙ୍କୁ ସ୍କାନରରେ ରଖିଥିଲା କ୍ରାଇମବ୍ରାଞ୍ଚ । ଜ୍ୟୋତି ପ୍ରକାଶ ଛାତ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ଘଟଣା ଦିନ ନିଜେ ଆହତ ହୋଇଥିଲା । ଗିରଫ ଦୁଇ ଜଣଙ୍କୁ ବାଲେଶ୍ୱର ଏସ୍‌ଡିଜେଏମ୍‌ଙ୍କ ବାସଭବନରେ ହାଜର ପରେ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି କ୍ରାଇମବ୍ରାଞ୍ଚ । ଗୋଟିଏ ପଟେ କ୍ରାଇମବ୍ରାଞ୍ଚର ତଦନ୍ତରେ ଶିଥିଳତାକୁ ନେଇ ବିଭିନ୍ନ ଆଲୋଚନା ଜାରି ରହିଥିବାବେଳେ ଏବେ ଦୁଇ ଛାତ୍ରନେତାଙ୍କ ଗିରଫ ଚର୍ଚ୍ଚାରେ ରୋକ୍ ଲଗାଇଛି ।

# ଚେନ୍ନାଇରେ ଶ୍ରମିକଙ୍କ ସନ୍ଦେହ ଜନକ ମୃତ୍ୟୁ

ଦଶପଲ୍ଲା,(ସବ୍ୟୁ): ଗାଁରେ ମିଳୁନି କାମ । ନାହିଁ ରୋଜଗାର କରିବା ପାଇଁ ସୁଯୋଗ । ଏଣୁ ଗଜଗାର କରିବା ପାଇଁ ଗାଁ ଛାଡି ସୁଦୂର ଚେନ୍ନାଇକୁ ଯାଇଥିଲେ କାମ କରି । ବହୁ ଆଶା ନେଇ କାମ କରିବାକୁ ଯାଇଥିବା ବେଳେ ଏବେ ତାଙ୍କ ଘରେ ପହଁଚିଛି ମୃତ୍ୟୁ ଖବର । ଯାହାକୁ ନେଇ ପରିବାର ଓ ତାଙ୍କ ଗ୍ରାମରେ ଶୋକର ପରିବେଶ ସୃଷ୍ଟି ହୋଇଥିବା ବେଳେ ଚେନାଇରୁ ନିଜ ଗାଁ କୁ ଶବ ଆଣିବା ପାଇଁ ଚିନ୍ତାରେ ପରିବାର । ଏଭଳି ଘଟଣା ଘଟି ଯାଇଛି ଦଶପଲ୍ଲା ବ୍ଲକ କୁଲୁରୁକୁମ୍ପା ପଞ୍ଚାୟତ ଦିକିରି ଗ୍ରାମରେ । ଦିକିରି ଗ୍ରାମରେ ବସବାସ କରନ୍ତି ଅନୁସୂଚିତ ଜାତିର ସନ୍ତୋଷ ଯାନୀ । ତାଙ୍କ ସ୍ତ୍ରୀ ଜଣେ ଅଙ୍ଗନବାଡି କର୍ମୀ ଭାବେ କାର୍ଯ୍ୟ କରୁଥିବା ବେଳେ ନିଜେ କାମ କରିବାକୁ ଚାଲିଯାଇଥିଲେ ଚେନାଇ । ସେ ସେଠାରେ ଏକ ମିଲକଫୁଡ଼ କମ୍ପାନୀ ରେ କାମ କରୁଥିବା ବେଳେ ଶନିବାର ଦିନ ତାଙ୍କର ଶବ ଏକ ବିଲ ମଧ୍ୟରୁ ମିଳିବାରୁ ସେଠାକାର ପୋଲିସ ଆମରାଜ୍ୟ ପୋଲିସ ହେଡକ୍‌ୱାଟର କୁ ଜଣାଇବା ପରେ ନୟାଗଡ଼ ଏସ ପି ଅଫିସକୁ ଫୋନ ଆସିଥିଲା । ଏ ସମ୍ପର୍କରେ ଖବର ପାଇ ବାଣୀଗୋଛା ପୋଲିସ ସନ୍ତୋଷଙ୍କ ପରିବାରକୁ ଜଣାଇଥିଲେ । ପ୍ରକୃତରେ ସନ୍ତୋଷ ଙ୍କ ମୃତ୍ୟୁ କିଭଳି ହେଲା ଏବଂ ତାଙ୍କ ମୃତ ଶରୀର ଏକ ବିଲରୁ ଉଦ୍ଧାର ହେବା ନେଇ ପରିବାର ଲୋକଙ୍କ ମଧ୍ୟରେ ନାନା ସନ୍ଦେହ ଉପୁଜୁଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକ ସନ୍ଦେହ କରିଛନ୍ତି । ତେବେ ସେହି ସ୍ଥାନକୁ ଗଲେ ସବୁ ଜଣାପଡିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏବେ ସନ୍ତୋଷଙ୍କ ଶବ ଆଣିବା ପାଇଁ ପରିବାର ଲୋକ ଚେନାଇ ଅଭିମୁଖେ ବାହାରିଥିବା ଜଣାପଡିଛି ।

# ଭାରସାମ୍ୟ ହରାଇ ଓଲଟିଲା ଆମ୍ବୁଲାନ୍ସ

ବାରଙ୍ଗ ,(ସବ୍ୟୁ): ଶୁକ୍ରବାର ବିଳମ୍ବିତ ରାତିରେ ପୁରୀ କେନାଲ ରୋଡ଼ରେ ଭାରସାମ୍ୟ ହରାଇ ଦୃତଗତୀରେ ଯାଉଥିବା ଏକ ଆମ୍ବୁଲାନ୍ସ ଓଲଟି ପଡିଛି ।ତେବେ ଆମ୍ବୁଲାନ୍ସଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଡ୍ରାଇଭର ଓ ଆମ୍ବୁଲାନ୍ସ ମାଲିକ ଅଳ୍ପକେ ବର୍ତିଯାଇଛନ୍ତି ।ପ୍ରକାଶଯେ, ସମ୍ବଲପୁର ବୁର୍ଲା ମେଡିକାଲରୁ ରୋଗୀ ନେଇଏକ ଘରୋଇ ଆମ୍ବୁଲାନ୍ସ ଭୁବନେଶ୍ୱର ଏମ୍ସ ଆସିଥିଲା ।ଏମ୍ସରେ ରୋଗୀ ଛାଡ଼ି ବାରଙ୍ଗ ପୁରୀ କେନାଲ ରୋଡ଼ରେ ଶୁକ୍ରବାର ବିଳମ୍ବିତ ରାତିରେ ସମ୍ବଲପୁରକୁ ଫେରୁଥିଲା ।ଆମ୍ବୁଲାନ୍ସଟି ଦ୍ରୁତଗତିରେ ଆସୁଥିବା ବେଳେ ଶ,,ପୁର ଗ୍ରାମ ନିକଟରେ ଡ୍ରାଇଭରର ଆଖି ଲାଗିଯିବାରୁ ଭାରସାମ୍ୟ ହରାଇ କେନାଲ କଡ଼କୁ ଓଲଟି ପଡିଥିଲା ।


**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 27/09/2025 I, Nilabh Kumar, Address At- G 53/D, Accounts Colony, Po- Jatani, Ps- Jatani, Dist- Khordha, Odisha, Pin-752050 declare that I have changed my name from **Nilabha Kumar** to **Nilabh Kumar**. Henceforth, I shall be known as **Nilabh Kumar** for all purposes.

Nilabh Kumar

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated. 15.09.2025 I, Anjana Mahapatra W/o- Madhab Chandra Sahu Resident of At- Mishra Colony, Lane-5, Khandapada Road, P.O.- Nayagarh P.S- Nayagarh, Dist- Nayagarh, PIN-752069 declare that I have changed my minor Son's name from Ayushaman Sahu to Ayushman Sahu. Henceforth, He shall be known as Ayushman Sahu for all purposes.

Sd/- Anjana Mahapatra

**AFFIDAVIT**

By virtue of an Affidavit sworn before Executive Magistrate, Basudevpur, bearing no-6635 dated-8-9-25, I Manmath Nayak, Address - Village- Kerasahi, P.O.- Biras, P.S.- Naikanidihi, Dist - Bhadrak, Odisha, Pin-756125 declare that I have changed my name from Manoj Nayak to Manmath Nayak. Henceforth, I shall be known as Manmath Nayak for all purposes.

Manmath Nayak

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR**

E-415

Letter No : 533 / CDM & PHO, Jajpur Dated. 26.09.25

**ZILLA SWASTHYA SAMITI, JAJPUR**
**TENDER CALL NOTICE FOR HIRING OF VEHICLES**

No. 530 Date : 26.09.25

Sealed tenders are invited from Registered Agencies, Tour Operators, Individuals for hiring of commercial light diesel/petrol A/C vehicles towards engagement under DPMU, NHM, Jajpur, on monthlyhiring basis. Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website i.e. www.jajpur.odisha.gov.in. The bidders have to super scribe on the top left hand corner of the envelope "Quotation for hiring of vehicle under NHM, Jajpur" without which their quotations shall be rejected. The undersigned reserves the right to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted.

OIPR : 10042/11/0019/2526 Sd/- CDM & PHO, Jajpur

T-

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
******
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ଇଂରାଜୀ ତା. 29/09/2025 ରିଖ ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ସରକାରୀ ଛୁଟି ଦିବସ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
OIPR : 09014/11/0194/2526 ସାଧାରଣ ଅଭିଯୋଗ ବିଭାଗ

**CENTRE FOR DISTANCE AND ONLINE DUCATION MAHARAJA SRIRAM CHANDRA BHANJA DEO UNIVERSITY, SRIRAM CHANDRA VIHAR, TAKATPUR. BARIPADA-757003**

**ADMISSION NOTICE**

**No. 239/CDOE/2025 Date : 23.09.25**

The admission process for various Post Graduate Programmes (Odia. English, Sanskrit, Economics & Social work in ODL. mode) at Maharaja Sriram Chandra Bhanja Deo University is extended up to 10th October 2025. Interested candidates can apply the specific course by depositing the application fees ( Rs. 600/-) and student activity fee (Rs.1000/-) along with annual course fees of Rs. 13000/- ( for two semester). The details of admission procedure is available in the website **www.nou.nic.in**

Sd/- Director, CDOE
MSCB University

**OFFICE OF THE DISTRICT MANAGER**
**Odisha State Civil Supplies Corporation Ltd., (OSCSC)**
**ANGUL District , Phone No- 06764-230282**
**District Website :- https://angul.odisha.gov.in**
**Tender No 3873 to 3880 Dt. 25.09.2025**

CAD-1900

District Manager, Odisha State Civil Supplies Corporation Ltd, Angul invites tender through ONLINE MODE ONLY for the works mentioned below.

| | | |
|---|---|---|
| 1 | Name of the Work | Selection and appointment of of Transport Contractor for transportation of (i) Paddy from Paddy Purchase Centers (PPCs) / Mandis to Rice Mill points (within or outside Angul district) & (ii) Custom Milled Rice (CMR) from Rice Mill points to Rice Receiving Centers (RRCs)/Depots (within or outside of Angul District for the KMS: 2025-26 |
| 2 | Availability of Bid documents in the portal | Dt 26.09.2025 |
| 3 | Last date / Time for receipt of Bids in the portal | Dt. 13.10.2025 upto 5.30 PM |
| 4 | Date / Time of opening of Technical Bid | Dt.- 16.10.2025 at 11 AM |

Tender Documents & other details can be seen from the e- procurement portal **https://tendersodisha.gov.in** along with the district website **https://angul.odisha.gov.in**. Amendment / Corrigendum / cancellation / retenders etc. if any shall be published only in above websites.

Sd/- District Manager
O.S.C.S.C. Ltd., Angul

OIPR : 07064/11/0009/2526

**GOVERNMENT OF ODISHA : DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KALAHANDI**
**Email: - eemikldbpt@gmail.com**

A-686

**e-PROCUREMENT NOTICE**
**Bid Identification Notice No.: -SE MID BPT- 03/2025-26**
**Lt No : 3408 Dt.: -23.09.2025**

The Superintending Engineer, M.I. Division, Kalahandi, District-Kalahandi on behalf of Governor of Odisha invites Percentage Rate Bids in Single Cover System through e-procurement to be received in online mode only for the works as detailed in the table below. The bid should be submitted online in the web site **www.tendersodisha.gov.in** by eligible contractors.

| | | | |
|---|---|---|---|
| 1. | Name of work | : | Improvements to MIP under M.I Division, Kalahandi |
| 2. | Total No. of works | : | 01 (One) No. Only |
| 3. | Estimated cost | : | Rs.39.64 Lakhs Approximately |
| 4 | Class of Contractor | : | "C"&"B" |
| 5. | Period of completion | : | 04 (Four) Calendar Months |
| 6. | Date and time of availability of Bid | : | From 10:00 AM on 27.09.2025 and up to 5:30 PM on 09.10.2025 Document in portal |
| 7. | Last date / time for receipt of Bid | : | Up to 5:30 PM on 09.10.2025 Document in portal |
| 8. | Date / Time of opening of Bid | : | From 11:00 AM on 10.10.2025 At O/o M.I. Division, Kalahandi, Bhawanipatna |
| 9. | Name and Address of Tender Inviting Officer | | Superintending Engineer, M.I. Division, Kalahandi, Officer inviting the Bid. |
| 10. | Mode of Payment of Bid cost and Bid security. | : | Online |
| 11. | Date of Lottery (If required) | : | **On 15.10.2025 at 11.00 AM** |

Sd/- Superintending Engineer
M.I. Division, Kalahandi

OIPR : 32531/11/0004/2526

**ଜିଲ୍ଲା ପରିଷଦ, ଅନୁଗୋଳ**
**ZILLA PARISHAD, ANGUL**
**Dist. - ANGUL, Odisha, Pin-759122**
**E-mail : ori-dangul@nic.in, drdaangul@gmail.com**

ପଞ୍ଚାୟତି ରାଜ

CAD-1868

**ବ୍ଲକ ସ୍ତରୀୟ ଜନଶୁଣାଣି, ଅନୁଗୋଳ ଜିଲ୍ଲା**
**କାର୍ଯ୍ୟାଳୟ ଆଦେଶନାମା ସଂଖ୍ୟା– ୩୭୩୩/ ତା. ୨୩.୦୯.୨୦୨୫**

ଅନୁଗୋଳ ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ୨୦୨୪–୨୫ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟ ସାମାଜିକ ସମୀକ୍ଷା କ୍ୟାଲେଣ୍ଡର ଅନୁଯାୟୀ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟ ଗୁଡ଼ିକର ବ୍ଲକ ସ୍ତରୀୟ ଜନଶୁଣାଣି ପାଇଁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଅଛି । ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ହିତାଧିକାରୀ, ଯୋଜନା ସହିତ ସଂପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରିବାକୁ ଅନୁରୋଧ । ଅନୁଗୋଳ ଜିଲ୍ଲା ପ୍ରଶାସନ ତରଫରୁ ଆପଣମାନଙ୍କୁ ଅନୁରୋଧ କରାଯାଉଅଛି କି ଏହି ବ୍ଲକ ସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମର କାର୍ଯ୍ୟକାରୀତାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଓ ଯୋଜନାକୁ ସଫଳତାର ସହିତ ଆଗେଇନେବା ପାଇଁ ଆପଣମାନଙ୍କର ସହଭାଗିତାର ବହୁମୂଲ୍ୟ ମତାମତ ଓ ଆପତ୍ତି ଅଭିଯୋଗ ଉପସ୍ଥାପିତ କରିବା ହେବେ ।

| କ୍ର.ସଂ. | ବ୍ଲକର ନାମ | ତାରିଖ | ବ୍ଲକ ସ୍ତରୀୟ ଜନଶୁଣାଣି ନିମନ୍ତେ ଧାର୍ଯ୍ୟ କାର୍ଯ୍ୟକ୍ରମ | | |
|---|---|---|---|---|---|
| | | | ସମୟ (ପୂର୍ବାହ୍ନ) | ସ୍ଥାନ | ଜନଶୁଣାଣି କରିବା ନିମନ୍ତେ କ୍ଷମତା ପ୍ରାପ୍ତ ଅଧିକାରୀ |
| ୧ | ଅନୁଗୋଳ | ୧୦.୧୦.୨୦୨୫ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଅନୁଗୋଳ |
| ୨ | ଆଠମଲ୍ଲିକ | ୧୪.୧୦.୨୦୨୫ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଅତିରିକ୍ତ ନିର୍ବାହୀ ଅଧିକାରୀ (ପ୍ରଶାସନ) ଜିଲ୍ଲାପରିଷଦ, ଅନୁଗୋଳ |
| ୩ | ବନ୍ତରପାଳ | ୧୫.୧୦.୨୦୨୫ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ–ଜିଲ୍ଲାପାଳ, ଅନୁଗୋଳ |
| ୪ | ତାଳଚେର | ୧୭.୧୦.୨୦୨୫ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ–ଜିଲ୍ଲାପାଳ, ତାଳଚେର |
| ୫ | ଛେଣ୍ଡିପଦା | ୧୮.୧୦.୨୦୨୫ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ),ଅନୁଗୋଳ |
| ୬ | କଣିହାଁ | ୨୨.୧୦.୨୦୨୫ | ୧୦.୩୦ | ପଞ୍ଚାୟତ ସମିତି ପରିସର | ମୁଖ୍ୟ ଉନ୍ନୟନ ଅଧିକାରୀ–ତଥା–କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଅନୁଗୋଳ |
| ୭ | ପାଲଲହଡା | ୨୩.୧୦.୨୦୨୫ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ–ଜିଲ୍ଲାପାଳ, ପାଲଲହଡା |
| ୮ | କିଶୋର ନଗର | ୨୮.୧୦.୨୦୨୫ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ–ଜିଲ୍ଲାପାଳ, ଆଠମଲ୍ଲିକ |

ସ୍ୱା/- ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଅନୁଗୋଳ
OIPR : 19236/11/0015/2526
ସ୍ୱା/- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ମନରେଗା, ଅନୁଗୋଳ


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାରଦାସ-୯୪୩୭୨୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ଏନସିଭିଇଟିର ସ୍ୱୀକୃତି: ଦେଶର ପ୍ରଥମ ବହୁମୁଖୀ ବୃହତ ଉଦ୍ୟୋଗ ଭାବେ

# ଜିନ୍ଦଲ ଷ୍ଟିଲକୁ ମିଳିଲା ଦକ୍ଷତା ପ୍ରମାଣପତ୍ର ପ୍ରଦାନର ମାନ୍ୟତା

ଭୁବନେଶ୍ୱର (ସବ୍ୟୁ): ଦେଶର ପ୍ରଥମ ବୃହତ ବହୁମୁଖୀ ଉଦ୍ୟୋଗ ତଥା ପ୍ରଥମ ସମନ୍ୱିତ ଇସ୍ପାତ ନିର୍ମାତା ଜିନ୍ଦଲ ଷ୍ଟିଲ, ସାର୍ଟିଫିକେଟ ପ୍ରଦାନକାରୀ ସଂସ୍ଥା (ଆୱାର୍ଡିଂ ବଡି) ଭାବେ ଜାତୀୟ ଧନ୍ଦାମୂଳକ ଶିକ୍ଷା ଓ



ତାଲିମ ପରିଷଦ (ଏନସିଭିଇଟି)ର ସ୍ୱୀକୃତି ହାସଲ କରି ନୂଆ ମାନକ ପ୍ରତିଷ୍ଠା କରିଛି। ଏହି ସ୍ୱୀକୃତି ଦେଶବ୍ୟାପୀ ଧନ୍ଦାମୂଳକ ଶିକ୍ଷା ଏବଂ କୌଶଳ ମାନଦଣ୍ଡକୁ ଉନ୍ନତ କରିବାରେ କମ୍ପାନୀର ନେତୃତ୍ୱକୁ ପ୍ରଦର୍ଶିତ କରିବା, ଏହି ସଫଳତା ଭାରତୀୟ ଇସ୍ପାତ ଏବଂ ଭିତ୍ତିଭୂମି କ୍ଷେତ୍ରରେ କମ୍ପାନୀର ପ୍ରମୁଖ ଭୂମିକାକୁ ରେଖାଙ୍କିତ କରୁଛି । ଏନସିଭିଇଟି ଓ ଜିନ୍ଦଲ ଷ୍ଟିଲ ମଧ୍ୟରେ ହୋଇଥିବା ବୁଝାମଣା ଅନୁସାରେ, କମ୍ପାନିକୁ 'ଲାର୍ଜ ଇଣ୍ଡିଆନ୍ ଏଣ୍ଟରପ୍ରାଇଜ୍/ଏମ୍ଏନସି' ଶ୍ରେଣୀରେ ସମଗ୍ର ଦେଶରେ ସାର୍ଟିଫିକେଟ ପ୍ରଦାନକାରୀ ସଂସ୍ଥା ଭାବେ ଅଧିକାର ପ୍ରଦାନ କରାଯାଇଛି।

ଏହି ସ୍ୱୀକୃତି ବ୍ୟବହାରିକ, ବହୁକ୍ଷେତ୍ରୀୟ ଫଳାଫଳ-ଭିତ୍ତିକ ଦକ୍ଷତା ମାଧ୍ୟମରେ ଶିକ୍ଷା ଏବଂ ନିଯୁକ୍ତି ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ଦୂର କରିବାରେ ସହାୟକ ହେବ । ଏହା ରାଷ୍ଟ୍ର-ନିର୍ମାଣ, ଦକ୍ଷତା ବିକାଶ ଏବଂ ସବୁଜ ଶକ୍ତି ଏବଂ ଆଧୁନିକ ଭିତ୍ତିଭୂମି ଆଡ଼କୁ ଭାରତର ପରିବର୍ତ୍ତନ ପ୍ରତି ଜିନ୍ଦଲ ଷ୍ଟିଲର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି । ଏହି ଫ୍ରେମୱାର୍କ ଅଧୀନରେ ଜାରି ହେଉଥିବା ସମସ୍ତ ପ୍ରମାଣପତ୍ର ବର୍ଦ୍ଧିତ ବିଶ୍ୱସନୀୟତା ଏବଂ ବିଶ୍ୱବ୍ୟାପୀ ପୋର୍ଟେବିଲିଟି ବହନ କରିବ, ଯାହା ବିଭିନ୍ନ କ୍ଷେତ୍ରରେ କ୍ୟାରିଅର ଗତିଶୀଳତାକୁ ସୁଦୃଢ଼ କରିବ । "ଏନସିଭିଇଟି ଦ୍ୱାରା 'ଆୱାର୍ଡିଂ ବଡି' ଭାବେ ସ୍ୱୀକୃତି ମିଳିବା ଆମ ପାଇଁ ଏକ ବଡ଼ ଦାୟିତ୍ୱ, ଏହାକୁ ଆମେ ଅତି ଗମ୍ଭୀରତାର ସହ ଗ୍ରହଣ କରୁଛୁ। ଏହା ଶିକ୍ଷା ଏବଂ ତାଲିମରେ ଶିଳ୍ପ ମାନଦଣ୍ଡକୁ ସାମିଲ କରିବାର ସୁଯୋଗ ପ୍ରଦାନ କରିବ, ଯାହା ଦ୍ୱାରା ଯୁବ ଭାରତୀୟମାନେ କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇଁ ଜରୁରୀ ଜ୍ଞାନ ଓ ଶୃଙ୍ଖଳା ଜ୍ଞାନ ହାସଲ କରି ଏକ ମଜଭୁତ ଦେଶ ଗଠନରେ ଯୋଗଦାନ କରିପାରିବେ", କହିଛନ୍ତି ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲ।

# ମହାନଦୀ ବିହାରରେ ନବରାତ୍ରି ଏକତା ଓ ଦାଣ୍ଡିଆ ଉତ୍ସବ

କଟକ, (ସ୍ୱପ୍ର): ନବରାତ୍ରୀ ଅବସରରେ ଉତ୍ସବ ମୁଖର ହୋଇଛି ମହାନଦୀବିହାର । ଏନେଇ ମହିଳା ସମିତି ପକ୍ଷରୁ ଦାଣ୍ଡିଆ ଉତ୍ସବ ପାଳିତ ହୋଇଛି । ଅତ୍ୟନ୍ତ ଉତ୍ସାହର ସହିତ ସମିତିର ନମିତା ଦାଶ, ମଧୁସ୍ମିତା ଷଡଙ୍ଗୀଙ୍କ ନେତୃତ୍ୱରେ ମହିଳାମାନେ ଦାଣ୍ଡିଆ ନୃତ୍ୟ କରିଥିଲେ । ନବରାତ୍ରୀ ଉତ୍ସବର ଦ୍ୱିତୀୟ ଦିନରେ, ରିଦ୍ଧିସିଦ୍ଧି ମଣ୍ଡପ ଠାରେ ଅଗ୍ରଣୀ ଅନୁଷ୍ଠାନ ଯୋଗକେନ୍ଦ୍ର ଆଇଡିଆଲ ଓ୍ୱାର୍କଆଉଟ ଫର ହେଲଦି ଲାଇଫ ପକ୍ଷରୁ ଯୋଗ ଗୁରୁମା ନିରୁପମା ଆଚାର୍ଯ୍ୟଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମହାନଦୀବିହାର ସମସ୍ତ କର୍ମଜୀବୀ ମହିଳା, ସ୍ଥାନୀୟ ବାସିନ୍ଦା, ଭକ୍ତମାନେ ସକ୍ରିୟ ଭାଗ ନେଇଥିଲେ । ଏଥିରେ ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ମହାନଦୀ ବିହାର ଡେଭେଲପମେଣ୍ଟ ଆସୋସିଏସନର ସଭାପତି




ସଞ୍ଜୟ କୁମାର ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ବିଶିଷ୍ଟ ସମାଜସେବୀ ବିଷ୍ଣୁ ନାୟକ ଓ ସମାଜସେବୀ ବିଶ୍ୱଜିତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ସଙ୍ଗୀତ, ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ଆନନ୍ଦିତ କରିଥିଲା । ଆଇଡିଆଲ ଓ୍ୱାର୍କଆଉଟର ଏପରି ପ୍ରୟାସକୁ ସ୍ୱାସ୍ଥ୍ୟ ସଚେତନତା ସହିତ ଧାର୍ମିକ ଭାବନାକୁ ପ୍ରୋତ୍ସାହିତ ଯୋଗାଇବାର ଏକ ପଦକ୍ଷେପ ବୋଲି ଅତିଥିମାନେ ମତାମତ ଦେଇଥିଲେ । କାର୍ଯ୍ୟକ୍ରମରେ ମିନା କୁମାରୀ ଷଡ଼ଙ୍ଗୀ, ସ୍ୱପ୍ନମୟୀ ସ୍ୱାଇଁ, ଶକ୍ତିରୁପା ମହାନ୍ତି, ଗୁପ୍ତା ମହାନ୍ତି, ଅନୁସୟା ମହାନ୍ତି, କଲ୍ୟାଣୀ ଦଳେଇ, ରଶ୍ମିତା ପଣ୍ଡା ଓ ଝରଣା ରାଣୀ ଶତପତି ପ୍ରମୁଖ ପରିଚାଳନା କରିବା ସହ ଶତାଧିକ ମହିଳାମାନେ ଯୋଗ ଦେଇଥିଲେ ।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଲାଇବ୍ରେରୀର ଭିତ୍ତିପ୍ରସ୍ତର



ଭୁବନେଶ୍ୱର, (ସବ୍ୟୁ) : ସହିଦ୍ ଭଗତ ସିଂ ଯୁବ ପରିଷଦ ଓ ଅରୋହଣ ଟ୍ରଷ୍ଟ ଦ୍ୱାରା ଭାରତୀୟ ଜନତା ପାର୍ଟିର ଶ୍ରୀକୃଷ୍ଣ ମଣ୍ଡଳ ଅଧୀନସ୍ଥ ଜୟଦେବ ବିହାରବାର୍ଡ ନଂ ୨୭ ରେ ଆଜି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଯାଇଛି । କାର୍ଯ୍ୟକ୍ରମରେ ପଣ୍ଡିତ ଉପାଧ୍ୟାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଲାଇବ୍ରେରୀର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସହିଦ୍ ଭଗତ ସିଂ ଯୁବ ପରିଷଦର ସଭାପତି ରଶ୍ମିରଞ୍ଜନ କାନୁନଗୋ, ସମ୍ପାଦକ ଓ ଆରୋହଣ ଟ୍ରଷ୍ଟର ଅଧ୍ୟକ୍ଷ ସ୍ନୋପ୍ଲେନ୍ଦୁ, ମହାନ୍ତି, ରାଜ୍ୟ ସାମାଜିକ ଗଣମାଧ୍ୟମ ସହ ସଂଯୋଜିକା ମାନସୀ ମଞ୍ଜରୀ ରାୟ ପାଢ଼ୀ, ସୁଶାନ୍ତ ଜେନା, ଅନଙ୍ଗ ବିକ୍ରମ ବିଶ୍ୱାଳ, ଅଞ୍ଜନ ନାଥ ମଣ୍ଡଳ ସଭାପତି ଲିପା ଦାସ, ପ୍ରଦୀପ୍ତ ଜେନା, ଦିବ୍ୟଜ୍ୟୋତି କର ଉପସ୍ଥିତ ଥିଲେ।

# ସମ୍ ଅଲ୍ଟିମେଟ୍ ମେଡିକେୟାର ପକ୍ଷରୁ ବିଶ୍ୱ ଫାର୍ମାସିଷ୍ଟ ଦିବସ

ଭୁବନେଶ୍ୱର, (ସବ୍ୟୁ): ସମ୍ ଅଲ୍ଟିମେଟ ମେଡିକେୟାର (ସମ୍ମମ୍) ପକ୍ଷରୁ ଅତ୍ୟନ୍ତ ଉତ୍ସାହର ସହ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ସମ୍ମମର ଫାର୍ମାସୀ ବିଭାଗର ମୁଖ୍ୟ ଦିଲ୍ଲୀପ କୁମାର ଦାସମହାପାତ୍ର ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଫାର୍ମାସିଷ୍ଟମାନଙ୍କର



ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ହସ୍ପିଟାଲ୍‌ର କର୍ମକର୍ତାଙ୍କ ପକ୍ଷରୁ ମହତ୍ୱପୂର୍ଣ୍ଣ ଆଲୋଚନା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ହସ୍ପିଟାଲ୍‌ର ଚିଫ୍ ଅଫ୍ ମେଡିକାଲ୍ ସର୍ଭିସେସ୍ ବ୍ରିଗେଡିୟର (ଡାକ୍ତର) ବିରାଜ ମୋହନ ମିଶ୍ର ଏବଂ ମେଡିକାଲ୍ ସୁପରିଟେଣ୍ଡେଣ୍ଟ ଡାକ୍ତର ପ୍ରଶାନ୍ତ କୁମାର ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ହସ୍ପିଟାଲ୍‌ର ଚିଫ୍ ଏଗ୍‌ଜିକ୍ୟୁଟିଭ ଅଫିସର ଡକ୍ଟର ଶ୍ୱେତପଦ୍ମା ଦାଶ ଏକ ସ୍ୱତନ୍ତ୍ର ବାର୍ତା ମାଧ୍ୟମରେ ସୁରକ୍ଷିତ ଚିକିତ୍ସା ନିମନ୍ତେ ଫାର୍ମାସିଷ୍ଟମାନଙ୍କର ସ୍ୱତନ୍ତ୍ର ଦାୟିତ୍ୱ ରହିଛି ବୋଲି କହିଥିଲେ। ଚଳିତ ବର୍ଷର ପ୍ରସଙ୍ଗ 'ଥିଙ୍କ ହେଲ୍‌ଥ, ଥିଙ୍କ ଫାର୍ମାସିଷ୍ଟ'କୁ ନେଇ କାର୍ଯ୍ୟକ୍ରମରେ ବିଶେଷ ଆଲୋଚନା କରାଯାଇଥିଲା। ଏକ ବାର୍ତାରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଫାର୍ମାସିଷ୍ଟମାନଙ୍କ ଭୂମିକା କେବଳ ଔଷଧ ପ୍ରଦାନ ନୁହେଁ ତା'ଠାରୁ ଅଧିକ ବ୍ୟାପକ ବୋଲି କହିଛନ୍ତି। ସେମାନେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ଜଣେ ଜଣେ ସହଯୋଗୀ ଯେଉଁମାନେ କି ରୋଗୀ ସେବାର ମୂଳଦୁଆକୁ ସୁଦୃଢ଼ କରିଥାନ୍ତି ବୋଲି ପ୍ରଫେସର ନାୟକ କହିଛନ୍ତି। କାର୍ଯ୍ୟକ୍ରମ ଶେଷରେ କ୍ଲିନିକାଲ୍ ଫାର୍ମାକୋଲଜି ବିଭାଗର ମୁଖ୍ୟ ଶ୍ରୀ ସନ୍ତୋଷ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଘଟଣା ଯୋଗୁଁ ଚିକିତ୍ସିତ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ୧୮ ନଂ ଜାତୀୟ ରାଜପଥର ଗଡଦେଉଳିଆ ନିକଟରେ ୨୫ ତାରିଖ ଦିନ ଘଟିଥିବା ସ୍କୁଟି ଦୁର୍ଘଟଣାରେ ଜଣେ ଯୁବକଙ୍କ ଚିକିତ୍ସାଧିନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି । ପ୍ରାପ୍ତ ସୂଚନା ମୁତାବକ ଦୀପକ ରାୟ ଏବଂ ଶ୍ରୀଯୁକ୍ତ ଶମ୍ଭୁନାଥ ଗୁରୁବାର ରାତି ୮ ଟା ସମୟରେ ଏକ ସ୍କୁଟି ଯୋଗେ ବାଲେଶ୍ୱର ରୁ ବାରିପଦା ଅଭିମୁଖେ ଯାଉଥିବା ବେଳେ ଗଡଦେଉଳିଆ ଠାରେ ପ୍ରବଳ ବର୍ଷା ଯୋଗୁଁ ଭାରସାମ୍ୟ ହରାଇ ଉଭୟ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ତେବେ ଚାଳକ ଶମ୍ଭୁନାଥ ଙ୍କର କିଛି ହୋଇନଥିବା ବେଳେ ଦୀପକଙ୍କ ଘଟଣାସ୍ଥଳରେ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା । ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ତେବେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବାର ଜଣାଯାଇଛି ।

# ୨୬କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କଲା ଟାଙ୍ଗୀ ପୁଲିସ୍

ଚୌଦ୍ୱାର,(ସ.ବ୍ୟୁ.) : ୧୬ନଂ. ଜାତୀୟ ରାଜପଥ ମଙ୍ଗୁଳି ଛକ ନିକଟରେ ଟାଙ୍ଗୀ ପୁଲିସ୍ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ସେହି ରାସ୍ତା ଦେଇ ଯାଉଥିବା ଏକ କାର ଉପରେ ସନ୍ଦେହ ଆସିବାରୁ ଟାଙ୍ଗୀ ଥାନା ଏସ୍ଆଇ ହେମନ୍ତ କୁମାର ସାମଲ ଗାଡ଼ିଟିକୁ ଅଟକାଇଥିବା ବେଳେ ଗାଡ଼ି ଭିତରେ ଏକ ଜରି ପ୍ୟାକେଟ୍‌ରେ କିଛି ସାମଗ୍ରୀ ଦେଖି ତାଙ୍କ ମନରେ ସନ୍ଦେହ ଆସିଥିଲା । ପରେ ଜରିଟିରେ ବିପୁଳ ପରିମାଣର ଗଂଜେଇ ଥିବାର ଜାଣି ସେ ସଙ୍ଗେ ସଙ୍ଗେ ଥାନା ଅଧିକାରୀ ଶିବପ୍ରସାଦ ଭଦ୍ରଙ୍କୁ ଖବର ଦେଇଥିଲେ । ଥାନା ଅଧିକାରୀ ଶ୍ରୀ ଭଦ୍ର ଘଟଣାସ୍ଥଳରେ ପହଂଚି ଗାଡ଼ିରେ ଥିବା ଦୁଇଜଣ ରାଇସୁଅନର ଅଶୋକ କୁମାର ଦାସ (୨୧) ଓ ବାଲେଶ୍ୱର ପରମାନନ୍ଦପୁରର କାହ୍ନା ମହାଲିଗ୍ (୨୩) କୁ ଥାନାକୁ ଆଣି ପଚରା ଉଚୁରା କରିଥିଲେ । ପରେ ଗଂଜେଇ ଗୁଡ଼ିକୁ ଢେଙ୍କାନାଳରୁ ବାଲେଶ୍ୱରକୁ ନେଉଥିବା ନେଇ ଦୁଇ ଅଭିଯୁକ୍ତ ସ୍ୱୀକାର କରିଥିବା ବେଳେ ସେମାନଙ୍କ ନିକଟରୁ ୨୬କେଜିରୁ ଊର୍ଦ୍ଧ୍ୱ ଗଂଜେଇ ସହ ଗୋଟିଏ କାର ଓ ୨ଟି ମୋବାଇଲ ଜବତ କରିବା ସହ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ପରିସରରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଓ ଥାନା ଅଧିକାରୀ ଶ୍ରୀ ଭଦ୍ରା ପ୍ରକାଶ କରିଥିଲେ ।

## ପ୍ରୟାସର ଦାଣ୍ଡିଆ ମହୋତ୍ସବ ଉଦ୍‌ଘାଟିତ

# ଓଡ଼ିଶାର ସଂସ୍କୃତି ବିଶ୍ୱପ୍ରସିଦ୍ଧ: ବାବୁ ସିଂ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ଅଗ୍ରଣୀ ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରୟାସ ପକ୍ଷରୁ ପବିତ୍ର ଦୁର୍ଗୋତ୍ସବ ଅବସରରେ ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ୧୨ତମ ଦାଣ୍ଡିଆ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହି ମହୋତ୍ସବକୁ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ରଞ୍ଜୁଲତା ରାୟ ଉଦ୍‌ଘାଟନ କରିଛନ୍ତି । ଏହି ମହୋତ୍ସବରେ 'ଓଡ଼ିଶା ଭାସ୍କର'ର ସମ୍ପାଦକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ତଥା ପ୍ରୟାର ଟ୍ରଷ୍ଟୀ କୌସ୍ତୁଭ ଦାସଙ୍କ ସଭାପତିତ୍ୱରେ ମଞ୍ଚ ପରିଚାଳନା ହୋଇଥିବା ବେଳେ ପ୍ରୟାସ ସଭାପତି ତଥା ବରିଷ୍ଠ ଆଇନଜୀବୀ ବନ ମହାନ୍ତି ପ୍ରୟାସର ଆଭିମୁଖ୍ୟ ଓ ଲକ୍ଷ୍ୟ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ସିଂ ନିଜ ବକ୍ତବ୍ୟରେ କହିଥିଲେ ଯେ, ଓଡ଼ିଶାର କଳା ଓ ସଂସ୍କୃତି ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ନବରାତ୍ର ଅବସରରେ ପ୍ରୟାସର ଏଭଳି ଏକ ଆଭିମୁଖ୍ୟ ଆଜି ଆମର କଳା ସଂସ୍କୃତି ଉଦ୍‌ଭାସିତ କରିପାରିଛି । ଓଡ଼ିଶାର ସଂସ୍କୃତି ସବୁବେଳେ ବିଶ୍ୱପ୍ରସିଦ୍ଧ । ସେହିପରି ମଧ୍ୟ ବିଧାୟକ ଶ୍ରୀ ଜେନା କହିଥିଲେ ଯେ, ମା'ଙ୍କ ଆଗମନ ଅବସରରେ ଆମର କଳା ସଂସ୍କୃତିକୁ ପ୍ରୟାସ ଭଳି ଅନୁଷ୍ଠାନ ବଞ୍ଚାଇ ରଖିବା ଅତ୍ୟନ୍ତ ଶୁଭଲକ୍ଷଣ । ସବୁବେଳେ ଏହି ଅନୁଷ୍ଠାନ ଭିନ୍ନ ଭିନ୍ନ କାର୍ଯ୍ୟ କରି ଲୋକଲୋଚନରେ ବେଶ୍ ଆଦୃତ ଲାଭ କରିପାରିଛି । ସେହିପରି ପୂର୍ବତନ ବିଧାୟକ ଶ୍ରୀ ମିଶ୍ର କହିଥିଲେ ଯେ, ବିଗତ ୧୨ ବର୍ଷ ଧରି ଏହି ଅନୁଷ୍ଠାନ ସହ ଜଡ଼ିତ ରହିଥିବା ବେଳେ ପ୍ରୟାସର ଲକ୍ଷ୍ୟ ସବୁବେଳେ ଭିନ୍ନ ଓ ଅନନ୍ୟ ହୋଇରହିଛି । କଳା, ସଂସ୍କୃତିକୁ ବଞ୍ଚାଇ ରଖିବା ଏବଂ ସାମୂହିକ ବିବାହ ମହୋତ୍ସବ କରି ଗରିବଙ୍କ ମୁହଁରେ ହସ ଫୁଟାଇବା ସହ କର୍କଟ ରୋଗୀଙ୍କୁ ଆର୍ଥିକ ସହାୟତା



ଯୋଗାଇ ଦେବା ପ୍ରୟାସ ଭଳି ଅନୁଷ୍ଠାନର ମୁଖ୍ୟ ପ୍ରୟାସ ହୋଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରୟାସ ଅନୁଷ୍ଠାନର ବରିଷ୍ଠ ସଦସ୍ୟା ମମତା ମହାନ୍ତି, ଜସ୍ମିନ୍ ମହାନ୍ତି, କୌଶିକ ମହାନ୍ତି, କମଳ ମହାନ୍ତି, ଚନ୍ଦ୍ରଶେଖର ପଣ୍ଡିତରା, ସୁରେଶ ପତ୍ରି, ସଂଗ୍ରାମ ମହାରଣା, ବୃନ୍ଦାବନ ପଢ଼ିହାରୀ, ରାଜଦୀପ୍ ଦାସ, ଜୟସେନ ପାତ୍ର, ଉମାକାନ୍ତ ତାଣ୍ତି, ପ୍ରଶାନ୍ତ ଦାସ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଶେଷରେ ପ୍ରୟାସର ବରିଷ୍ଠ ସଦସ୍ୟା ସୋନାଲୀ ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ଏହି ଦାଣ୍ଡିଆ ମହୋତ୍ସବ ସେପ୍ଟେମ୍ବର ୨୬ରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖରେ ଶେଷ ହେବ । ଏହି ମହୋତ୍ସବ ପ୍ରତ୍ୟହ ସନ୍ଧ୍ୟା ୬ରୁ ଆରମ୍ଭ ହୋଇ ରାତ୍ରି ୧୦ ଘଟିକାରେ ଶେଷ ହେବ । ୭ଦିନ ବ୍ୟାପୀ ଏହି ମହୋତ୍ସବ ଆୟୋଜନ ହେଉଥିବା ବେଳେ ୧ଲକ୍ଷ ୬୦ହଜାରେ ବର୍ଗଫୁଟ୍ ସ୍ଥାନରେ ଅନୁଷ୍ଠିତ ହେଉଛି । ୪,୮୦୦ ବର୍ଗ ଫୁଟ୍‌ରେ ବିରାଟ ପ୍ଲାଟଫର୍ମ ଓ ୩୦ହଜାର ବର୍ଗଫୁଟ୍‌ରେ ଡ୍ୟାନ୍ସିଂ ଫ୍ଲୋର ସହିତ ଅତ୍ୟାଧୁନିକ ଏଲଇଡି ଆଲୋକସଜ୍ଜା, ଉନ୍ନତମାନର ଲାଇଭ୍ ବ୍ୟାଣ୍ଡ ସହ ଆଲୋକ ମାଳାର ଅପୂର୍ବ ସମନ୍ୱୟ ନୃତ୍ୟାଙ୍ଗନାଙ୍କୁ ବେଶ୍ ଆକୃଷ୍ଟ କରିବ । ଏଥିସହ ବିଭିନ୍ନ ଖାଦ୍ୟ ସଂସ୍ଥାମାନଙ୍କ ଦ୍ୱାରା ସୁସ୍ୱାଦୁ ନିରାମିଷ ଖାଦ୍ୟର ବ୍ୟବସ୍ଥା କରାଯାଇଛି । ସମ୍ପୂର୍ଣ୍ଣ ଅଞ୍ଚଳକୁ ମଦ୍ୟପାନ ଓ ତମାଖୁ ସେବନ ନିଷେଧ କରାଯାଇଛି । ମହୋତ୍ସବରେ ପ୍ରତ୍ୟେକ ଦିନ ବେଷ୍ଟ ଡ୍ୟାନ୍ସର, ବେଷ୍ଟ କପଲ୍, ବେଷ୍ଟ କଷ୍ଟ୍ୟୁମ୍ ଏବଂ ବେଷ୍ଟ କିଡ୍ସ ଡ୍ୟାନ୍ସର ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି ।

## ବନ୍ଧୁକ ବେପାରୀ ଗିରଫ

# ୧୦ ବନ୍ଧୁକ, ୧୦ ମାଗାଜିନ, ୧୮ ଗୁଳି ଜବତ

ଭୁବନେଶ୍ୱର, (ସବ୍ୟୁ) : କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ୟୁନିଟ୍ ଶନିବାର ଭୋର ସମୟରେ ଧଉଳି ଛକରେ ଚଢ଼ାଉ କରି ବନ୍ଧୁକ ବେପାରୀ ସେଖ୍ ନାଦିମ (୩୧) କୁ ଗିରଫ କରିଛି । ସେ ବ୍ୟାଗ୍‌ରେ ଗ୍ରାହକଙ୍କ ପାଇଁ ନେଉଥିବା ୧୦ଟି ସେମି ଅଟୋମେଟିକ୍ ବନ୍ଧୁକ, ୧୦ ମାଗାଜିନ ଓ ୧୯ ରାଉଣ୍ଡ ଗୁଳି ଜବତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି ।

ନାଦିମ୍ ପୁରୀକୁ ଗ୍ରାହକଙ୍କ ପାଇଁ ବନ୍ଧୁକ ନେଇ ଯାଉଥିବା ଗୁଇନ୍ଦା ସୂଚନା ପାଇବା ପରେ ସ୍ପେଶାଲ କ୍ରାଇମ୍ୟୁନିଟ ଧଉଳି ଛକରେ ଭୋର ୫ଟାରେ ଚଢ଼ାଉ କରିଥିଲା । ନାଦିମ ଏକୁଟିଆ ବନ୍ଧୁକ କାରବାର କରେ ନାହିଁ । ତା' ସହ ଜଗତସିଂହପୁର, କେନ୍ଦ୍ରାପଡ଼ାର କିଛି ଅସାମାଜିକ ସାମିଲ ଥିବା ଜଣାପଡ଼ିଛି । ଏହା ଚୋରା ବନ୍ଧୁକ କାରବାର ର୍ୟାକେଟ ବିହାର ମୁଙ୍ଗେରରୁ ବନ୍ଧୁକ ଆଣି ଓଡ଼ିଶାରେ ୬୦ ହଜାର ଟଙ୍କାରେ ବିକ୍ରି କରନ୍ତି । କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଏହି ର୍ୟାକେଟ ବନ୍ଧୁକ ଚାଲାଣ କରନ୍ତି । ନାଦିମ ଘର ଜଗତସିଂହପୁର ଜିଲ୍ଲା କୃଷ୍ଣାନନ୍ଦପୁର ଥାନା ଅନ୍ତର୍ଗତ ଇଟାଟିକିରି ଗ୍ରାମରେ । ବନ୍ଧୁକ କାରବାର ସମ୍ପର୍କରେ ପୋଲିସ ନାଦିମ୍‌ଠାରୁ ଅଧିକ କିଛି ସୂଚନା ପାଇଛି । ପରବର୍ତ୍ତୀ ସମୟରେ ସୂଚନା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଖବର ମିଳିଛି ।

ଏହା ପୂର୍ବରୁ ସ୍ପେଶାଲ କ୍ରାଇମ୍ୟୁନିଟ୍ ଖୋର୍ଦ୍ଧା ଅଞ୍ଚଳରେ ଚଢ଼ାଉ କରି ବନ୍ଧୁକ କାରବାର ର୍ୟାକେଟ୍‌କୁ ଠାବ କରିବା ସହ ସେମାନଙ୍କ ନିକଟରୁ ବନ୍ଧୁକ, ମାଗାଜିନ, ଗୁଳି ଆଦି ଜବତ କରିଥିଲା । ବିହାରର ମୁଙ୍ଗେରରୁ ବନ୍ଧୁକ ଆଣିବା ପରେ କାରବାର କରିବା ପାଇଁ ବିଭିନ୍ନ ଏଜେଣ୍ଟଙ୍କୁ ଯୋଗାଇ ଦିଆଯାଇଥାଏ । ନାଦିମ ନାମରେ ପୂର୍ବରୁ ୫ଟି ଅପରାଧିକ ମାମଲା ରହିଛି ।

# ଚାଇଲ୍ଡ ହେଲ୍ପ ଲାଇନ୍ ଫାଉଣ୍ଡେସନ ପକ୍ଷରୁ ରେନକୋର୍ଟ ବଣ୍ଟନ



ଭୁବନେଶ୍ୱର (ସବ୍ୟୁ) ରାଉରକେଲା ସେକ୍ଟର ୨୦ ସ୍ଥିତ ନେହେରୁ ସାହିରେ କୋଏଲ୍ ସରସ୍ୱତୀ ବିଦ୍ୟା ମନ୍ଦିରରେ ଚାଇଲ୍ଡ ହେଲ୍ପଲାଇନ୍ ଫାଉଣ୍ଡେସନ୍ ପକ୍ଷରୁ ପିଲାମାନଙ୍କୁ ରେନକୋର୍ଟ ବଣ୍ଟନ କରାଯାଇଥିଲା। ଏଥିପାଇଁ ପିଲାମାନଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଚାଇଲ୍ଡ ହେଲ୍ପ ଲାଇନ୍ ଫାଉଣ୍ଡେସନ୍ କୁ ଧନ୍ୟବାଦ ଜଣାଇଥିଲେ।ଏହି ରେନ୍‌କୋର୍ଟ ବଣ୍ଟନ କାର୍ଯ୍ୟକ୍ରମରେ କ୍ୱାଲିଟ୍ ସରକାର ଫୋରମ୍ ଇଣ୍ଡିଆ ରାଉରକେଲା ଚାପ୍ଟର ର ସମ୍ପାଦକ ସୁରେଶ ଚନ୍ଦ୍ର ପ୍ରସାଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପାଲାମାନଙ୍କୁ ରେନକୋର୍ଟ ବଣ୍ଟନ କରିଥିଲେ .ଅନୁଷ୍ଠାନର ଏହି ମହତକାର୍ଯ୍ୟ ପାଇଁ ଧନ୍ୟବାଦ ଜଣାଇଥିଲେ। ଚାଇଲ୍ଡ ହେଲ୍ପଲାଇନ୍ ଫାଣ୍ଡେସନ୍ ପକ୍ଷରୁ ଜୟନ୍ତ କୁମାର ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ୱାଇଲ୍ଡଲାଇଫ୍ ଚ୍ୟାରିଟି ପ୍ରଦର୍ଶନୀରେ ନବୀନ



ଭୁବନେଶ୍ୱର, (ସବ୍ୟୁ) : ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରୋଧୀ ଦଳର ନେତା ନବୀନ ପଟ୍ଟନାୟକ ନୂଆଦିଲ୍ଲୀର ବିକେନାର ହାଉସ୍‌ରେ ଅନୁଷ୍ଠିତ ହାର୍ଟବିଟ୍ ୱାଇଲ୍ଡଲାଇଫ୍ ଚ୍ୟାରିଟି ଏକ୍ସିବିସେନ୍ ପ୍ରଦଶନିକୁ ପରିଦର୍ଶନ କରିଛନ୍ତି। ପଦ୍ମଭୂଷଣ ପ୍ରାପ୍ତ ଏସିଆନ୍ ୱାଇଟ୍ ଲାଇଟ୍ ଟ୍ରଷ୍ଟ ଓ ଏସିଆନ ହାର୍ଟ ଇନଷ୍ଟିଚ୍ୟୁଟର ମୁଖ୍ୟ ଡ. ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ଏହା ଆୟୋଜନ କରାଯାଇଥିଲା। ଏହାର ଥିମ୍ ରହିଥିଲା ୱାଇଲ୍ଡଲାଇଫ୍ ଆୱାଡ ସେୟାରର୍ଡ ଫ୍ୟୁଚର ଏହି ପ୍ରଦର୍ଶନୀରେ ଅନେକ ପ୍ରସିଦ୍ଧ ଫଟୋ ଓ ସଂରକ୍ଷଣ କାହାଣୀଙ୍କୁ ଏକତ୍ରିତ କରାଯାଇଛି । ପ୍ରକୃତ ଜୀବନର ପ୍ରଭାବ ଉପରେ ମଧ୍ୟ ବର୍ଣ୍ଣନା କରାଯାଇଛି । ବନ୍ୟପ୍ରାଣୀ ସଂରକ୍ଷଣ, ବସତିର ପୁନଃଉଦ୍ଧାର, ପଶୁଙ୍କ ସ୍ୱାସ୍ଥ୍ୟ ଯାହା ଆଦିବାସୀ ସମ୍ପ୍ରଦାୟର ଦୀର୍ଘ ସ୍ଥାୟୀ ଜୀବନ ଜୀବିକା ଉପରେ ସଶକ୍ତ କରିବ ।

# ସିଡିଏରେ ଖୋଲିଲା ଯୋଗାକାର ଆୟୁର୍ବେଦିକ କେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଭାରତର ଏକ ଅନନ୍ୟ ହୋଲିଷ୍ଟିକ୍ ସୁସ୍ଥତାର ଉଦ୍ୟମ, ଯୋଗାକାର, ଏହାର ଆୟୁର୍ବେଦିକ ଚିକିତ୍ସା କେନ୍ଦ୍ରକୁ ସିଡିଏ, ସେକ୍ଟର ୯, କଟକ, ଓଡିଶାର ହେଡ କ୍ୱାର୍ଟର୍ସରେ ଆରମ୍ଭ କରିଛି। ଭାରତ ବ୍ୟତୀତ ଯୋଗାକାରର ହଂକଂ ଏବଂ ବ୍ରିଟେନରେ ୟୁନିଟ୍ ଅଛି । ଯୋଗାକାର ଯୋଗାକାର ଦ୍ୱାରା ଆୟୁହର ଶୁଭାରମ୍ଭ ଘୋଷଣା କରିଛି, ଏହା ହେଉଛି ଏକ ଆୟୁର୍ବେଦିକ ସୁସ୍ଥତା କେନ୍ଦ୍ର ଯାହାକି ସମଗ୍ର ଆରୋଗ୍ୟ, ସନ୍ତୁଳନ ଏବଂ ମାନସିକ ଜୀବନକୁ ପ୍ରୋତ୍ସାହିତ କରିବା ପାଇଁ ପରିକଳ୍ପିତ । ଆୟୁର୍ବେଦର ପ୍ରାଚୀନ ଜ୍ଞାନରେ ମୂଳତ, ଆୟୁହ୍, ଆଧୁନିକ ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ ଥେରାପି, ସୁସ୍ଥତା ପରାମର୍ଶ ଏବଂ ଜୀବନଶୈଳୀ ଅଭ୍ୟାସ ପ୍ରଦାନ କରେ । ଅତିଥିମାନେ ଶିରୋଧାରା ଭଳି ବିଶେଷ ଚିକିତ୍ସାର ଅନୁଭବ କରିପାରିବେ। ଏକ ଅତ୍ୟନ୍ତ ଆରାମଦାୟକ ଚିକିତ୍ସା ଯେଉଁଠାରେ ମନକୁ ଶାନ୍ତ କରିବା ଏବଂ ଚାପ କମାଇବା ପାଇଁ କପାଳରେ ଉଷ୍ମ ଔଷଧୀୟ ତେଲ ଧୀରେ ଧୀରେ ଢଳା ଯାଏ; ସ୍ୱେଦମ, ଏକ ହର୍ବାଲ ଷ୍ଟିମ୍ ଥେରାପି ଯାହା ଡିଟକ୍ସିଫାଇସ୍




ଏବଂ ପୁନର୍ଜୀବିତ କରେ; ଏବଂ ଅନ୍ୟାନ୍ୟ ସମୟ-ପରୀକ୍ଷିତ ଉପଚାର ଯାହା ଶରୀର ଏବଂ ଆତ୍ମା ଉଭୟକୁ ପୋଷଣ କରେ। ଆମର ଲକ୍ଷ୍ୟ ହେଉଛି ଆୟୁର୍ବେଦକୁ ଆଜିର ଜୀବନଶୈଳୀ ପାଇଁ ସୁଗମ ଏବଂ ପ୍ରାସଙ୍ଗିକ କରିବା," ଯୋଗାକାର ୱେଲନେସ୍‌ର ସହ-ପ୍ରତିଷ୍ଠାତା ଶିରିଶ କହିଛନ୍ତି। କଟକର ଯୋଗାକାର ୱେଲନେସ୍ ସେଣ୍ଟରରେ ଆୟୁହ ବ୍ୟତୀତ ଏକ ଅତ୍ୟାଧୁନିକ ଯୋଗ ଷ୍ଟୁଡିଓ "ଅଭ୍ୟାସା", ଯୋଗିକ ଫାଇନ୍ ଡାଇନ୍ ନିରାମିଷ ରେଷ୍ଟୁରାଣ୍ଟ "ଆହାର ବାଇ ଯୋଗାକାର" ରହିଛି। ଯୋଗାକାର କର୍ପୋରେଟ୍ ୱେଲନେସ୍ କାର୍ଯ୍ୟକ୍ରମ "ଦକ୍ଷ", "ଆରଣ୍ୟ" କାର୍ଯ୍ୟକ୍ରମ ଅଧୀନରେ ଋଷିକେଶ ଏବଂ ଲଦାଖରେ ରିଟ୍ରିଟ୍ ଏବଂ ଏକ ସମ୍ପୂର୍ଣ୍ଣ "ପଦ୍ମ" କାର୍ଯ୍ୟକ୍ରମ ଅଧୀନରେ ଯୋଗ ଶିକ୍ଷକ ତାଲିମ ମଧ୍ୟ ପରିଚାଳନା କରେ।

# ଜାତିସଂଘରେ ପାକିସ୍ତାନ ଲଜ୍ଜିତ

ନୂଆଦିଲ୍ଲୀ: ଅପରେସନ ସିନ୍ଦୂର ବେଳେ ମାଟି କାମୁଡ଼ିଥିବା ପାକିସ୍ତାନ ନିଜର ମିଛ ବିଜୟ ଦାବିକୁ ଏବେ ଜାତିସଂଘରେ ପ୍ରଚାର କରିଛି। ଖୋଦ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ମିଛ ବିଜୟ ଦାବି କରିଥିବାରୁ ଭାରତ ଏହାର ଧଜିଆ ଉଡ଼ାଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶରିଫ ପୁଣିଥରେ ଆତଙ୍କବାଦର ମହିମଣ୍ଡନ କରିଥିବାରୁ ମିଳିତ ଜାତିସଂଘର ମହାସଭାରେ ଭାରତ ଏହାକୁ ତୀବ୍ର ସମାଲୋଚନା କରିଛି।

ଜାତିସଂଘରେ ପ୍ରତି ଜବାବ ଅଧିକାରର ପ୍ରୟୋଗ କରି ଭାରତୀୟ କୂଟନୀତିଜ୍ଞ ପେଟାଲ ଗହଲୋଟ କହିଛନ୍ତି ଯେ ଆତଙ୍କବାଦ ହେଉଛି ପାକିସ୍ତାନର କେନ୍ଦ୍ରୀୟ ବିଦେଶ ନୀତି। ଜାତିସଂଘର ୮୦ତମ ମହାସଭାକୁ ସମ୍ବୋଧନ କରି ଶୁକ୍ରବାର ଶରିଫ ଦାବି କରିଥିଲେ ଯେ ଚଳିତ ବର୍ଷ ଭାରତ ପଟୁ ପାକିସ୍ତାନ ପ୍ରତି ଅତ୍ୟନ୍ତ ଉତ୍ତେଜନା ମୂଳକ ସ୍ଥିତି ସୃଷ୍ଟି କରାଯାଇଥିଲା। କିନ୍ତୁ ପାକିସ୍ତାନ ସଶସ୍ତ୍ର ବଳ ବେଶ ସାହାସର ସହ ଏହାର ମୁହଁତୋଡ଼ ଜବାବ ଦେଇଥିବା ସେ ଦାବି କରିଥିଲେ।

ଏହାର ଜବାବରେ ଭାରତର ଗହଲୋଟ ଗହଲୋଟ ଏପ୍ରିଲ ୨୨ ପହଲଗାମ ନରସଂହାର ହମଲା ପଛରେ ଥିବା ଆତଙ୍କୀ ସଂଗଠନ ଟିଆରଏଫକୁ ପାକିସ୍ତାନ କେମିତି ସମର୍ଥନ କରିଥିଲା ଓ ଅଲକାଏଦା ଆତଙ୍କୀ ଓସାମା ବିନ ଲାଡେନକୁ କେମିତି ଆଶ୍ରୟ ଦେଇଥିଲା, ତା'ର ଗୁମର ଖୋଲି ଦେଇଛନ୍ତି।

ସେ କହିଛନ୍ତି, "ଡ୍ରାମାର କୌଣସି ଡିଗ୍ରୀ ଓ ମିଛର କୌଣସି ସ୍ତର ପ୍ରକୃତ ତଥ୍ୟକୁ ବଦଳାଇ ପାରିବ ନାହିଁ। ୨୦୨୫ ଏପ୍ରିଲ ୨୫ରେ ସମାନ ପାକିସ୍ତାନ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଗୋଟିଏ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ସଂଗଠନ ଦ ରେଜିଷ୍ଟାନ୍ସ ଫ୍ରଣ୍ଟକୁ ଘଣ୍ଟ ଘୋଡ଼ାଇଥିଲା। ଏହି ସଂଗଠନ କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ପର୍ଯ୍ୟଟକଙ୍କ ନରସଂହାର ପାଇଁ ନିଜକୁ ଦାୟୀ କରିଥିଲା।" ଶ୍ରୀମତୀ ଗହଲୋଟଙ୍କ କହିବା କଥା ଯେ ପାକିସ୍ତାନ(Pakistan) ଏମିତି ଗୋଟିଏ ଦେଶ ଯିଏ ଲମ୍ବା ସମୟ ଧରି ଆତଙ୍କବାଦର ପ୍ରଚାର କରୁଛି ଓ ଆତଙ୍କାବାଦର ରପ୍ତାନୀ କରିବା ପରମ୍ପରାରେ ବୁଡ଼ି ରହିଛି। ପାକିସ୍ତାନ ପୂରା ବିଶ୍ୱକୁ କହିଥିଲା ଯେ ସେମାନେ ଆତଙ୍କବାଦ ବିରୋଧରେ ଲଢ଼ୁଛନ୍ତି। କିନ୍ତୁ ଠିକ ସମୟରେ ଓସାମା ବିନ ଲାଡେନକୁ ଆଶ୍ରୟ ଦେଇଥିବା ସେ ସମସ୍ତଙ୍କର ମନେ ପକାଇ ଦେଇଛନ୍ତି।

ଶରିଫଙ୍କ 'ଆମେ ଯୁଦ୍ଧ ଜିତି ଯାଇଛୁ ଓ ଏବେ ଆମେ ବିଶ୍ୱକୁ ଆମ ଭାଗରେ ଶାନ୍ତି ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଉଛୁ' ବୟାନ ଉପରେ ଗହଲୋଟ କହିଛନ୍ତି ଯେ ମେ' ୧୦ରେ ପାକିସ୍ତାନର ସେନା ଆମକୁ ଲଢ଼େଇ ବନ୍ଦ କରିବାକୁ ଅନୁରୋଧ କରିଥିଲା। ପାକିସ୍ତାନୀ ରନୱେ ଓ ହ୍ୟାଙ୍ଗର୍ସ କେମିତି କ୍ଷତିଗ୍ରସ୍ତ ହୋଇଥିଲା, ତା'ର ପ୍ରମାଣ ସ୍ୱରୂପ ଫଟୋ ରହିଛି ବୋଲି ସେ ଜାତିସଂଘକୁ ଜଣାଇଛନ୍ତି। ସେ କହିଛନ୍ତି, "ଯଦି ରନୱେ କ୍ଷତିଗ୍ରସ୍ତ ହେବା ଓ ହ୍ୟାଙ୍ଗର୍ସ ଜଳିଯିବା ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ମତରେ ବିଜୟ, ତା'ହେଲେ ଏହାକୁ ଉପଭୋଗ କରିବାକୁ ଆମେ ପାକିସ୍ତାନକୁ ସ୍ୱାଗତ କରୁଛୁ। ପାକିସ୍ତାନ ପ୍ରଧାନମନ୍ତ୍ରୀ ନିକଟରେ ଭାରତ ସହ ହୋଇଥିବା ବିବାଦ ସମ୍ପର୍କରେ ଅତିରଞ୍ଜିତ କଥା କହିଛନ୍ତି। ଏହି ପ୍ରସଙ୍ଗରେ ସମସ୍ତ ତଥ୍ୟ ରେକର୍ଡରେ ରହିଛି। ମେ' ୯ ତାରିଖ ଯାଏ ପାକିସ୍ତାନ ଅଧିକ ଆକ୍ରମଣର ଧମକ ଦେଇ ଚାଲିଥିଲା। କିନ୍ତୁ ମେ'୧୦ରେ ପାକିସ୍ତାନ ସେନା ଆମ ସହ ସିଧାସଳଖ ଯୋଗାଯୋଗ କରି ଆକ୍ରମଣ ବନ୍ଦ କରିବାକୁ ଅନୁରୋଧ କରିଥିଲା।"

# ଓଡ଼ିଶାରେ ୧୭୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରେଳ ପ୍ରକଳ୍ପର ଶୁଭାରମ୍ଭ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୭୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପର ଶୁଭାରମ୍ଭ ଏବଂ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଯାହା ଓଡ଼ିଶାର ଭିତ୍ତିଭୂମି ଏବଂ ସଂଯୋଗୀକରଣକୁ ବୃଦ୍ଧି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ପ୍ରକଳ୍ପଗୁଡ଼ିକର ଲକ୍ଷ୍ୟ ଯାତ୍ରୀ ସୁବିଧାରେ ଉନ୍ନତି ଆଣିବା, ମାଲ ପରିବହନକୁ ସୁଦୃଢ଼ କରିବା ଏବଂ ସମଗ୍ର ଅଞ୍ଚଳରେ ଆର୍ଥିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା।

ସମ୍ବଲପୁର ସହର ଏବଂ ସାରଳା ମଧ୍ୟରେ ରେଳ ଫ୍ଲାଏଓଭର (273 କୋଟି ): ଏହି ପ୍ରକଳ୍ପ ସାରଳା ଷ୍ଟେସନରେ ଭିଡ଼ ଦୂର କରିବ ଏବଂ କୋଇଲା, ଖଣିଜ ଏବଂ ଶିଳ୍ପ ମାଲ ପରିବହନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କରିଡର, ବ୍ୟସ୍ତ ସମ୍ବଲପୁର-ଝାରସୁଗୁଡ଼ା ଲାଇନରେ ଟ୍ରେନଗୁଡ଼ିକର ନିରବଚ୍ଛିନ୍ନ ଚଳାଚଳ ସୁନିଶ୍ଚିତ କରିବ । ଏହି ପଦକ୍ଷେପ ସମ୍ବଲପୁର ଏବଂ ସଂଲଗ୍ନ ଅଞ୍ଚଳର ଲୋକମାନଙ୍କୁ ବହୁତ ଲାଭ ଦେବ ।

କୋରାପୁଟ-ବାଇଗୁଡ଼ା ରେଳ ଲାଇନର ଦୋହରୀକରଣ (34 କିମି, 481 କୋଟି ): ଏହି ବିକାଶ ଟ୍ରେନ ପରିଚାଳନାକୁ ସୁଗମ କରିବ, ଖଣିଜ ପଦାର୍ଥ ଏବଂ କୃଷି ଉତ୍ପାଦର ପରିବହନକୁ ସହଜ କରିବ ଏବଂ ସମ୍ପଦ ସମୃଦ୍ଧ କୋରାପୁଟ ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧିରେ ଯୋଗଦାନ ଦେବ ।

ମାନବାର-କୋରାପୁଟ-ଗୋରାପୁର ରେଳ ଲାଇନର ଦୋହରୀକରଣ (42 କିମି, 955 କୋଟି ): ଏହା ଏକ ଜାତୀୟ ଗୁରୁତ୍ୱର ପ୍ରକଳ୍ପ, ଏହା ବୈଲାଡିଲା ଖଣିରୁ ସାରା ଭାରତରେ ଇସ୍ପାତ କାରଖାନାକୁ ଲୁହାପଥର ପରିବହନକୁ ଦ୍ରୁତତର କରିବ । ଏହା କୋରାପୁଟ ( ଓଡିଶା ) ଏବଂ ବିଶାଖାପାଟଣା (ଆନ୍ଧ୍ରପ୍ରଦେଶ) ଜିଲ୍ଲାରେ ଯାତ୍ରୀ ଏବଂ ମାଲ ପରିବହନ ସେବାକୁ ମଧ୍ୟ ବୃଦ୍ଧି କରିବ ।

ଏହା ସହିତ, ପ୍ରଧାନମନ୍ତ୍ରୀ ଭିଡିଓ ଲିଙ୍କ ମାଧ୍ୟମରେ ଝାରସୁଗୁଡ଼ାରୁ ବ୍ରହ୍ମପୁର ଏବଂ ଉଧନା ( ସୁରଟ ) ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଅମୃତ ଭାରତ ଏକ୍ସପ୍ରେସ ସୁଲଭତା, ଶକ୍ତି ଦକ୍ଷତା, ସୁରକ୍ଷା ଏବଂ ଯାତ୍ରୀ ଆରାମକୁ କେନ୍ଦ୍ରରେ ରଖି ଡିଜାଇନ୍ କରାଯାଇଥିବା ଏକ ନୂତନ ପିଢ଼ିର ଟ୍ରେନକୁ ପ୍ରତିନିଧିତ୍ୱ କରେ

ଅମୃତ ଭାରତ ଏକ୍ସପ୍ରେସ୍ ସିଧାସଳଖ ଓଡ଼ିଶାକୁ ଗୁଜରାଟ ସହିତ ସଂଯୋଗ କରି ଏବଂ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଏବଂ ମହାରାଷ୍ଟ୍ରର ଜିଲ୍ଲାଗୁଡ଼ିକୁ ସେବା ପ୍ରଦାନ କରି, ଏହା କେବଳ ଦ୍ରୁତ ଏବଂ ସୁରକ୍ଷିତ ଯାତ୍ରା ପ୍ରଦାନ କରିବ ନାହିଁ ବରଂ ପୂର୍ବ, କେନ୍ଦ୍ରୀୟ ଏବଂ ପଶ୍ଚିମ ଭାରତରେ ଆହୁରି ଦୃଢ଼ ଆର୍ଥିକ ଏବଂ ସାଂସ୍କୃତିକ ସମ୍ପର୍କକୁ ବୃଦ୍ଧି କରିବ।

ଓଡ଼ିଶାର ରେଳ ବିକାଶରେ ଏକ ପରିବର୍ତ୍ତନକାରୀ ପଦକ୍ଷେପକୁ ପ୍ରତିନିଧିତ୍ୱ କରେ । ଏଗୁଡ଼ିକ ଯାତ୍ରା ସମୟ ହ୍ରାସ କରିବ, ସୁରକ୍ଷା ଏବଂ ସମୟାନୁବର୍ତ୍ତିତାରେ ଉନ୍ନତି ଆଣିବ, ଶିଳ୍ପ ପ୍ରସାରକୁ ସମର୍ଥନ କରିବ ଏବଂ ରାଜ୍ୟ ସାରା ଚାଷୀ, ବ୍ୟବସାୟୀ, ଯୁବକ ଏବଂ ଶ୍ରମିକଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ପ୍ରଧାନମନ୍ତ୍ରୀ ପୁନର୍ବାର କହିଛନ୍ତି ଯେ ଏହି ପ୍ରକଳ୍ପଗୁଡ଼ିକ ଭାରତ ସରକାରଙ୍କ "ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ" ଦୃଷ୍ଟିକୋଣକୁ ପ୍ରତିପାଦନ କରୁଛି ଏବଂ ଏକ ବିକାଶିତ ଭାରତ ଏବଂ ଏକ ବିକାଶିତ ଓଡ଼ିଶା ଗଠନର ଅବିଚ୍ଛେଦ୍ୟ ଅଂଶ, ଯାହା ରାଜ୍ୟର ପ୍ରତ୍ୟେକ ଭାଗରେ ପ୍ରଗତି ଏବଂ ଆଧୁନିକ ଭିତ୍ତିଭୂମି ପହଞ୍ଚିବା ସୁନିଶ୍ଚିତ କରିବ।

# ୱାଙ୍ଗଚୁକଙ୍କ ପାକିସ୍ତାନ ଲିଙ୍କ : ତଥ୍ୟ ଦେଲେ ଡିଜିପି

ନୂଆଦିଲ୍ଲୀ: ରାଜ୍ୟ ମାନ୍ୟତା ଦାବି ବେଳେ ଲଦାଖରେ ହୋଇଥିବା ଭୟଙ୍କର ହିଂସାକାଣ୍ଡ ଘଟଣାରେ ଗିରଫ ବିଶିଷ୍ଟ ପରିବେଶବିତ୍ ସୋନମ ୱାଙ୍ଗଚୁକଙ୍କୁ ନେଇ ବଡ଼ ଦାବି କରିଛନ୍ତି ଡିଜିପି ଏସ୍ଡି ସିଂହ ଜମୱାଲ। ବୁଧବାର ହିଂସାକାଣ୍ଡ ପରେ ଶୁକ୍ରବାର ୱାଙ୍ଗଚୁକଙ୍କୁ ଜାତୀୟ ସୁରକ୍ଷା ଆଇନ ବା ଏନଏସଏ ବଳରେ ଗିରଫ କରାଯାଇଥିଲା। ସେ ହିଂସାକୁ ଉସାଇବାରୁ ବିକ୍ଷୋଭକାରୀମାନେ ବ୍ୟାପକ ପୋଡ଼ା ଜଳା କରିଥିଲେ ବୋଲି ଅଭିଯୋଗ ହୋଇଛି।

ଏସବୁ ଭିତରେ ବାରମ୍ବାର ଲଦାଖକୁ ରାଜ୍ୟ ମାନ୍ୟତା ଦାବି କରି ଅନଶନ କରୁଥିବା ୱାଙ୍ଗଚୁକଙ୍କ ଲିଙ୍କ ପାକିସ୍ତାନ ସହ ରହିଥିବା ଡିଜିପି ଦାବି କରିଛନ୍ତି। ସେହିପରି ପାକିସ୍ତାନ ଓ ବାଂଲାଦେଶକୁ ସେ ଗସ୍ତ କରିବା ମଧ୍ୟ ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ଲଦାଖରୁ ୱାଙ୍ଗଚୁକଙ୍କୁ ଏନଏସଏ ବଳରେ ଗିରଫ କରାଯାଇଥିଲା। ଏହାପରେ ତାଙ୍କୁ ରାଜସ୍ଥାନର ଯୋଧପୁର କେନ୍ଦ୍ରୀୟ ଜେଲକୁ ପଠାଇ ଦିଆଯାଇଛି। ୱାଙ୍ଗଚୁକଙ୍କ ଗିରଫଦାରୀ ସମ୍ପର୍କରେ ଲେହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଲଦାଖର ପୁଲିସ ମୁଖିଆ କହିଛନ୍ତି ଯେ "ଆମେ ଜଣେ ପାକିସ୍ତରନ ଗୁଇନ୍ଦା ଅଧିକାରୀ ବା ପିଆଇଓକୁ ନିକଟରେ ଗିରଫ କରିଥିଲୁ। ସେ ସୀମା ସେପଟେ ଥିବା ଲୋକଙ୍କୁ ରିପୋର୍ଟ କରେ। ଏହାର ତଥ୍ୟ ଆମ ହାତରେ ଲାଗିଛି। ସୋନମ ୱାଙ୍ଗଚୁକ ପାକିସ୍ତାନରେ ଆୟୋଜିତ ଗୋଟିଏ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେ ବାଂଲାଦେଶ ମଧ୍ୟ ଯାଇଥିଲେ। ଗିରଫ ହୋଇଥିବା ପାକିସ୍ତାନ ଗୁଇନ୍ଦା ଅଧିକାରୀ ସହ ୱାଙ୍ଗଚୁକ ଯୋଗାଯୋଗରେ ଥିଲେ। ତେଣୁ ତାଙ୍କ ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବେ



ସେସବୁର ତଦନ୍ତ ଚାଲିଛି।" ଡିଜିପି ଜମୱାଲ ଅଭିଯୋଗ କରିଛନ୍ତି ଯେ ଲେହ ହିଂସାକୁ ୱାଙ୍ଗଚୁକ ହିଁ ଉସାଇକ ଥିଲେ। ସେପ୍ଟେମ୍ବର ୨୪ରେ ହୋଇଥିବା ହିଂସାକାଣ୍ଡ ଯୋଗୁ ୪ ଜଣଙ୍କ ମୃତ୍ୟୁ ହୋଇଥିଲା ଓ ୮୦ ଜଣ ଆହତ ହୋଇଥିଲେ।

ବିକ୍ଷୋଭକାରୀମାନେ ଲେହରେ ଥିବା ବିଜେପି ଅଫିସ ଓ ସିଆରପିଏଫ ଗାଡ଼ିକୁ ଜାଳି ଦେଇଥିଲେ। ଏପରି ଭୟଙ୍କର ହିଂସାକାଣ୍ଡ ପାଇଁ ସରକାର ୱାଙ୍ଗଚୁକଙ୍କୁ ଦାୟୀ କରିଛନ୍ତି। ସେ ଉସକାଇବା ଭଳି ବୟାନ ଦେବାରୁ ବିକ୍ଷୋଭକାରୀ ପୋଡ଼ାଜଳା କରିଥିବା ଗୃହ ମନ୍ତ୍ରଣାଳୟ କହିଛି। ଡିଜିପିଙ୍କ କହିବା କଥା ଯେ କେନ୍ଦ୍ର ସହ ଲଦାଖର ରାଜ୍ୟ ମାନ୍ୟତା ଦାବି ସମ୍ପର୍କିତ ଆଲୋଚନା ହେବା ଅଛି। ଏହାକୁ ଭଣ୍ଡୁର କରିବା ପାଇଁ ୱାଙ୍ଗଚୁକ ଉଦ୍ୟମ କରୁଛନ୍ତି। ଆମେ ଏମିତି ଜଣଙ୍କୁ ପାଇଛୁ ଯିଏ କିଛି ଜିନିଷ ସୀମା ସେପଟକୁ ପଠାଉଥିଲେ। ଆମେ ସେହି ବ୍ୟକ୍ତିଙ୍କୁ ସର୍ଭେଲାନ୍ସରେ ରଖିଛୁ। ଲୋକଙ୍କୁ ଉସକାଇବା ସୋନମ ୱାଙ୍ଗଚୁକଙ୍କ ପୁରୁଣା ଅଭ୍ୟାସ। ତଥାକଥିତ ପରିବେଶବିତମାନଙ୍କ ଉତ୍ତରଦାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେମାନେ ମଞ୍ଚକୁ ଅପହରଣ କରିବାକୁ ଚାହୁଁଛନ୍ତି। ଆଉ ଏହାର ମୁଖ୍ୟ ଚରିତ୍ର ହେଲେ ୱାଙ୍ଗଚୁକ। ଶାନ୍ତି ଆଲୋଚନାକୁ ଭଣ୍ଡୁର କରିବା ପାଇଁ ସେ ପୂର୍ବରୁ ମଧ୍ୟ ଅନେକ ଥର ପ୍ରୟାସ କରିବାର ନଜିର ରହିଛି। ଏବେ ୱାଙ୍ଗଚୁକଙ୍କ ବିଦେଶୀ ପାଣ୍ଠି ଉଲ୍ଲଘଂନର ତଦନ୍ତ ଚାଲିଛି। ଏହାକୁ ଆଉ ଏକ ଏଜେନ୍ସି କରୁଛି ବୋଲି ସେ କହିଛନ୍ତି। ଲେହରେ ଲାଗୁ ହୋଇଥିବା କର୍ଫ୍ୟୁ କୋହଳ କରାଯିବାର ସଙ୍କେ ମଧ୍ୟ ଡିଜିପି ଦେଇଛନ୍ତି। ସେ କହିଛନ୍ତି, "ଆମେ ଦିନ ୧ଟାରୁ ୩ଟା ଯାଏ କର୍ଫ୍ୟୁ କୋହଳ କରିବାକୁ ନିଷ୍ପତ୍ତି ନେଇଛୁ। ଏହା ରଣନୀତି ଆଧାରରେ କରାଯିବ। ପୁରୁଣା ସହରରେ କୋହଳ ନୀତି ଆପଣା ଯିବ। ନୂଆ ଅଞ୍ଚଳରେ ଦିନ ୩.୩୦ ରୁ ୫.୩୦ ଯାଏ କର୍ଫ୍ୟୁ କୋହଳ ହେବ।

# ନେପାଳର ନୂଆ ସରକାର ଅସାମ୍ବିଧାନିକ : ଓଲି

କାଠମାଣ୍ଡୁ : ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ସିପିଏନ (ୟୁଏମଏଲ)ର ସଭାପତି କେପି ଶର୍ମା ଓଲି ଇସ୍ତଫା ଦେବା ପରେ ପ୍ରଥମ ଥର ପାଇଁ ସର୍ବସାଧାରଣରେ ଦେଖାଦେଇଛନ୍ତି। ଶନିବାର ଦିନ ଓଲି ଭକ୍ତପୁରରେ ଦଳର ଛାତ୍ର ଶାଖା ରାଷ୍ଟ୍ରୀୟ ଯୁବ ସଂଘର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଛନ୍ତି ଯେ ବର୍ତ୍ତମାନର ସରକାର ଅସମ୍ବିଧାନିକ । କାରଣ ଏହା ଲୋକଙ୍କ ଭୋଟ ଦ୍ୱାରା ନିର୍ବାଚିତ ହୋଇନାହିଁ, ବରଂ ଏହା ଭଙ୍ଗାରୁଜା ଏବଂ ପୋଡ଼ାଜଳା ମାଧ୍ୟମରେ ଗଠିତ ହୋଇଛି ।



କେପି ଶର୍ମା ଓଲି କହିଛନ୍ତି ଯେ ସେ ସେପ୍ଟେମ୍ବର ୯ ତାରିଖ ଦିନ ସେ ସକାଳ ୧୧ ରୁ ୧୧.୩୦ ମଧ୍ୟରେ ଇସ୍ତଫା ଦେଇଥିଲେ। ପୂର୍ବରୁ ୮ ସେପ୍ଟେମ୍ବରରେ ଘଟିଥିବା ଘଟଣା ଅବାଞ୍ଛିତ ଥିଲା ଏବଂ ସେ ଏହାକୁ ନିୟନ୍ତ୍ରଣ କରିବାକୁ ଉଦ୍ଦେଶ୍ୟ ରଖିଥିଲେ। କିନ୍ତୁ, ଯେତେବେଳେ ସେ ଅନୁଭବ କଲେ ଯେ ଏଥିରେ ତାଙ୍କର କୌଣସି ନିୟନ୍ତ୍ରଣ ନାହିଁ, ସେ ଇସ୍ତଫା ଦେଇଥିଲେ।

ଏହି ପଦକ୍ଷେପକୁ ତାଙ୍କର ରାଜନୈତିକ ସକ୍ରିୟତା ସହିତ ପୁନଃ ସଂଯୋଗ କରିବାର ଏକ ପ୍ରୟାସ ଭାବରେ ଦେଖାଯାଉଛି, ବିଶେଷକରି ଯୁବପିଢ଼ିଙ୍କ ସହିତ। ଜନସାଧାରଣଙ୍କ ଆକ୍ରୋଶ ଏବଂ ରକ୍ତପାତ ପରେ, ଓଲିଙ୍କୁ ପଦ ଛାଡିବାକୁ ବାଧ୍ୟ କରାଯାଇଥିଲା। ତାଙ୍କ ସ୍ଥାନରେ ପୂର୍ବତନ ମୁଖ୍ୟ ବିଚାରପତି ସୁଶୀଳା କାର୍କିଙ୍କୁ ମଧ୍ୟବର୍ତ୍ତୀକାଳୀନ ପ୍ରଧାନମନ୍ତ୍ରୀ ନିଯୁକ୍ତ କରାଯାଇଥିଲା। ଏହା ପରେ, ପୋଡ଼ାଜଳା, ଭଙ୍ଗାରୁଜା ଏବଂ ଲୁଟପାଟର ଘଟଣା ଆରମ୍ଭ ହେଲା।

# କାହିଁକି ପୋଷ୍ଟରରେ ରହିଲାନି ଲାଲୁ-ରାବିଡିଙ୍କ ଫଟୋ

ନୂଆଦିଲ୍ଲୀ: ରାଷ୍ଟ୍ରୀୟ ଜନତା ଦଳର ପୂର୍ବତନ ନେତା ଏବଂ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜ ପ୍ରତାପ ଯାଦବ ଏକ ନୂତନ ଦଳ ଗଠନ କରିଛନ୍ତି ଏବଂ ବିହାର ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନ ମଇଦାନରେ ପ୍ରବେଶ କରିଛନ୍ତି। ତେଜ ପ୍ରତାପ ଯାଦବଙ୍କ ନୂତନ ଦଳର ନାମ 'ଜନଶକ୍ତି ଜନତା ଦଳ' ଏବଂ ଏହାର ନିର୍ବାଚନ ଚିହ୍ନ ହେଉଛି 'ବ୍ଲାକ ବୋର୍ଡ' ବା କଳାପଟା। ତେବେ ତେଜ ପ୍ରତାପ ଯାଦବ ତାଙ୍କ ଦ୍ୱାରା ଲଞ୍ଚ କରାଯାଇଥିବା ଦଳର ପୋଷ୍ଟରରେ ପାଞ୍ଚ ଜଣ ମହାପୁରୁଷ ଏବଂ ନେତାଙ୍କୁ ସାମିଲ କରିଥିଲେ।

ପୋଷ୍ଟରରେ ମହାତ୍ମା ଗାନ୍ଧୀ, ବି.ଆର. ଆମ୍ବେଦକର, ରାମ ମନୋହର ଲୋହିଆ, ଜୟ ପ୍ରକାଶ ନାରାୟଣ ଏବଂ କର୍ପୁରୀ ଠାକୁରଙ୍କୁ ସ୍ଥାନ ଦିଆଯାଇଥିଲା। ହେଲେ ତେଜ ପ୍ରତାପ ଏହି ପୋଷ୍ଟରରେ ତାଙ୍କ ପିତା ଲାଲୁ ପ୍ରସାଦ ଯାଦବଙ୍କୁ ସ୍ଥାନ ଦେଇନଥିଲେ। ତେବେ ବାପାଙ୍କ ଫଟୋ କାହିଁକି ସ୍ଥାନ ଦେଇନଥିଲେ ବୋଲି ଚର୍ଚ୍ଚା ଜୋର ଧରିବା ପରେ ତେଜ ପ୍ରତାପ କହିଥିଲେ, "ମୋ ବାପାମାଆ ଏକ ଭିନ୍ନ ରାଜନୈତିକ ଦଳର। ମୁଁ ମୋ ଦଳର ପୋଷ୍ଟରରେ



ସେମାନଙ୍କ ଫଟୋ କିପରି ଲଗାଇପାରିବି? ସେମାନେ ଆରଜେଡିରେ ଅଛନ୍ତି। ଏହା ମୋ ଦଳର ସମ୍ବିଧାନ ଅନୁଯାୟୀ ନୁହେଁ। ଦଳୀୟ ନେତାଙ୍କ ଫଟୋ ଲଗାଯାଇଛି।"

ତେଜ ପ୍ରତାପ ସେତେବେଳେ ଗଣମାଧ୍ୟମକୁ କହିଥିଲେ ଯେ ତେଜସ୍ୱୀ ଯାଦବଙ୍କ ହୋର୍ଡିଂରେ ତାଙ୍କ ବାପାମାଆଙ୍କ ଫଟୋ ନାହିଁ, ସେ କହିଥିଲେ ଯେ ତେଜସ୍ୱୀ ଯାଦବଙ୍କ ହୋର୍ଡିଂରେ ମଧ୍ୟ ତାଙ୍କ ବାପାମାଆଙ୍କ ଫଟୋ ନାହିଁ। "ମୁଁ ମୋ ବାପା-ମାଙ୍କୁ ସମ୍ମାନ କରେ, ଏବଂ ସେମାନେ ମୋ ହୃଦୟରେ ଅଛନ୍ତି। ଆଜି ଏକ ହୋର୍ଡିଂରେ ଏକ ଫଟୋ ଲଗାଯାଇପାରିବ ଏବଂ କାଲି ହଟାଇ ଦିଆଯାଇପାରିବ... ତେଜସ୍ୱୀ ଯାଦବଙ୍କ ହୋର୍ଡିଂରୁ ତାଙ୍କ ବାପାମାଆଙ୍କ ଫଟୋ ମଧ୍ୟ ଗାଏବ ହୋଇଯାଇଛି । ତେଜସ୍ୱୀଙ୍କ ହୋର୍ଡିଂରେ ଦଳର ପ୍ରତିଷ୍ଠାତାଙ୍କ ଫଟୋ କାହିଁକି ଲଗାଯାଇନାହିଁ।"

# ମଣିପୁର ସମେତ ତିନୋଟି ରାଜ୍ୟରେ ଏଏଫ୍‌ଏସ୍‌ପିଏ ଅବଧି ବୃଦ୍ଧି

ନୂଆଦିଲ୍ଲୀ: କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏକ ବଡ଼ ନିଷ୍ପତ୍ତି ନେଇଛି। ଶୁକ୍ରବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ, ମଣିପୁର, ନାଗାଲାଣ୍ଡ ଏବଂ ଅରୁଣାଚଳ ପ୍ରଦେଶର କିଛି ଅଂଶରେ ସଶସ୍ତ୍ର ବାହିନୀ (ସ୍ୱତନ୍ତ୍ର କ୍ଷମତା) ଆଇନ ଏଏଫ୍‌ଏସ୍‌ପିଏକୁ ସମ୍ପ୍ରସାରଣ କରାଯାଇଛି। ଏହି ଅବଧିକୁ ଛଅ ମାସ ପାଇଁ ବୃଦ୍ଧି କରାଯାଇଛି। ଏହି ଆଇନ ଅକ୍ଟୋବର ୧ ରୁ କାର୍ଯ୍ୟକାରୀ ହେବ। ମଣିପୁରର ବର୍ତ୍ତମାନର ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ମଣିପୁରରେ, ୧୩ଟି ପୋଲିସ ଷ୍ଟେସନ ଅଞ୍ଚଳ ବ୍ୟତୀତ




ସମଗ୍ର ରାଜ୍ୟରେ ଏଏଫ୍‌ଏସ୍‌ପିଏ କାର୍ଯ୍ୟକାରୀ ହେବ।

ଗୃହ ମନ୍ତ୍ରଣାଳୟ ଏକ ବିଜ୍ଞପ୍ତି ଜାରି କରି କହିଛି ଯେ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର "ଅଶାନ୍ତ" ଅଞ୍ଚଳରେ ଏଏଫ୍‌ଏସ୍‌ପିଏ କାର୍ଯ୍ୟକାରୀ ହେବ। ଏହି ତାଲିକାରେ ନାଗାଲ୍ୟାଣ୍ଡର ନଅଟି ସମେତ ପାଞ୍ଚଟି ଜିଲ୍ଲାର ୨୧ଟି ପୋଲିସ ଷ୍ଟେସନ ଅନ୍ତର୍ଭୁକ୍ତ, ଯେଉଁଠାରେ ଏଏଫ୍‌ଏସ୍‌ପିଏ ଆଗାମୀ ଛଅ ମାସ ପାଇଁ କାର୍ଯ୍ୟକାରୀ ହେବ। ଅରୁଣାଚଳ ପ୍ରଦେଶର ତିରପ, ଚାଙ୍ଗଲାଙ୍ଗ ଏବଂ ଲୋଙ୍ଗଡିଙ୍ଗରେ ମଧ୍ୟ ଏଏଫ୍‌ଏସ୍‌ପିଏ କାର୍ଯ୍ୟକାରୀ ହେବ। ଆସାମ ସୀମାନ୍ତବର୍ତ୍ତୀ ନାମସାଇ ଜିଲ୍ଲାରେ ମଧ୍ୟ ଏହି ଆଇନ କାର୍ଯ୍ୟକାରୀ ହେବ। ଅରୁଣାଚଳ ପ୍ରଦେଶ, ମଣିପୁର ଏବଂ ନାଗାଲାଣ୍ଡରେ ପ୍ରଯୁଜ୍ୟ ଏଏଫ୍‌ଏସ୍‌ପିଏ ଅକ୍ଟୋବର ୧ ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଛଅ ମାସ ପାଇଁ କାର୍ଯ୍ୟକାରୀ ହେବ।

# ଯବାନଙ୍କୁ ରକ୍ଷା କରିବ ଅନନ୍ତ

ନୂଆଦିଲ୍ଲୀ: ଭାରତୀୟ ସେନା ଏହାର ବାୟୁ ପ୍ରତିରକ୍ଷାକୁ ସୁଦୃଢ଼ କରିବା ପାଇଁ ଏକ ନିର୍ଣ୍ଣାୟକ ପଦକ୍ଷେପ ନେଇଛି। ଭାରତୀୟ ସେନାର ବାୟୁ ପ୍ରତିରକ୍ଷା ଦ୍ରୁତ ପ୍ରତିକ୍ରିୟା ପୃଷ୍ଠରୁ ବାୟୁ କ୍ଷେପଣାସ୍ତ୍ର ଅନନ୍ତ ଶସ୍ତ୍ରକୁ ସାମିଲ କରିବା ପାଇଁ ଏକ ପ୍ରସ୍ତାବ ପାଇଁ ଅନୁରୋଧ ଜାରି କରିଛି। ଏହା ସାମିଲ ହେବା ପରେ, ଟ୍ୟାଙ୍କ, ଯବାନଙ୍କ ଯୁଦ୍ଧ ଯାନ (ଯେପରିକି ବିଏମପି), ଏବଂ ତୋପ ମଧ୍ୟ ବିପଦରୁ ମଧ୍ୟ ସୁରକ୍ଷିତ ରହିବ।

ଅପରେସନ୍ ସିନ୍ଦୁର ସମୟରେ, ଭାରତୀୟ ସେନାର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଶତ୍ରୁ ବିରୁଦ୍ଧରେ ଏକ ଅଟଳ କାନ୍ଥ ପରି ଠିଆ ହୋଇ ନିଜର ଦକ୍ଷତା ପ୍ରମାଣିତ କରିଛି। ଅନନ୍ତ ଶସ୍ତ୍ର ସହିତ, ଏହି ପ୍ରାଚୀର ଆହୁରି ଶକ୍ତିଶାଳୀ ହେବାକୁ ଯାଉଛି। ଏହି ପ୍ରଣାଳୀ ୧୦ କିଲୋମିଟର ପର୍ଯ୍ୟନ୍ତ ନିମ୍ନରୁ ମଧ୍ୟମ ବାୟୁ କ୍ଷେତ୍ର ଏବଂ ସିଧାସଳଖ ଭୂମି ସୈନ୍ୟ ଏବଂ ଉପକରଣକୁ ସୁରକ୍ଷା ପ୍ରଦାନ କରିବ। ଏହି ଅଞ୍ଚଳଟି ହେଉଛି ସେହି ଅଞ୍ଚଳ ଯେଉଁଠାରେ ଶତ୍ରୁ ବିମାନ, ହେଲିକପ୍ଟର ଏବଂ ଡ୍ରୋନ୍ ସେନା ପାଇଁ ବିପଦ ସୃଷ୍ଟି କରନ୍ତି।

ଅନନ୍ତ ଶସ୍ତ୍ର କ୍ୟୁଆର୍‌ଏସ୍‌ଏମ୍ ଏକ ବିଶ୍ୱସ୍ତରୀୟ ଏବଂ ଗର୍ବିତ ଭାରତୀୟ ପ୍ରତିରକ୍ଷା ପ୍ରଣାଳୀ। ଡିଆରଡିଓ ଦ୍ୱାରା ସ୍ୱଦେଶୀ ଭାବରେ ବିକଶିତ, ଅନନ୍ତ ଶସ୍ତ୍ର ଆତ୍ମନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆକୁ ପ୍ରତିଫଳିତ କରେ। ଏହା ସେନାର ଆବଶ୍ୟକତା ଅନୁସାରେ ପ୍ରସ୍ତୁତ, ଦ୍ରୁତ ଗତିରେ ପରିବର୍ତ୍ତିତ ଯୁଦ୍ଧକ୍ଷେତ୍ରରେ ମଧ୍ୟ ମୋବାଇଲ୍ ୟୁନିଟ୍ ଏବଂ ଯାନ୍ତ୍ରିକ ସୈନ୍ୟମାନଙ୍କୁ ବାୟୁ ପ୍ରତିରକ୍ଷା ପ୍ରଦାନ କରେ। ଏହା କେବଳ ଏକ କ୍ଷେପଣାସ୍ତ୍ର ପ୍ରଣାଳୀ ନୁହେଁ, ବରଂ ଭାରତର ପ୍ରଯୁକ୍ତିବିଦ୍ୟା ଦକ୍ଷତା ଏବଂ ଆତ୍ମନିର୍ଭରତାର ପ୍ରତୀକ। ଏହା ୩୦-୪୦ କିଲୋମିଟର



ଦୂରରେ ଥିବା ବିପଦକୁ ନଷ୍ଟ କରେ, ୬-୧୦ କିଲୋମିଟର ଉଚ୍ଚତାରେ ଅବସ୍ଥିତ ଲକ୍ଷ୍ୟକୁ ନିଷ୍କ୍ରିୟ କରେ, ଯେଉଁଥିରେ ଲଢୁଆ ବିମାନ, ହେଲିକପ୍ଟର, ଡ୍ରୋନ୍, ରକେଟ୍ ଏବଂ କ୍ଷେପଣାସ୍ତ୍ର ଅନ୍ତର୍ଭୁକ୍ତ।

# ଆଇଏଫଏସ୍ ସଞ୍ଜୀବଙ୍କ ମାମଲାରୁ ଓହରିଗଲେ ବିଚାରପତି

ନୈନୀତାଲ: ଦେଶର ବିଚାରବିଭାଗୀୟ ଇତିହାସରେ ଏକ ଅସାଧାରଣ ଘଟଣା ସାମ୍ନାକୁ ଆସିଛି। ଉତ୍ତରାଖଣ୍ଡ କ୍ୟାଡରରେ ଆଇଏଫଏସ୍ ଅଧିକାରୀ ସଞ୍ଜୀବ ଚତୁର୍ବେଦୀଙ୍କ ସମ୍ପର୍କିତ ଏକ ମାମଲାର ଶୁଣାଣିରୁ ପଞ୍ଚଦଶତମ (୧୫) ବିଚାରପତି ମଧ୍ୟ ନିଜକୁ ପୃଥକ କରିନେଇଛନ୍ତି। ଏହା ଏକ ନୂଆ ରେକର୍ଡ, କାରଣ ଏ ପର୍ଯ୍ୟନ୍ତ କୌଣସି ଜଣେ ବ୍ୟକ୍ତିଙ୍କ ସମ୍ପର୍କିତ ମାମଲାରୁ ଏତେ ସଂଖ୍ୟକ ବିଚାରପତି ନିଜକୁ ଦୂରେଇ ନାହାନ୍ତି।

ଏଥର ନୈନୀତାଲ ଉଚ୍ଚନ୍ୟାୟାଳୟଙ୍କ ବରିଷ୍ଠ ବିଚାରପତି ଜଷ୍ଟିସ୍ ରବିନ୍ଦ୍ର ମୈଥାନୀ ଚତୁର୍ବେଦୀଙ୍କ ଦ୍ୱାରା ରୁଜୁ ଅବମାନନା ପିଟିସନ ଶୁଣାଣିରୁ ନିଜକୁ ଅଲଗା କରିନେଇଛନ୍ତି। ଏହି ପିଟିସନ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧୀକରଣ (ସିଏଟି)ଙ୍କ ସଦସ୍ୟ ଓ ରେଜିଷ୍ଟ୍ରି ଉପରେ ରହିତାଦେଶର ଜାଣିଶୁଣି ଅବହେଳାର ଅଭିଯୋଗ ଆଣୁଛି। ଏଣୁ ଜଷ୍ଟିସ ମୈଥାନୀଙ୍କ ଦ୍ୱାରା ୨୬




ସେପ୍ଟେମ୍ବର ୨୦୨୫ରେ ଗୃହୀତ ଆଦେଶରେ ଲେଖା ଯାଇଛି ଯେ ମାମଲାକୁ ଏପରି ଅନ୍ୟ ପୀଠରେ ସୂଚିବଦ୍ଧ କରାଯାଉ, ଯାହାର ସେ ସଦସ୍ୟ ନଥିବେ। ତେବେ ସବୁଠୁ ବଡ଼ କଥା ଯାହା ତାହା ହେଉଛି ଏହି ମାମଲାରୁ ସେ ନିଜକୁ କାହିଁକି ପୃଥକ କଲେ ସେ ନେଇ କୌଣସି କାରଣ ଦର୍ଶାଇ ନାହାନ୍ତି।

ଏହି ଘଟଣାକ୍ରମ ବିଚାରବିଭାଗୀୟ ଅଳିନ୍ଦରେ ଗଭୀର ନିରବତା ଛାଡିଯାଇଛି ଓ ନ୍ୟାୟରେ ବାଧା ଆଡକୁ ସ୍ପଷ୍ଟ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଜଷ୍ଟିସ୍ ମୈଥାନୀ ଉତ୍ତରାଖଣ୍ଡ ଉଚ୍ଚନ୍ୟାୟାଳୟର ତୃତୀୟ ବିଚାରପତି ଜିଏ ଆଇଏଫଏସ୍ ଚତୁର୍ବେଦୀଙ୍କ ମାମଲାରୁ ନିଜକୁ ପୃଥକ କରିଛନ୍ତି। ତାଙ୍କ ପୂର୍ବରୁ ମେ ୨୦୨୩ରେ ଜଷ୍ଟିସ୍ ରାକେଶ ଥପଲିୟାଲ ଓ ଫେବୃଆରୀ ୨୦୨୪ରେ ଜଷ୍ଟିସ୍ ମନୋଜ ତିୱାରୀ ମଧ୍ୟ ନିଜକୁ ମାମଲାରୁ ପୃଥକ କରିନେଇଥିଲେ। ଚଳିତବର୍ଷ ସଞ୍ଜୀବ ଚତୁର୍ବେଦୀଙ୍କ ମାମଲାରେ ଏହା ଚତୁର୍ଥ ରିକ୍ୟୁଜଲ।

ତେବେ ମାମଲାରେ ବିଚାରପତି ନିଜକୁ ଅଲଗା କରିନେବା କେବଳ ଉଚ୍ଚନ୍ୟାୟାଳୟ ପର୍ଯ୍ୟନ୍ତ ସୀମିତ ନାହିଁ, ଏ ପର୍ଯ୍ୟନ୍ତ ୨ ସୁପ୍ରିମକୋର୍ଟ ବିଚାରପତି (ଜଷ୍ଟିସ୍ ରଞ୍ଜନ ଗୋଗଇ ଓ ଜଷ୍ଟିସ୍ ୟୁ.ୟୁ. ଲଳିତ), ୩ ଉଚ୍ଚନ୍ୟାୟାଳୟ ବିଚାରପତି, ୨ ଲୋଅର କୋର୍ଟ ବିଚାରପତି ତଥା କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ (ସିଏଟି)ର ୮ ବିଚାରପତି ଚତୁର୍ବେଦୀଙ୍କ ମାମଲାର ଶୁଣାଣିରୁ ନିଜକୁ ଅଲଗା କରି ନେଇଛନ୍ତି। ହେଲେ ଏ ନେଇ ସେମାନେ କୌଣସି କାରଣ ଦର୍ଶାଇ ନାହାନ୍ତି।

ଏହି ସବୁ ମାମଲାରେ ହରିୟାଣାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଭୂପିନ୍ଦ୍ର ସିଂହ ହୁଡ୍ଡା, ବିଜେପି ଜାତୀୟ ସଭାପତି ଜେ.ପି.ନଡ୍ଡା ଓ ସଞ୍ଜୀବ ଚତୁର୍ବେଦୀଙ୍କ କେନ୍ଦ୍ରୀୟ ଡେପୁଟେସନ ଅଟକାଇବାରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ୍ କମିଟି (ଏସିସି) ସମ୍ପର୍କିତ ବିବାଦୀୟ ଓ ଦୁର୍ନୀତି ସମ୍ପର୍କିତ ମାମଲା ରହିଛି। ବିନା କାରଣ ଦର୍ଶାଇ ବିଚାରପତିମାନେ ଶୁଣାଣିରୁ ଓହରିଯିବା ଜଣେ ସଚ୍ଚୋଟ ଆଇଏଫଏସ ଅଧିକାରୀଙ୍କୁ ନ୍ୟାୟ ଦେବା ରାସ୍ତାରେ ଅଦୃଶ୍ୟ ଚାପ ଓ ଅସାଧାରଣ ବାଧା ଦିଗକୁ ସ୍ପଷ୍ଟ ସଂକେତ କରୁଛି।

# ଆଜି ଭାରତ -ପାକିସ୍ତାନ ଏସିଆ କପ୍ ଫାଇନାଲ

ଦୁବାଇ, ୨୭।୯ (ଏଜେନ୍ସି) : ଏସିଆ କପ୍‌ର ଟାଇଟଲ୍ ଲଢେଇ ରବିବାର ହେବ । ଦୁଇ ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ଭାରତ -ପାକିସ୍ତାନ ହାଇଭୋଲଟେଜ୍ ଲଢେଇରେ ଅବତୀର୍ଣ୍ଣ ହେବେ । ଏସିଆ କପ୍‌ର ୪୧ ବର୍ଷ ଇତିହାସରେ ଦୁଇ ଦଳ ପରସ୍ପରକୁ କେବେ ଫାଇନାଲରେ ଭେଟିନଥିଲେ । ପ୍ରଥମ ଥର ଦୁଇ ଦଳ ଟାଇଟଲ ଲଢେଇରେ ମୁହାଁମୁହିଁ ହେବାକୁ ଯାଉଛନ୍ତି । ଟି -୨୦ ଫର୍ମାଟରେ ଖେଳାଯାଉଥିବା ଚଳିତ ସଂସ୍କରଣର ଗ୍ରୁପ୍ ପର୍ଯ୍ୟାୟ ଓ ସୁପର ୪ ପର୍ଯ୍ୟାୟରେ ଭାରତ ଦୁଇଥର ପାକିସ୍ତାନକୁ ମାତ୍ ଦେଇସାରିଛି । ତେଣୁ ତୃତୀୟ ଥର ପାଇଁ ଉଭୟ ଦଳ ଭେଟାଭେଟି ହେବାକୁ ଯାଉଛନ୍ତି । ଭାରତ ଲଗାତାର ୬ ଟି ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଛି । ଏହି ସମୟରେ ପାକିସ୍ତାନ ପୂର୍ବ ଦୁଇଟି ପରାଜୟକୁ ପଛରେ ଛାଡି ଟାଇଟଲ ମୁକାବିଲାରେ ପାଇଁ ସଜବାଜ ହୋଇଛି । ପାକିସ୍ତାନ ବିପକ୍ଷ ଫାଇନାଲ ପୂର୍ବରୁ ଟିମ୍ ଇଣ୍ଡିଆ ଭଲ ଫର୍ମରେ ରହିଛି କିନ୍ତୁ ଭାରତୀୟ ଶିବିରରେ ଖେଳାଳିଙ୍କ ଫିଟ୍‌ନେସ୍ ସମସ୍ୟା ଚିନ୍ତା ବଢାଇଛି ।

ଭାରତୀୟ ବୋଲିଂ ପ୍ରଶିକ୍ଷକ ମର୍ଣ୍ଣ ମୋରକେଲ୍ କହିଛନ୍ତି ଦୁବାଇରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚର ଦ୍ୱିତୀୟ ଇନିଂସରେ କ୍ରାମ୍ପ କାରଣରୁ ଅଭିଶେଷ ଶର୍ମା ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୁରୁତ୍ୱପୂର୍ଣ୍ଣ ସମୟରେ ପଡିଆ ବାହାରେ ଥିଲେ । ସେ କହିଛନ୍ତି ଯେ ଅଭିଶେଷ ଭଲ ପ୍ରଦର୍ଶନ କରୁଛନ୍ତି । କିନ୍ତୁ ରବିବାର ପାକିସ୍ତାନ ବିପକ୍ଷ ଏସିଆ କପ୍ ଫାଇନାଲ ପୂର୍ବରୁ ହାର୍ଦ୍ଦିକଙ୍କ ମୂଲ୍ୟାଙ୍କନ କରାଯିବ । ଉଭୟ କ୍ରାମ୍ପରେ ପୀଡିତ ଥିଲେ । ଶ୍ରୀଲଙ୍କାର ବ୍ୟାଟିଂ ସମୟରେ ପାଣ୍ଡ୍ୟା ଇନିଂସର ପ୍ରଥମ ଓଭର ବୋଲିଂ କରି ପଡିଆ ଛାଡିଥିଲେ । ଅଭିଶେକ ପାଭିଲିୟନକୁ ଯିବା ବେଳେ ୯.୨ ଓଭର ବୋଲିଂ ହୋଇଥିଲା । ଅଭିଶେକ ସୁପର ଓଭରରେ ମଧ୍ୟ ବ୍ୟାଟିଂ କରିନଥିଲେ । ଯାହାକୁ ନେଇ ଏବେ ଏସିଆ କପ୍ ଫାଇନାଲରେ କ'ଣ ହେବ ସମସ୍ତଙ୍କୁ ଚିନ୍ତା ଘାରିଛି ।

ସୁପର ଓଭରରେ ଶ୍ରୀଲଙ୍କାକୁ ପରାସ୍ତ କରିବା ପରେ ଅଧିନାୟକ ସୂର୍ଯ୍ୟକୁମାର କହିଥିଲେ ଫାଇନାଲ ପୂର୍ବରୁ ଏକାଧିକ ଭାରତୀୟ ଖେଳାଳି କ୍ରାମ୍ପରେ ପୀଡିତ ହୋଇଛନ୍ତି । ଲଗାତାର ଷଷ୍ଠ ବିଜୟ ହାସଲ କରିବା ପରେ ଟିମ୍ ଇଣ୍ଡିଆ ସୂର୍ଯ୍ୟକୁମାର କହିଥିଲେ ରାତି ଭିତରେ ସୁସ୍ଥ ହୋଇଯିବେ । କିଛି ଖେଳାଳି ଗୁରୁତର କ୍ରାମ୍ପରେ ପୀଡିତ ଅଛନ୍ତି । ସୂର୍ଯ୍ୟଙ୍କ ବୟାନ ସ୍ପଷ୍ଟ ଭାବରେ ସୂଚାଇଦେଇଛି ଯେ ଟିମ୍ ଇଣ୍ଡିଆ ଫାଇନାଲରେ ପାକିସ୍ତାନ ମୁକାବିଲା କରିବାକୁ ପ୍ରସ୍ତୁତ ହେଲେ ଏବେବି କିଛି ଖେଳାଳି ଅସୁସ୍ଥ ଅଛନ୍ତି । ତେଣୁ ରବିବାର ଟିମ୍ ଇଣ୍ଡିଆର ବଡ ଚିନ୍ତା ଯେ ଚୂଡାନ୍ତ ଏକାଦେଶରେ କେଉଁମାନେ ସ୍ଥାନ ପାଇବେ ।

କିଏ ଜିତିଛି କେତେ ଥର :-

ଏସିଆ କପ୍ ୧୭ ତମ ସଂସ୍କରଣରେ ପ୍ରଥମ ଥର ପାଇଁ ଭାରତ ଓ ପାକିସ୍ତାନ ଟାଇଟଲ ଲଢେଇରେ ମୁହାଁମୁହିଁ ହେବେ । ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ୮ ଥର ଚାମ୍ପିଅନ୍ ହୋଇଛି । ୧୯୮୪, ୧୯୮୮, ୧୯୯୦-୯୧, ୧୯୯୫, ୨୦୧୦, ୨୦୧୬, ୨୦୧୮ ଓ ୨୦୨୩ରେ ଭାରତ ଚାମ୍ପିଅନ ହୋଇଥିଲା । ଅନ୍ୟ ପକ୍ଷରେ ପାକିସ୍ତାନ ୨୦୦୦ ଓ ୨୦୧୨ରେ ଦୁଇଥର ଚାମ୍ପିଅନ୍ ହୋଇଛି ।

## ବାବର ଆଜମଙ୍କୁ ଆଣିବାକୁ ଚାହୁଁଥିଲା ପାକିସ୍ତାନ

ବାବର ଆଜମ ଓ ମହମ୍ମଦ ରିଜୱାନ ଏବେ ପାକିସ୍ତାନ ଦଳ ବାହାରେ ଅଛନ୍ତି, ଉଭୟଙ୍କୁ ଏସିଆ କପ୍ ଦଳରୁ ବାଦ୍ ଦିଆଯାଇଥିଲା । କିନ୍ତୁ ବାବରଙ୍କୁ ନେଇ ପାକିସ୍ତାନ ମିଡିଆରେ ବଡ ଖୁଲାସା ହୋଇଛି । ଭାରତ ବିପକ୍ଷ ଗ୍ରୁପ୍ ପର୍ଯ୍ୟାୟ ଓ ସୁପର ୪ ମ୍ୟାଚ୍ ହାରିବା ପରେ ପାକିସ୍ତାନ ଦଳ ମ୍ୟାନେଜମେଣ୍ଟ ପୂର୍ବତନ ଅଧିନାୟକ ବାବର ଆଜମଙ୍କୁ ଏସିଆ କପ୍ ଦଳରେ ସାମିଲ କରିବା ପାଇଁ ଉଦ୍ୟମ କରିଥିଲା । ବିଶେଷ କରି ଭାରତ ବିପକ୍ଷ ଫାଇନାଲ ପୂର୍ବରୁ ବାବରଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରିବାକୁ ପିସିବି ଚାହୁଁଥିଲା । ଏନେଇ ଏସିଆ କପ୍ ଆୟୋଜକଙ୍କୁ ମଧ୍ୟ ଅନୁରୋଧ କରାଯାଇଥିଲା । ହେଲେ ଆୟୋଜକ ପାକିସ୍ତାନର ଅନୁରୋଧକୁ ଅଗ୍ରାହ୍ୟ କରିଦେଇଛନ୍ତି । ଟୁର୍ଣ୍ଣାମେଣ୍ଟ ମଝିରେ ଯଦି ଦଳର କୌଣସି ଖେଳାଳି ଆହତ ହୁଅନ୍ତି ତେବେ ନୂଆ ଖେଳାଳିଙ୍କୁ ସାମିଲ କରାଯାଇପାରିବ । ପାକିସ୍ତାନ ଦଳରେ ସେମିତି କିଛି ଘଟିନଥିବାରୁ ପିସିବିର ବାବର ଅନୁରୋଧକୁ ଆୟୋଜକ ଗ୍ରହଣ କରିନାହାଁନ୍ତି ।


WANTED
ବୟସ୍କ ଲୋକ କେୟାର, ବେବି କେୟାର ଓ ରୋଷେଇ ଘରକାମ ପାଇଁ ତିନିଜଣ ମହିଳା ଆବଶ୍ୟକ
"ଭଲ ଦରମା"
Mob. 8339888654

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶୁଭେଚ୍ଛା ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

LIFE HEALTH CARE
"ପ୍ରତିଟି ଜୀବନ ଆମ ପାଇଁ ମୂଲ୍ୟବାନ।"
ଦୈନିକ ଖବରକାଗଜ 'ସମୟ'ର
୨୯ତମ ସନକ୍ଷତ୍ର ଦିବସ
ଏବଂ ପବିତ୍ର ଦୁର୍ଗାପୂଜା ଓ ଦଶହରା ପାଇଁ
ସମସ୍ତ ଜନସାଧାରଣଙ୍କୁ ଆମ୍ଭ ତରଫରୁ
ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା
AT-BY-PASS (NEAR RURAL POLICE STATION),
PO/DIST-BHADRAK-756100

ପବିତ୍ର ଦୁର୍ଗାପୂଜା ଓ ଦଶହରା ଉପଲକ୍ଷେ ଶାରଦୀୟ ଅଭିନନ୍ଦନ
JANAKI DEVI JUNIOR & SENIOR NURSING SCHOOL, BHADRAK, ESTD - 2014
JANAKI DEVI
JUNIOR & SENIOR NURSING SCHOOL
(Affiliated by : Indian Nursing Council,
Recognized by : ONMC, Govt. of Odisha)
9438462967
AT-SALANDI BY-PASS,
P.O/DIST.-BHADRAK-756100
Email : janakidevischoolofnursing@gmail.com

With Best Compliments From :-
ପବିତ୍ର ଦୁର୍ଗାପୂଜା ଅବସରରେ ଜିଲ୍ଲା ବାସୀଙ୍କୁ ଆମ୍ଭ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
Radhamadhabaya Namah
Authorised Dealer :-
Mega Offer
Every Purchase of Granite 10% Discount
NITCO TILE
AGL TILE
COLOR TILE
ALL KIND OF GRANITE
GRANITE CENTRE
Chhapulia, NH-16, Dahanigadia, Bhadrak
Mob.: 9964311292, 8618204177, 9938502726, 9036104224






With Best Compliments From :
BHARAT MARBLE
Mob.: 9853828790
NEAR NEW BUS STAND, N.H.-16,
MATHASAHI, BHADRAK-756100

ADMISSION OPEN
2025-26
BHADRAK NURSING COLLEGE
COURSE
B.SC. NURSING
100% PLACEMENT
OUR FACILITIES:
➤EXCELLENT TEACHING
➤GROUP DISCUSSION
➤DOUBT CLEAR CLASS
➤TIE-UP WITH LEADING INTERNSHIP & TRAINING
➤24 HOURS CCTV SURVEILLANCE
➤SC & ST SCHOLARSHIP
➤SARADA KAMALA SCHOLARSHIP FOR STUDENTS SCORING ABOVE 90% IN 12TH
➤FIRST COME FIRST BASIS
➤Wi-Fi FACILITIES
➤WELL-EQUIPED LIBRARY WITH PERIODICAL MAGAZINE AND JOURNALS
➤BUS FACILITIES FOR DAY SCHOLAR STIDENTS
OUR RECRUITERS:
UTKAL HOSPITAL, CARE, KIMS, SUNSHINE HOSPITALS, VIVEKANAND HOSPITAL, PARAS HOSPITALS, ULTIMATE MEDICARE, AMRI HOSPITALS, MAX HEALTHCARE, PUNYA HOSPITAL, INDUS HOSPITAL, TATA STEEL MEDICA Hospital
AT/PO- MOTEL CHHAK, DIST- BHADRAK
Mob.- 8093710040, 8658752990, Mail- kwscbdk@gmail.com











Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି